ସାପ୍ତାହିକ ସ୍ୱୀକାର
Postal Regd. No.: SBP/14/2019-2021
The Sweekar स्वीकार
www.sweekarweekly.com
ପ୍ରତିଷ୍ଠାତା ସମ୍ପାଦକ : ସ୍ୱ ଶରତ ନାରାୟଣ ବେହେରା
RNI No. 66443/94
Vol.25 | Issue - 27 | 01 - 07 August 2021 | Sambalpur | Page-12 | Invitation Price Rs.10

# ଇଚ୍ଛାଶକ୍ତି ଥିଲେ ସଫଳତା ନିଶ୍ଚୟ ମିଳେ

ସମ୍ବଲପୁର: ସମ୍ବଲପୁର ଜିଲ୍ଲାର ଏକ ଅଖ୍ୟାତ ପଲ୍ଲୀରେ ରହନ୍ତି ଇଶାକ ମୁଣ୍ଡା । ଶିକ୍ଷାଗତ ଯୋଗ୍ୟତା ମାତ୍ର ସପ୍ତମ । ସାଧାରଣ ଗରିବ ଓଡ଼ିଆଙ୍କ ପରି ଚାଲିଚଳଣ । ତେବେ ସେ ଖାଉଥିବା ବାସି ପଖାଳ, ପିଆଜ, କଞ୍ଚା ଲଙ୍କାର ଭିଡିଓ ତାଙ୍କୁ ପ୍ରସିଦ୍ଧି ଦେଇଛି । ଜଣେ ଦିନ ମଜୁରିଆରୁ ସେ ଆଜି ଲକ୍ଷପତି ହୋଇ ପାରିଛନ୍ତି । ଏପରିକି ପ୍ରଧାନମନ୍ତ୍ରୀ ନରେନ୍ଦ୍ର ମୋଦୀ ତାଙ୍କର କାର୍ଯ୍ୟକ୍ରମ 'ମନ କି ବାତ'ରେ ଇଶାକ ମୁଣ୍ଡାଙ୍କୁ କମ୍ ଥିବା ଏବଂ ହିନ୍ଦୀ ତାଙ୍କ ମାତୃଭାଷା ହୋଇ ନ ଥିବା ସତ୍ତ୍ୱେ ସେ କହୁଥିବା ଖଣ୍ଡି ହିନ୍ଦୀକୁ ଲୋକ ଖୁବ୍ ପସନ୍ଦ କରନ୍ତି । ତାଙ୍କର ଅଧିକାଂଶ ଭିଡିଓକୁ ଲକ୍ଷାଧିକ ଲୋକ ଦେଖିଥାନ୍ତି । ଏହି ଭିଡିଓରୁ ଗତ ଅଗଷ୍ଟ ମାସରେ ତାଙ୍କର ମାସିକ ଆୟ ୫ ଲକ୍ଷ ପର୍ଯ୍ୟନ୍ତ ହୋଇଥିବା ବେଳେ ଏବେ ମାସକୁ ଲକ୍ଷାଧିକ ଟଙ୍କା ଆୟ କରୁଛନ୍ତି ।

ପ୍ରଧାନମନ୍ତ୍ରୀ ନରେନ୍ଦ୍ର ମୋଦୀ ତାଙ୍କ 'ମନ କି ବାତ' କାର୍ଯ୍ୟକ୍ରମରେ ଇଶାକ ମୁଣ୍ଡା ବାବଦରେ ପ୍ରକ୍ରିୟା, ନିଜର ଗାଁ, ନିଜର ଚଳଣି, ପରିବାର ଏବଂ ଖାଦ୍ୟ ପାନୀୟର ଅଭ୍ୟାସକୁ ପ୍ରମୁଖତାର ସହ ଦେଖାଉଛନ୍ତି ସେ ବିଷୟରେ ମୋଦୀ ଦେଶର ଯୁବପିଢ଼ିଙ୍କୁ ଅବଗତ କରାଇଛନ୍ତି । ଇଶାକ ମୁଣ୍ଡା ଓଡ଼ିଶାର ଗ୍ରାମୀଣ ସଂସ୍କୃତି ଏବଂ ବ୍ୟଞ୍ଜନକୁ ମିଶାଇ ଯେଭଳି ଉତ୍ସବ ପାଳନ କରୁଛନ୍ତି ତାହା ପ୍ରତିଟି ଯୁବଗୋଷ୍ଠୀଙ୍କ ପାଇଁ ପ୍ରେରଣାପ୍ରଦ ।

ପ୍ରଧାନମନ୍ତ୍ରୀଙ୍କ ଏହି ଅଭିଭାଷଣ ପରେ ଖୁବ୍ ପ୍ରଶଂସା କରିଛନ୍ତି । ଜଣେ ଶ୍ରମିକ ଭାବେ କାର୍ଯ୍ୟ କରୁଥିବା ଇଶାକ୍ ଆଜି ଜଣେ ସଫଳ ୟୁ-ଟ୍ୟୁବର । ତାଙ୍କ ଚ୍ୟାନେଲ 'ଇଶାକ ମୁଣ୍ଡା ଇଟିଂ'ରେ ସେ ତାଙ୍କର ଦୈନନ୍ଦିନ ଜୀବନର ଚାଲିଚଳଣ, ଖାଦ୍ୟପାନୀୟ ସହ ଅଞ୍ଚଳର କଥା, ସମ୍ପ୍ରଦାୟର କଥା, ନିଜର ଜୀବନର କଥା, ଜଙ୍ଗଲର କଥା କହନ୍ତି । ଏକ ଗାଁରେ ବଞ୍ଚୁଥିବା ଇଶାକ ଗ୍ରାମୀଣ ଭାରତର କଥା କହନ୍ତି । ଶିକ୍ଷାଗତ ଯୋଗ୍ୟତା ମୂଲ୍ୟବାନ ମନ୍ତବ୍ୟ ଦେଇଥିଲେ । ସେ କିଭଳି ଟେକ୍ନୋଲୋଜିର ବ୍ୟବହାର କରୁଛନ୍ତି ଓ ତାଙ୍କ ଦିନ ମଜୁରିଆରୁ ୟୁ-ଟ୍ୟୁବର ହେବାର ସଫଳ କାହାଣୀ ସଂପର୍କରେ ପ୍ରଧାନମନ୍ତ୍ରୀ କହିଛନ୍ତି । ଏବେ ଇଶାକ୍ କିଭଳି ଜଣେ 'ଇଣ୍ଟରନେଟ୍ ସେନସେସନ' ପାଲଟିଛନ୍ତି ଓ ୟୁଟ୍ୟୁବରୁ ବହୁତ ଟଙ୍କା ରୋଜଗାର କରୁଛନ୍ତି, ତାଙ୍କ ଚ୍ୟାନେଲରେ ସେ ସ୍ଥାନୀୟ ବ୍ୟଞ୍ଜନ, ପାରମ୍ପରିକ ଖାଦ୍ୟ ପ୍ରସ୍ତୁତିର ଇଶାକ ସଂପ୍ରତି ଗୁଗୁଲରେ ସର୍ଚ୍ଚ ହେଉଥିବା ଜଣେ ସେଲିବ୍ରିଟି ପାଲଟି ଯାଇଛନ୍ତି । ସମ୍ବଲପୁର ଜିଲ୍ଲା ଯୁଯୋମୁରା ବ୍ଲକ ଅନ୍ତର୍ଗତ ବାବୁପାଲିର ୩୦ ପରିବାର ବିଶିଷ୍ଟ ଏକ ଆଦିବାସୀ ଅଧୁଷିତ ଗାଁରେ ସେ ରହନ୍ତି । ପାହାଡ଼ ତଳେ ଥିବା ଏହି ଗାଁକୁ ଆଜିଯାଏଁ ନିତିଦିନିଆ ରାସ୍ତା ନାହିଁ । ଏଭଳି ଏକ ଗାଁର ଇଶାକଙ୍କ ୟୁଟ୍ୟୁବ ବାବଦରେ ବିଶେଷ ଜ୍ଞାନ ନ ଥିଲା । (ଅବଶିଷ୍ଟାଂଶ ୧୧ମ ପୃଷ୍ଠାରେ)

## ଇଶାକ୍‌ଙ୍କୁ ପ୍ରଶଂସା କଲେ ପ୍ରଧାନମନ୍ତ୍ରୀ

ଗତ ରବିବାର ଦିନ ପ୍ରଧାନମନ୍ତ୍ରୀ ନରେନ୍ଦ୍ର ମୋଦି ରେଡ଼ିଓରେ ପ୍ରସାରିତ 'ମନ କୀ ବାତ' କାର୍ଯ୍ୟକ୍ରମରେ ଇସାକ ମୁଣ୍ଡାଙ୍କ ସଫଳତା ସମ୍ପର୍କରେ ସୂଚନା ଦେଇ କହିଥିଲେ ଯେ, 'ଆମର ଜଣେ ବନ୍ଧୁଙ୍କ ଦ୍ୱାରା କରାଯାଇଥିବା ପ୍ରଯୁକ୍ତିବିଦ୍ୟାର ଉପଯୋଗ ଆପଣମାନଙ୍କୁ ଆଶ୍ଚର୍ଯ୍ୟାନ୍ୱିତ କରିଦେବ । ଏହି ବନ୍ଧୁ ଜଣକ ହେଉଛନ୍ତି ଓଡ଼ିଶାର ସମ୍ବଲପୁର ଜିଲ୍ଲାର ଗୋଟିଏ ଗାଁରେ ବାସ କରୁଥିବା ଶ୍ରୀଯୁକ୍ତ ଇସାକ୍ ମୁଣ୍ଡା । ଇସାକ୍ ମହାଶୟ ଯିଏ ଦିନେ ଜଣେ ଦିନମଜୁରିଆ ଭାବେ କାମ କରୁଥିଲେ, ଆଜି ସେ ଜଣେ ଇଣ୍ଟରନେଟ୍ ସେନ୍ସେସନ୍ ପାଲଟି ଯାଇଛନ୍ତି । ନିଜର ୟୁ-ଟ୍ୟୁବ୍ ଚ୍ୟାନେଲରୁ ସେ ପ୍ରଚୁର ଅର୍ଥ ଉପାର୍ଜନ କରୁଛନ୍ତି । ନିଜ ଭିଡିଓ ଗୁଡିକରେ ସେ ସ୍ଥାନୀୟ ବ୍ୟଞ୍ଜନ, ପାରମ୍ପରିକ ରନ୍ଧନଶୈଳୀ, ନିଜ ଗାଁ, ନିଜର ଜୀବନ ଶୈଳୀ, ପରିବାର ଏବଂ ଖାଦ୍ୟପେୟର ଅଭ୍ୟାସ ସମ୍ପର୍କରେ ପ୍ରଦର୍ଶିତ କରୁଛନ୍ତି । ଜଣେ ୟୁଟ୍ୟୁବର ଭାବେ ତାଙ୍କର ଯାତ୍ରା ମାର୍ଚ୍ଚ ୨୦୨୦ ରେ ଆରମ୍ଭ ହୋଇଥିଲା । ଯେତେବେଳେ ସେ ଓଡ଼ିଶାର ସୁପ୍ରସିଦ୍ଧ ସ୍ଥାନୀୟ ଖାଦ୍ୟ 'ପଖାଳ' ସହ ଜଡିତ ଗୋଟିଏ ନିଛକ ଭିଡିଓ ପୋଷ୍ଟ କରିଥିଲେ । ସେବେଠାରୁ ସେ ଶହ ଶହ ଭିଡିଓ ପୋଷ୍ଟ କରି ସାରିଛନ୍ତି । ତାଙ୍କର ଏହି ପ୍ରଚେଷ୍ଟା ଅନେକ କାରଣରୁ ନିଆରା । ବିଶେଷକରି ଏଥିପାଇଁ ଯେ, ଏହା ଦ୍ୱାରା ସହରାଞ୍ଚଳରେ ରହୁଥିବା ଲୋକଙ୍କୁ ସେହି ଜୀବନଶୈଳୀ ଦେଖିବାର ସୁଯୋଗ ମିଳୁଛି, ଯାହା ବିଷୟରେ ସେମାନେ ବେଶୀ କିଛି ଜାଣନ୍ତିନି । ଇସାକ୍ ମୁଣ୍ଡା ମହାଶୟ ସଂସ୍କୃତି ଏବଂ ବ୍ୟଞ୍ଜନ ଉଭୟକୁ ମିଶାଇ ମନୋରଞ୍ଜନ କରୁଛନ୍ତି ଏବଂ ଆମ ସମସ୍ତଙ୍କୁ ପ୍ରେରଣା ମଧ ଯୋଗାଉଛନ୍ତି ।




## 'ଅତିବଡୀ ଜଗନ୍ନାଥ ଦାସ ପୁରସ୍କାର' ପାଇଲେ ରାମଚନ୍ଦ୍ର ବେହେରା

ଭୁବନେଶ୍ୱର : ଓଡ଼ିଶା ସାହିତ୍ୟ ଏକାଡେମିର ୨୮ତମ ପୁରସ୍କାର ବିତରଣୀ ଉତ୍ସବରେ ଏକାଡେମିର ସର୍ବୋଚ୍ଚ ପୁରସ୍କାର 'ଅତିବଡୀ ଜଗନ୍ନାଥ ଦାସ ପୁରସ୍କାର' ବିଶିଷ୍ଟ କଥାଶିଳ୍ପୀ ତଥା ସାରସ୍ୱତ ସାଧକ ଡକ୍ଟର ରାମଚନ୍ଦ୍ର ବେହେରାଙ୍କୁ ପ୍ରଦାନ କରାଯାଇଛି । ସଂସ୍କୃତି ଭବନ ଠାରେ ନିରାଡ଼ମ୍ବର ଭାବେ ଆୟୋଜିତ ଏକ ଉତ୍ସବରେ ମୁଖ୍ୟ ଅତିଥି ଭାବେ ଓଡ଼ିଆ ଭାଷା, ସାହିତ୍ୟ ଓ ସଂସ୍କୃତି ମନ୍ତ୍ରୀ ଜ୍ୟୋତିପ୍ରକାଶ ପାଣିଗ୍ରାହୀ ଯୋଗ ଦେଇ ପୁରସ୍କାର ପ୍ରଦାନ କରିଥିଲେ । ଏହି ଅବସରରେ ଡକ୍ଟର ବେହେରାଙ୍କୁ ୫ ଲକ୍ଷ ଟଙ୍କାର ପୁରସ୍କାର ରାଶି ପ୍ରଦାନ କରାଯାଇଥିଲା । ଏଥିସହ ସାରସ୍ୱତ ସାଧନା ଓ ଓଡ଼ିଆ ବାଣୀଭଣ୍ଡାରକୁ ଉଲ୍ଲେଖନୀୟ ଯୋଗ ଦାନ ନିମନ୍ତେ ୧୫ ଜଣ ବୟୋଜ୍ୟେଷ୍ଠ ସାରସ୍ୱତ ସାଧକ/ ସାଧିକାଙ୍କୁ ମଧ ମାନପତ୍ର, ଉପଢ଼ୌକନ ଓ ୧ ଲକ୍ଷ ଟଙ୍କା ଲେଖାଏଁ ପୁରସ୍କାର ରାଶି ପ୍ରଦାନ କରାଯାଇଥିଲା । ଅତିବଡ଼ୀ ପୁରସ୍କାରରେ ଭୂଷିତ ହେବା ପରେ ବିଶିଷ୍ଟ କଥାକାର ଡକ୍ଟର ବେହେରା ଜୀବନ ଶାଶ୍ୱତ ଓ ଅମୃତମୟ ବୋଲି ଉଲ୍ଲେଖ କରିବା ସହିତ ଲେଖକୀୟ ପ୍ରତିବଦ୍ଧତା ଉପରେ ଆଲୋକପାତ କରିଥିଲେ ।



## ଜାତୀୟ ମୁଷ୍ଟିଯୋଦ୍ଧା ଏବେ ଚା' ବିକାଳି

ରାଉରକେଲା : ଦିନେ ରାଜ୍ୟ ପାଇଁ ଗୌରବ ଆଣିଥିଲେ । କିନ୍ତୁ ଏବେ ଅଲୋଡ଼ା ହୋଇଯାଇଛନ୍ତି ସେହି ଜାତୀୟସ୍ତରର ମୁଷ୍ଟିଯୋଦ୍ଧା । ରାଉରକେଲା ଇସ୍ପାତ କାରଖାନା ପାଇଁ ଖେଳୁଥିବା ରାଉରକେଲାର ରାମେଶ୍ୱର ପରିବାର ଚଳାଇବା ପାଇଁ ଏବେ ରାସ୍ତାକଡ଼ରେ ଚା' ବିକ୍ରି କରୁଛନ୍ତି । ନିଜ ପାଇଁ ସମ୍ମାନଜନକ ବୃତ୍ତି ଖୋଜିବାରେ ବିଫଳ । ରାମେଶ୍ୱରଙ୍କୁ ପୂର୍ବ ସଫଳତା ଏବେ ବୋଝ ଭଳି ଲାଗୁଛି । ଆରଏସପି କର୍ତ୍ତୃପକ୍ଷଙ୍କ ପ୍ରତାରଣା ତାଙ୍କୁ ସବୁଠାରୁ ଅଧିକ ଯନ୍ତ୍ରଣା ଦେଉଛି । ଆରଏସପି ପକ୍ଷରୁ ଖେଳିଥିଲେ ମଧ ନିଯୁକ୍ତି ମିଳି ନ ଥିଲା । ଆରଏସପି ଦ୍ୱାରା ପ୍ରତାରିତ ହେବା ପରେ ନିରାଶ ହୋଇ ରାମେଶ୍ୱର ତାଙ୍କ ସମସ୍ତ ମାନପତ୍ର ଏବଂ ପଦକକୁ ପୋଡି ଦେଇଥିଲେ । ତାଙ୍କ ଏକମାତ୍ର ମେଧାବୀ ଝିଅ ସୁରଚିତା ଭୁବନେଶ୍ୱର ସିଇଟି ଇଞ୍ଜିନିୟରିଂ କଲେଜରେ ଅଧ୍ୟୟନରତ । କଲେଜ ଫି' ଦେବାକୁ ବି ରାମେଶ୍ୱର ଅସମର୍ଥ ରହିଛନ୍ତି । ପତ୍ନୀ ଏବେ ପକ୍ଷାଘାତରେ ପୀଡିତ ହୋଇ ଶଯ୍ୟାଶାୟୀ ଅବସ୍ଥାରେ ଅଛନ୍ତି ।





ଆରଏସପିର ପୂର୍ବତନ କର୍ମଚାରୀ ତ୍ରିନାଥ ପ୍ରସାଦ ରାୟଗୁରୁଙ୍କ ପୁଅ ରାମେଶ୍ୱର ରାୟଗୁରୁ । ପିଲାବେଳୁ ମୁଷ୍ଟିଯୁଦ୍ଧ ପ୍ରତି ଆଗ୍ରହ ଥିଲା । ଏହା ସହିତ ପୂର୍ବତନ କୋଚ୍ ଜେଏମ ଦାସ, ଆରସି ଶରଣ ଏବଂ ଏସପିକେ ରାଓଙ୍କ ଦ୍ୱାରା ତାଲିମ ପାଇ ରାମେଶ୍ୱର ଜଣେ ସୁନାମଧନ୍ୟ ମୁଷ୍ଟିଯୋଦ୍ଧା ହୋଇ ପାରିଥିଲେ । ତାଙ୍କ ପିତା କ୍ରୟ ବିଭାଗରେ ସିନିୟର ଆସିଷ୍ଟାଣ୍ଟ ଭାବେ କାମ କରୁଥିବାରୁ ସେ ଆରଏସପି ପକ୍ଷରୁ ଖେଳିବା ଆରମ୍ଭ କରିଥିଲେ । ଅନେକ ସମ୍ମାନ ଓ ପ୍ରତିଷ୍ଠା ମଧ ଅର୍ଜନ କରିଥିଲେ ।

ରାମେଶ୍ୱର ସିନିୟର ଗ୍ରୁପରେ ଲାଇଟ୍ ଫ୍ଲାଏ ଓଜନ ବର୍ଗରେ ରାଜ୍ୟସ୍ତରୀୟ ଚାମ୍ପିଅନ ହୋଇଥିଲେ । ୧୯୮୨ ରେ ନୂଆଦିଲ୍ଲୀରେ ଆଇଏନସିଏ ଚାମ୍ପିଅନସିପରେ ରୌପ୍ୟପଦକ ଏବଂ ସର୍ବଶ୍ରେଷ୍ଠ ଲୁସର ଟ୍ରଫି ୧୯୮୩ ଏବଂ ୧୯୮୫ ରେ ସମାନ ପ୍ଲେ ଅଫରେ ଦୁଇଟି ସ୍ୱର୍ଣ୍ଣ ପଦକ ଜିତିଥିଲେ । ୧୯୮୮ ନଭେମ୍ବର ୬ ତାରିଖରେ ସେ ୨୩ ତମ ରାଜ୍ୟ ସିନିୟର ବକ୍ସିଂ ଚାମ୍ପିଅନସିପରେ ସ୍ୱର୍ଣ୍ଣ ପଦକ ହାସଲ କରିଥିଲେ । କୋଲକାତାର ଇଡେନ୍ ଗାର୍ଡେନରେ ସିନିୟର ନ୍ୟାସନାଲ ବକ୍ସିଂ ଚାମ୍ପିଅନସିପ୍, ରାଉରକେଲାଠାରେ ସର୍ବଭାରତୀୟ ଆମନ୍ତ୍ରଣ ବକ୍ସିଂ ଚାମ୍ପିଅନସି ପ୍ରଥମ, ନୂଆଦିଲ୍ଲୀରେ ଆୟୋଜିତ ସର୍ବଭାରତୀୟ ଆମନ୍ତ୍ରଣ ବକ୍ସିଂ ଚାମ୍ପିଅନସିପରେ ତୃତୀୟ ସ୍ଥାନ ଅଧିକାର କରିଥିଲେ । ୧୯୮୮ ଡିସେମ୍ବରରେ ସିମଳା ଠାରେ ସିନିୟର ନ୍ୟାସନାଲ ବକ୍ସିଂ ଚାମ୍ପିଅନସିପରେ ସେ ସ୍ୱର୍ଣ୍ଣପଦକ ହାସଲ କରିଥିଲେ । ରାଉରକେଲା ଠାରେ ସିନିୟର ନ୍ୟାସନାଲ ବକ୍ସିଂ ଚାମ୍ପିଅନସିପରେ ସେ ପ୍ରଥମ ସ୍ଥାନ ଅଧିକାର କରିଥିଲେ । ନୂଆଦିଲ୍ଲୀ ଠାରେ ସିନିୟର ନ୍ୟାସନାଲ ବକ୍ସିଂ ଚାମ୍ପିଅନସିପରେ ମଧ ପ୍ରଥମ ସ୍ଥାନ ଅଧିକାର କରିଥିଲେ । ଫେଡେରେସନ କପରେ ନେହରୁ ଷ୍ଟାଡିୟମରେ ବିଜେତା ଘୋଷିତ ହୋଇଥିଲେ । ୧୯୯୧ ରେ ସିମଲାଠାରେ ସିନିୟର ନ୍ୟାସନାଲ ବକ୍ସିଂ ଚାମ୍ପିଅନସିପରେ ସେ ପୁନର୍ବାର ପ୍ରଥମ ସ୍ଥାନ ଅଧିକାର କରିଥିଲେ । ୧୯୯୧ ମାର୍ଚ୍ଚ ୧୮ ତାରିଖରେ ମାଡ୍ରାସର ନେହରୁ ଷ୍ଟାଡିୟମରେ ଫେଡେରେସନ କପରେ ମଧ ସେ ପ୍ରଥମ ସ୍ଥାନ ଅଧିକାର କରିଥିବା ବେଳେ ହରିୟାଣାର ମହାବୀର ଷ୍ଟାଡିୟମରେ ସର୍ବଭାରତୀୟ ରାଜୀବ ଗାନ୍ଧୀ ମେମୋରିଆଲ ବକ୍ସିଂ ଚାମ୍ପିଅନସିପରେ ତୃତୀୟ ଏବଂ ୧୯୯୨ ରେ ରାଜ୍ୟ ସିନିୟର ବକ୍ସିଂ ଚାମ୍ପିଅନସିପରେ ପ୍ରଥମ ସ୍ଥାନ ଅଧିକା କରି ଶ୍ରେଷ୍ଠ ବକ୍ସର ପୁରସ୍କାର ଅର୍ଜନ କରିଥିଲେ । ତାଙ୍କ ଅନ୍ତିମ ପ୍ରତିଯୋଗିତାରେ ପ୍ରତିଦ୍ୱନ୍ଦୀଙ୍କ ଠାରୁ ଏକ ଖରାପ କ୍ରସ୍ ପିଚ୍ ଦ୍ୱାରା ଡାହାଣ ଚକ୍ଷୁରେ ଦୃଷ୍ଟିଶକ୍ତି ହରାଇଥିଲେ । ଏହାପରେ ସେ ଖେଳରୁ ଦୂରେଇ ଯାଇଥିଲେ । ରାଉରକେଲା ଷ୍ଟିଲ ପ୍ଲାଣ୍ଟ ପକ୍ଷରୁ ଚାକିରୀ ପାଇଁ ତାଙ୍କୁ ଦିଆଯାଇଥିବା ପ୍ରତିଶ୍ରୁତି ପ୍ରତିଶ୍ରୁତିରେ ହିଁ ରହିଗଲା । ଏହାପରେ ସେ ଜୀବନ ଚଳାଇବା ପାଇଁ ସଂଘର୍ଷ କରୁଛନ୍ତି । କେତେବେଳେ ସେ ଫେରିବାଲା ତ କେତେବେଳେ ଚା' ବିକାଳୀ ହୋଇ ନିଜ ଗୁଜୁରାଣ ମେଣ୍ଟାଉଛନ୍ତି ।

## ଏ ସଂଖ୍ୟାରେ..


କାନ୍ତିବର୍ଦ୍ଧକ ନିମ୍ବ


ସ୍ୱାସ୍ଥ୍ୟ ପାଇଁ ଭଲ ହେଙ୍ଗୁ


ସଂକ୍ରମଣରୁ ରକ୍ଷା କରେ ହଳଦୀ


ଉପକାରୀ ଡାଲଚିନି


ଚନ୍ଦନର ଉପକାରିତା

# ହାଇକୋର୍ଟର ସ୍ଥାୟୀ ବେଞ୍ଚ ସମ୍ବଲପୁରରେ ଓ ପଶ୍ଚିମ ଓଡ଼ିଶା ବିକାଶ ପରିଷଦର କାର୍ଯ୍ୟାଳୟ ବଲାଙ୍ଗୀରରେ ଖୋଲାଯିବାକୁ ସମ୍ବଲପୁର ଡେଭଲପମେଣ୍ଟ ଫୋରମର ପ୍ରସ୍ତାବ

ସମ୍ବଲପୁର : ହାଇକୋର୍ଟର ସ୍ଥାୟୀ ବେଞ୍ଚ ଓ ପଶ୍ଚିମ ଓଡ଼ିଶାର ବିକାଶ ପରିଷଦର ମୁଖ୍ୟ କାର୍ଯ୍ୟାଳୟ ପ୍ରତିଷ୍ଠାକୁ ନେଇ ଦେଖା ଦେଇଥିବା ବିବାଦର ସମାଧାନ ପାଇଁ ସମ୍ବଲପୁରରେ ହାଇକୋର୍ଟର ସ୍ଥାୟୀ ବେଞ୍ଚ ଏବଂ ବଲାଙ୍ଗୀରରେ ପଶ୍ଚିମ ଓଡ଼ିଶା ବିକାଶ ପରିଷଦର ମୁଖ୍ୟ କାର୍ଯ୍ୟାଳୟ ଖୋଲାଯିବାକୁ ସମ୍ବଲପୁରର ପ୍ରମୁଖ ବୁଦ୍ଧିଜୀବୀ ମାନଙ୍କୁ ନେଇ ଗଠିତ ସମ୍ବଲପୁର ଡେଭଲପମେଣ୍ଟ ଫୋରମ ପ୍ରସ୍ତାବ ଦେଇଛି । ପ୍ରଫେସର ଆଦିତ୍ୟ ପ୍ରସାଦ ପାଢ଼ୀଙ୍କ ଅଧ୍ୟକ୍ଷତାରେ ଏଠାରେ ଅନୁଷ୍ଠିତ ଫୋରମର ଏକ ଗୁରୁତ୍ୱପୂର୍ଣ୍ଣ ବୈଠକରେ ଏ ସମ୍ପର୍କରେ ଏକ ପ୍ରସ୍ତାବ ଗୃହୀତ ହୋଇଛି ।

ଏହି ବୈଠକରେ ତେଲେଙ୍ଗାନା ସରକାରଙ୍କ ଭଳି ଓଡ଼ିଶା ସରକାର ମଧ ଆଞ୍ଚଳିକତା ଭିତ୍ତିରେ ତୃତୀୟ ଓ ଚତୁର୍ଥ ଶ୍ରେଣୀ କର୍ମଚାରୀ ନିଯୁକ୍ତି ଦେବା ପାଇଁ ଦାବି କରାଯାଇଛି । ରାଜ୍ୟର ଅବିକଶିତ ଅଞ୍ଚଳ ଗୁଡିକର ବିକାଶ ପାଇଁ ବିକାଶ ବୋର୍ଡ ଗଠନ କରିବାକୁ ମଧ ଅନ୍ୟଏକ ପ୍ରସ୍ତାବ ଗୃହୀତ ହୋଇଥିଲା । କେନ୍ଦ୍ର ସରକାର ଏକ ଆଇନ ପ୍ରଣୟନ କରି ପଶ୍ଚିମ ଓଡ଼ିଶାର ସମ୍ବଲପୁର ଠାରେ ହାଇକୋର୍ଟର ସ୍ଥାୟୀ ବେଞ୍ଚ ସ୍ଥାପନ କରିବାକୁ ପତ୍ର ଲେଖିବାକୁ ଫୋରମରେ ପ୍ରସ୍ତାବ ଗୃହୀତ ହୋଇଥିଲା । ଓଡ଼ିଶାକୁ ସ୍ୱତନ୍ତ୍ର ରାଜ୍ୟ ମାନ୍ୟତା ଦେବା ପାଇଁ ସରକାରଙ୍କ ନିକଟରେ ଦାବି ଉପସ୍ଥାପନ ନିମନ୍ତେ ମଧ ବୈଠକରେ ଆଲୋଚନା ହୋଇଥିଲା । ଏହାବ୍ୟତୀତ ପଶ୍ଚିମ ଓଡ଼ିଶା ବିକାଶ ପରିଷଦ ପାଣ୍ଠି ୧ ହଜାର କୋଟିକୁ ବୃଦ୍ଧି କରିବା, ଏହାର ମୁଖ୍ୟାଳୟ ପଶ୍ଚିମ ଓଡ଼ିଶାର ବଲାଙ୍ଗୀର ଠାରେ ସ୍ଥାପନ କରିବା, ପରିଷଦର ସଦସ୍ୟ ସଂଖ୍ୟା ବୃଦ୍ଧି କରି ଏଥିରେ ପ୍ରତି ଜିଲ୍ଲାର ୨ ଜଣ ବୁଦ୍ଧିଜୀବୀଙ୍କୁ ସ୍ଥାନ ଦେବା, ଜିଲ୍ଲା ମୁଖ୍ୟ ଡାକ୍ତରଖାନାରେ ୮ଟି ଡାଇଲିସିସ୍ ମେସିନ୍ ସ୍ଥାପନ କରିବା, ଭିମସାରରେ ସମସ୍ତ ନିଯୁକ୍ତି ଅନୁଷ୍ଠାନସ୍ତରରେ କରିବା, ଅନୁଷ୍ଠାନକୁ ପୂର୍ଣ୍ଣ ସ୍ୱାୟତ୍ତତା ପ୍ରଦାନ କରିବା, ଭିମସାରର ସାମଗ୍ରିକ ଉନ୍ନତି ପାଇଁ ୧ ହଜାର କୋଟି ଟଙ୍କାର ଅନୁଦାନ ପ୍ରଦାନ କରିବା, ଗଭର୍ଣ୍ଣିଂ ବଡିର ପୁନର୍ଗଠନ କରି ପ୍ରତି ବର୍ଷ ଅତି କମରେ ଗୋଟିଏ ବୈଠକ କରିବା, ପ୍ରତି ତିନି ମାସରେ ଥରେ ପରିଚାଳନା ବୋର୍ଡ ବୈଠକ କରିବା, ୪ ଟି ଏକମୋ ମେସିନ୍ ସ୍ଥାପନ କରିବା, ସୁନ୍ଦରଗଡ଼ରେ ତୁରନ୍ତ ରାଜ୍ୟର ଦ୍ୱିତୀୟ ଏମସ ପାଇଁ ଘୋଷଣା କରିବା, ସମ୍ବଲପୁରରେ ମଲଟି ସୁପର ସ୍ପେସାଲିଟି କର୍ପୋରେଟ୍ ହସ୍ପିଟାଲ ସ୍ଥାପନ କରିବା, ବରଗଡ଼ରେ ଶୀଘ୍ର କ୍ୟାନସର ହସ୍ପିଟାଲ ଆରମ୍ଭ କରିବା, ଝାରସୁଗୁଡ଼ାରେ ଶୀଘ୍ର ହୃଦ ଚିକିତ୍ସାଳୟର ପ୍ରତିଷ୍ଠା କରିବା, ସମ୍ବଲପୁରରେ ଏକ ଉନ୍ନତ ଚକ୍ଷୁ ହସ୍ପିଟାଲ ସ୍ଥାପନ କରିବା ଆଦି ପ୍ରସଙ୍ଗରେ ଆଲୋଚନା ହୋଇ ପ୍ରସ୍ତାବ ଗୃହୀତ ହୋଇଥିଲା । ଏଥି ସହିତ ସମ୍ବଲପୁର ବିଶ୍ୱବିଦ୍ୟାଳୟକୁ କେନ୍ଦ୍ରୀୟ ମାନ୍ୟତା ପ୍ରଦାନ କରିବା, କୋରାପୁଟ କେନ୍ଦ୍ରୀୟ ବିଶ୍ୱବିଦ୍ୟାଳୟ ତଥା ବଲାଙ୍ଗୀର ରାଜେନ୍ଦ୍ର ଓ କଳାହାଣ୍ଡି ବିଶ୍ୱବିଦ୍ୟାଳୟର ସବୁ ପ୍ରକାର ଶୈକ୍ଷିକ ଓ ଭିତ୍ତିଭୂମି ବିକାଶ କରିବା, ଜିଏମୟୁରେ ପ୍ରଶାସନିକ ପରୀକ୍ଷା ପାଇଁ କୋଚିଂ ପ୍ରଦାନ କରିବା ଆଦି ଉଚ୍ଚଶିକ୍ଷା ସଂପର୍କିତ ଆଲୋଚନା ଓ ପ୍ରସ୍ତାବ ଗୃହୀତ ହୋଇଥିଲା । ଏହାଛଡ଼ା ମହାନଗରର ବିଭିନ୍ନ ସମସ୍ୟା ଯଥା ମୁଦିପଡ଼ା ଚର୍ଚ୍ଚ ରାସ୍ତା ଚଉଡ଼ା କରିବା, ବାଲିବନ୍ଧା ଠାରେ ନର୍ଦ୍ଦମା ପାଣି ମହାନଦୀକୁ ନ ଛାଡିବା, ବଡ଼ ସଡ଼କ ଓ ସାନ ସଡ଼କରେ ୱାନୱେ ଟ୍ରାଫିକ ବ୍ୟବସ୍ଥା ଲାଗୁ କରିବା, ପ୍ରମୁଖ ଛକ ଗୁଡିକରେ ସ୍ୱୟଂଚାଳିତ ଟ୍ରାଫିକ ସିଗନାଲ ଲଗାଇବା, ଧନୁପାଲି ଧମା ରାସ୍ତାର ପୁନଃନିର୍ମାଣ କରିବା, ମହାନଗରର ସମସ୍ତ ଅଞ୍ଚଳରେ ଜଳ ଯୋଗାଣ ସୁନିଶ୍ଚିତ କରିବା, ଫୁଲଓଭରର୍ ସର୍ଭିସ୍ ରୋଡ ନିର୍ମାଣ କରିବା ଓ ଫ୍ଲାଇଓଭର ଶୀଘ୍ର କାର୍ଯ୍ୟକାରୀ କରିବା, ଅଇଁଠାପାଲିରେ ଫ୍ଲାଇଓଭର ନିର୍ମାଣ କରିବା ଆଦି ପ୍ରସଙ୍ଗରେ ଆଲୋଚନା ହୋଇଥିଲା । ସେହିପରି ଖାଲି ପଡିଥିବା ଉତ୍ତରାଞ୍ଚଳ ରାଜସ୍ୱ କମିସନର ପଦ ପୂରଣ କରିବା ଦାବି କରାଯାଇଥିଲା । ବର୍ତ୍ତମାନ ରାଜ୍ୟ ସରକାର ହାତକୁ ନେଇଥିବା ସମଲେଇ ପ୍ରକଳ୍ପ ସମେତ ବିଭିନ୍ନ ପ୍ରକଳ୍ପ କାମ ଶୀଘ୍ର ଆରମ୍ଭ କରି ଶେଷ କରିବାକୁ ଦାବି ହୋଇଥିଲା । ବିଭିନ୍ନ ବିକାଶମୂଳକ ପ୍ରସଂଗରେ ଏସଡିଏଫର ଏକ ପ୍ରତିନିଧି ଦଳ ମୁଖ୍ୟମନ୍ତ୍ରୀ, ମୁଖ୍ୟ ସଚିବ, ୫ ଟି ସଚିବ, ଆଇନ ମନ୍ତ୍ରୀ ଓ ସଚିବ, ସ୍ୱାସ୍ଥ୍ୟମନ୍ତ୍ରୀ ଓ ସଚିବ, ଡବ୍ଲ୍ୟୁଓଡିସି ଅଧ୍ୟକ୍ଷ, ଏମସିଏଲ ଅଧ୍ୟକ୍ଷ ତଥା କାର୍ମିକ ନିର୍ଦ୍ଦେଶକଙ୍କୁ ଭେଟିବାକୁ ନିଷ୍ପତ୍ତି ହୋଇଥିଲା । ପ୍ରଫେସର ଶଙ୍କର ପ୍ରସାଦ ପତି ଗତ ବୈଠକରେ ବିବରଣୀ ଉପସ୍ଥାପନ ସହ ଫୋରମ୍ ପରବର୍ତ୍ତୀ କାର୍ଯ୍ୟପନ୍ଥା ସଂପର୍କରେ ଉଲ୍ଲେଖ କରିଥିଲେ । ଶେଷରେ ରାଜେନ୍ଦ୍ର ପଣ୍ଡା ଧନ୍ୟବାଦ ଦେଇଥିଲେ ।

## ଭୂଷଣ କାରଖାନା ବନ୍ଦ ପାଇଁ ଜିଲ୍ଲାପାଳଙ୍କ ନିର୍ଦ୍ଦେଶ

ଭୁବନେଶ୍ୱର : ସମ୍ବଲପୁର ଠେଲକୋଲୋଇରେ ଥିବା ଭୂଷଣ ପାୱାର ଷ୍ଟିଲ ଲି କାରଖାନା ବନ୍ଦ ହେବା ନେଇ ଦୁଇ ମାସରୁ ଉର୍ଦ୍ଧ୍ୱ ସମୟ ଧରି ଚାଲିଥିବା ନାଟକର ଯବନିକା ପଡିବାକୁ ଯାଉଛି । ଉକ୍ତ କାରଖାନାର କ୍ୟାପ୍ଟିଭ୍ ପାୱାର ପ୍ଲାଣ୍ଟକୁ ତୁରନ୍ତ ବନ୍ଦ କରିବା ଦିଗରେ ପଦକ୍ଷେପ ଗ୍ରହଣ କରିବାକୁ ସମ୍ବଲପୁର ଜିଲ୍ଲାପାଳ ସ୍ଥାନୀୟ ତହସିଲଦାରଙ୍କୁ ନିର୍ଦ୍ଦେଶ ଦେଇଛନ୍ତି । ସମ୍ବଲପୁର ଜିଲ୍ଲାପାଳ ରେଙ୍ଗାଲି ତହସିଲଦାରଙ୍କୁ ଦେଉଥିବା ନିର୍ଦ୍ଦେଶନାମାରେ ଦର୍ଶାଇଛନ୍ତି ଯେ, ପ୍ରଦୂଷଣ ନିୟନ୍ତ୍ରଣ ପରିଷଦ କାର୍ଯ୍ୟାଳୟ ପକ୍ଷରୁ ମେ' ୭ ରେ ଭୂଷଣ କାରଖାନା ବନ୍ଦ କରିବାକୁ ଯେଉଁ ନିର୍ଦ୍ଦେଶନାମା ଆସିଥିଲା ତାକୁ ତୁରନ୍ତ କାର୍ଯ୍ୟକାରୀ କର । ଭୂଷଣ ପାୱାର ପ୍ଲାଣ୍ଟ ପ୍ରଦୂଷଣ ଉଲ୍ଲଂଘନ କରି କାରଖାନା ଚଳାଇଥିବାରୁ ତା'ର କ୍ୟାପଟିଭ ପାୱାର ପ୍ଲାଣ୍ଟ ତୁରନ୍ତ ବନ୍ଦ କର । ଏହା ସହିତ ପ୍ରଦୂଷଣ ନିୟନ୍ତ୍ରଣ କାର୍ଯ୍ୟାଳୟ ପକ୍ଷରୁ ଯାହା ନିର୍ଦ୍ଦେଶନାମା ରହିଛି ତାକୁ କାର୍ଯ୍ୟକାରୀ କରିବାକୁ ଜିଲ୍ଲାପାଳ ନିର୍ଦ୍ଦେଶନାମାରେ ଦର୍ଶାଇଛନ୍ତି । ସୂଚନାଯୋଗ୍ୟ ଯେ ଭୂଷଣ ପାୱାର ପ୍ଲାଣ୍ଟ ବେଆଇନ ଭାବେ କାରଖାନା ଚଳାଇ ଆସୁଥିଲା । ତାହାକୁ ପ୍ରଦୂଷଣ ନିୟନ୍ତ୍ରଣ ପକ୍ଷରୁ ବାରମ୍ବାର ତାଗିଦ୍ କରାଯାଇଥିଲେ ହେଁ ସେ କର୍ଣ୍ଣପାତ କରୁ ନ ଥିଲା । ଏମିତିକି ପ୍ରଦୂଷଣ ନିୟନ୍ତ୍ରଣ ପରିଷଦ କାର୍ଯ୍ୟାଳୟ ପକ୍ଷରୁ ପ୍ରାୟ ଅଢ଼େଇ ମାସ ହେଲା ଜିଲ୍ଲା ପ୍ରଶାସନକୁ ଭୂଷଣ କାରଖାନା ବନ୍ଦ କରିବାକୁ ନିର୍ଦ୍ଦେଶ ଦିଆଯାଇଥିଲେ ହେଁ ତାହା କାର୍ଯ୍ୟକାରୀ ହେଉ ନ ଥିଲା । ଏହି ପ୍ରସଙ୍ଗରେ ସମ୍ବଲପୁର ଜିଲ୍ଲା ପ୍ରଶାସନର ଅହେତୁକ ଅନୁକମ୍ପା ନେଇ ଖବର ପ୍ରକାଶ ପାଇବା ପରେ ପ୍ରଶାସନ ପକ୍ଷରୁ ଏହି ନିଷ୍ପତ୍ତି ନିଆଯାଇଛି । ତେବେ ଚଳିତ ମାସ ୨୬ରେ ଜିଲ୍ଲାପାଳ ଏହି ନିର୍ଦ୍ଦେଶନାମା ଜାରି କରିଥିବା ଜଣାପଡିଛି ।

## ଇତିହାସ ପାଲଟିବ ସମ୍ବଲପୁର ଦୂରଦର୍ଶନ

ସମ୍ବଲପୁର : ରାଜ୍ୟର ସର୍ବପ୍ରଥମ ଓ ଦେଶର ଅନ୍ୟତମ ସର୍ବପୁରାତନ ସମ୍ବଲପୁର ଦୂରଦର୍ଶନ କେନ୍ଦ୍ରକୁ ବନ୍ଦ କରି ଦେବାର ଚକ୍ରାନ୍ତ ଚାଲିଥିବା ଜଣାପଡିଛି । ଏବେ କେନ୍ଦ୍ରରେ ତାଲା ପଡିବା ସ୍ଥିତି ଆସି ଯାଇଛି । ଏ ନେଇ ସଚେତନ ନାଗରିକ ମହଲରେ ଘୋର ଉଦବେଗ ପ୍ରକାଶ ପାଇଛି । ୨୦୧୮ ମାର୍ଚ୍ଚଠାରୁ ଏହାର ଶେଷ କାର୍ଯ୍ୟକ୍ରମ ମୁଖ୍ୟ ଅବସର ଗ୍ରହଣ କରି ସାରିଛନ୍ତି । ବର୍ତ୍ତମାନ ନିଜସ୍ୱ କାର୍ଯ୍ୟକ୍ରମଟିଏ ପ୍ରସ୍ତୁତ କରିବାକୁ ଲୋକ ନାହାନ୍ତି । ଏହାର ଉପନିର୍ଦ୍ଦେଶକ ଓ ସହକାରୀ ନିର୍ଦ୍ଦେଶକ ପଦ ଖାଲି । ୨ଟି ଯାକ କାର୍ଯ୍ୟକ୍ରମ ନିଷ୍ପାଦକ ପଦ ବି ଖାଲି । ୪ ଜଣ କ୍ୟାମେରାମ୍ୟାନରୁ କେବଳ ଜଣେ ଅଛନ୍ତି, ଆଉ ୩ ଟି ପଦ ଖାଲି । ଏବେ ମାତ୍ର ଜଣେ କ୍ୟାମେରାମ୍ୟାନରେ କେନ୍ଦ୍ର ଚାଲିଛି । ଫଳରେ, ଖୁବଶୀଘ୍ର ଏହି ଐତିହାସିକ କେନ୍ଦ୍ରରେ ତାଲାପଡିବା ନେଇ ଆଶଙ୍କା ପ୍ରକାଶ ପାଇଛି ।

ସୂଚନା ଅନୁସାରେ, ଯେଉଁମାନେ ବଦଳି ହେଉଛନ୍ତି, ତାଙ୍କ ବଦଳରେ କାହାକୁ ନିଯୁକ୍ତି ଦିଆଯାଉ ନାହିଁ । ଯିଏ ଅବସର ଗ୍ରହଣ କରୁଛନ୍ତି, ତାଙ୍କ ସ୍ଥାନ ସ୍ୱାଭାବିକ ଭାବେ ଖାଲି ପଡୁଛି । ଯେତିକି ପଦ ଖାଲି ପଡିଛି, ତା' ସହିତ ବି ରହିଛି ଭିଡିଓ ଏଡିଟର ପଦ । ଫଳରେ, କାର୍ଯ୍ୟକ୍ରମ ବା ପ୍ରୋଗ୍ରାମ ଗୋଟିଏ ଦୂରଦର୍ଶନ କେନ୍ଦ୍ରର ଜୀବନ ହୋଇଥିବା ବେଳେ କାର୍ଯ୍ୟକ୍ରମ ଶାଖାକୁ ହିଁ ପଙ୍ଗୁ କରି ଦିଆଯାଇଛି । ଇଞ୍ଜିନିୟରିଂ ଓ ବୈଷୟିକ କର୍ମଚାରୀ କେଇଜଣ ତଥା ଅନ୍ୟାନ୍ୟ କର୍ମଚାରୀରେ ଚାଲିଥିବା ଏହି କେନ୍ଦ୍ର ଏବେ ନିଜ ଅସ୍ତିତ୍ୱ ବଞ୍ଚାଇବାକୁ ସଂଘର୍ଷ କରୁଛି ।

ଅଭିଯୋଗ ହେଉଛି, ଯୋଜନାବଦ୍ଧ ଭାବେ ଏହି କେନ୍ଦ୍ରରେ ତାଲା ଝୁଲାଇବାକୁ ପ୍ରୟାସ ହେଉଛି । ଏହାର ଆଉ ଏକ ଉଦାହରଣ ହେଉଛି, କେନ୍ଦ୍ରର ଓବି ଭ୍ୟାନ । ଓବି ଭ୍ୟାନକୁ ଉତ୍ତର ପୂର୍ବ ଭାରତକୁ ପଠାଇ ଦିଆଯାଇଛି । ଏବେ ଏଠାରେ ଥିବା ଦୁଇଟି ଆଉଟଡୋର କ୍ୟାମେରା ୟୁନିଟ୍ ମଧରୁ ଗୋଟିଏକୁ ମୁଜାଫରପୁର ଦୂରଦର୍ଶନ କେନ୍ଦ୍ରକୁ ପଠାଇ ଦେବାକୁ ନିର୍ଦ୍ଦେଶ ଆସିଛି ।

ସେହିଭଳି ସମ୍ବଲପୁରର ବୁଢ଼ାରଜା ହିଲ୍ ଉପରେ ଥିବା ଏହି କେନ୍ଦ୍ରର ସୁରକ୍ଷା ପାଇଁ ସଶସ୍ତ୍ର ସୁରକ୍ଷାକର୍ମୀ ଦେବା ବି ସରକାର ବନ୍ଦ କରି ଦେଇଛନ୍ତି । ୩ ଟି ସୁରକ୍ଷା କର୍ମୀ ପଦ ବି ଖାଲି ପଡିଛି । ଏବେ ଜଣେ ଦୁଇଜଣ ଘରୋଇ




ସୁରକ୍ଷାକର୍ମୀ ହାତରେ ଏହି କେନ୍ଦ୍ରର ଦାୟିତ୍ୱ ନ୍ୟସ୍ତ ରହିଛି । କର୍ମଚାରୀ ତ ଆଉ ନାହାନ୍ତି, ମୂଲ୍ୟବାନ ଉପକରଣ ବି ସ୍ଥାନାନ୍ତର ହେଉଛି । ବାକି କିଛି ଜିନିଷପତ୍ର ଚୋରି ହୋଇଗଲେ ବା ଭାଙ୍ଗିରୁଜି ଗଲେ, ତାଲା ଝୁଲାଇବା ସହଜ ହେବ । ଏଭଳି ନୀତି ଅବଲମ୍ବନ କରିଛନ୍ତି ପ୍ରସାର ଭାରତୀ କର୍ତ୍ତୃପକ୍ଷ । ପଶ୍ଚିମ ଓଡ଼ିଶା ପ୍ରତି ପ୍ରତାରଣାର ଆଉ ଏକ ବେଦନାଦାୟକ ଉଦାହରଣ ପାଲଟିବାକୁ ଯାଉଛି ଐତିହାସିକ ସମ୍ବଲପୁର ଦୁରଦର୍ଶନ କେନ୍ଦ୍ର । ବିଳମ୍ବରେ ହେଲେ ବି ସମ୍ବଲପୁରବାସୀ ଏହି ଅନ୍ୟାୟ ବିରୋଧରେ ସ୍ୱର ଉତ୍ତୋଳନ ଆରମ୍ଭ କରିଛନ୍ତି ।

ସହରର ସଂସ୍କୃତିପ୍ରେମୀ ସମ୍ବଲପୁର ଦୂରଦର୍ଶନ କେନ୍ଦ୍ରପ୍ରତି ଅବହେଳା ପ୍ରତିବାଦରେ କେନ୍ଦ୍ର ସରକାରଙ୍କ ଉଦ୍ଦେଶ୍ୟରେ ଦାବିପତ୍ର ଦେଇଛନ୍ତି । କେନ୍ଦ୍ର ସୂଚନା ଓ ପ୍ରସାରଣ ମନ୍ତ୍ରୀଙ୍କ ଉଦ୍ଦେଶ୍ୟରେ ଦେଇଥିବା ଦାବିପତ୍ରରେ ସମ୍ବଲପୁର ଦୂରଦର୍ଶନ କେନ୍ଦ୍ରର ହୃତଗୌରବ ଫେରାଇ ଦେବା, ସ୍ୱୟଂ ସଂପୂର୍ଣ୍ଣ ଷ୍ଟୁଡିଓ କାର୍ଯ୍ୟକାରୀ କରିବା, ସମସ୍ତ କର୍ମଚାରୀ ପଦ ପୂରଣ କରିବା, ସମ୍ବଲପୁରୀ ଭାଷାରେ ୨୪ ଘଣ୍ଟିଆ ଚାନେଲ ଆରମ୍ଭ କରିବା ଆଦି ଦାବି ରଖିଛନ୍ତି । ସମ୍ବଲପୁର ଦୂରଦର୍ଶନ କେନ୍ଦ୍ରକୁ ବଞ୍ଚାଇବା ପାଇଁ ଅନଲାଇନ ଦସ୍ତଖତ ସଂଗ୍ରହ ଅଭିଯାନ ମଧ ଆରମ୍ଭ ହୋଇଛି । ୧୯୭୮ ମସିହାରେ ଜନତା ସରକାର ଅମଳରେ ତତକାଳୀନ ସୂଚନା ଓ ପ୍ରସାରଣ ମନ୍ତ୍ରୀ ଲାଲକୃଷ୍ଣ ଆଡ଼ଭାନୀ ଏହାକୁ ଉଦଘାଟନ କରିଥିଲେ । ଏହା ଦେଶର ହାତଗଣତି ଦୂରଦର୍ଶନ କେନ୍ଦ୍ର ମଧରୁ ଅନ୍ୟତମ ଥିଲା । ୧୯୮୨ ମସିହାରେ ଏସିଆନ ଗେମ୍ସ ପ୍ରସାରଣ ପାଇଁ ଏହା ବ୍ୟବହୃତ ହେଉଥିଲା । ପଶ୍ଚିମ ଓଡ଼ିଶାର ୧୦ଟି ଆଦିବାସୀ ବହୁଳ ଅଞ୍ଚଳର ଅଧିବାସୀମାନେ ଏହି କେନ୍ଦ୍ରଦ୍ୱାରା ଉପକୃତ ହେଉଥିଲେ ।

## ଭାଗବତ

# ଗୁରୁ ସେବା

ଏହାପରେ କହ୍ନେଇ ଗୁରୁପତ୍ନୀଙ୍କୁ ଦେଖାକରି କହିଲେ- 'ଗୁରୁଦେବ ଆମକୁ କିଛି ଗୁରୁ ଦକ୍ଷିଣା ମାଗିଲେ ନାହିଁ । ଆପଣଙ୍କର କିଛି ଅଭିଳାଷ ଥିଲେ କୃପାକରି ଜଣାନ୍ତୁ ।

ଗୁରୁପତ୍ନୀ କହିଲେ ଆମର ପୁଅଟିଏ ଥିଲା । ପ୍ରଭାସତୀର୍ଥକୁ ଆମେ ଯାଇଥିବା ବେଳେ ସେ ପୁଅଟି ପାଣିରେ ଭାସିଯାଇଥିଲା । ଯଦି ତୁମେ ଗୁରୁଦକ୍ଷିଣା ଦେବାକୁ ଇଚ୍ଛା କରିଛ ତେବେ ମୋତେ ମୋର ହଜିଲା ପୁଅକୁ ଆଣିଦିଅ ।

ଶ୍ରୀକୃଷ୍ଣ ପଶ୍ଚିମ ସମୁଦ୍ରକୁଳକୁ ଗଲେ । ସମୁଦ୍ରରେ ବୁଡ଼ି ପାଞ୍ଚଜନ୍ୟ ଶଙ୍ଖ ପାଇଲେ । ଏହା ପରେ ଗୁରୁପୁତ୍ରଙ୍କୁ ବି ପାଇଲେ । କୃଷ୍ଣ ଥିଲେ ମୁରଲୀଧର, ଏବେ ହେଲେ ବଂଶୀଧାରୀ ।

ପୁଅକୁ ପାଇ ଗୁରୁପତ୍ନୀ ଖୁବ୍ ଆନନ୍ଦିତା ହୋଇଗଲେ । ସେ ଶ୍ରୀକୃଷ୍ଣଙ୍କୁ କହିଲେ ବାପା, ତୁମ ମୁଖରେ ସରସ୍ୱତୀ ଓ ପାଦରେ ଲକ୍ଷ୍ମୀ ବାସକରନ୍ତୁ । ତୁମର କୀର୍ତ୍ତି ବିଶ୍ୱବ୍ରହ୍ମାଣ୍ଡରେ ବ୍ୟାପିଯାଉ । ମୋ ବିଦ୍ୟାର ବଂଶ ବୃଦ୍ଧି ସର୍ବଦା କରୁଥାଅ ।

ଗୋପୀମାନେ ମଧ ଭଗବାନଙ୍କୁ କିଛି ମାଗି ନ ଥିଲେ । ଶ୍ରୀକୃଷ୍ଣ ନିଜେ ସେମାନଙ୍କ ପାଖରେ ଋଣୀ ରହିଲେ । ଆମେ ମଧ ଭଗବାନଙ୍କୁ କିଛି ବୋଲି କିଛି ମାଗିବା ଅନୁଚିତ । ଭଗବାନଙ୍କୁ ଋଣି ରଖିଲେ ଜୀବର ଜୀବନ ସୁଧରି ଯାଏ ।

ଭଗବାନ କୃଷ୍ଣଚନ୍ଦ୍ର ଏଗାର ବର୍ଷ ଧରି ଗୋକୁଳ ଲୀଳା କରିଥିଲେ, ଚୌଦବର୍ଷ ଧରି ମଥୁରାଲୀଳା ଆଉ ଶହେ ବର୍ଷ ଧରି ଦ୍ୱାରକାଲୀଳା କରିଥିଲେ । ଭଗବାନ କୃଷ୍ଣଚନ୍ଦ୍ରଙ୍କ ପରମାୟୁ ତେଣୁ ଏକ ଶହ ପଚିଶ ବର୍ଷ । ସେ ଶହେ ପଚିଶ ବର୍ଷ ପର୍ଯ୍ୟନ୍ତ ଶରୀର ଧାରଣ କରି ମର୍ତ୍ତ୍ୟରେ ରହିଥିଲେ ।

ଗୁରୁକୁଳରେ ସମସ୍ତ ପ୍ରକାର ବିଦ୍ୟା ଅଧ୍ୟୟନ କରିସାରି କୃଷ୍ଣଚନ୍ଦ୍ର ମଥୁରାକୁ ପ୍ରତ୍ୟାବର୍ତ୍ତନ କଲେ । ଯାଦବମାନେ ଅତି ଆନନ୍ଦିତ ହେଲେ । ମଥୁରା ରାଜପ୍ରାସାଦରେ ଭଗବାନ କୃଷ୍ଣଚନ୍ଦ୍ର



ରହିଲେ ।

ନିର୍ଗୁଣ ଜ୍ଞାନର ପକ୍ଷଧର ହେଉଛନ୍ତି ଉଦ୍ଧବ, ଆଉ ଗୋପୀମାନେ ହେଲେ ଶୁଦ୍ଧ ପ୍ରେମଲକ୍ଷଣା ସଗୁଣ ଭକ୍ତି । ଦେଖିବାକୁ ଗଲେ ଭକ୍ତି ଓ ଜ୍ଞାନ ମଧରେ ଫରକ କିଛି ନାହିଁ । ଭକ୍ତିର ପରିଣତି ହେଉଛି ଜ୍ଞାନ ।

ଜ୍ଞାନର ଅଭାବରେ ଭକ୍ତି ଅନ୍ଧ ହୋଇଥାଏ । ଭକ୍ତିର ଅଭାବରେ ଜ୍ଞାନ ପଙ୍ଗୁ ହୋଇଥାଏ । ଭକ୍ତି ନିମନ୍ତେ ଜ୍ଞାନ ଓ ବୈରାଗ୍ୟ ଉଭୟର ଆବଶ୍ୟକତା ଥାଏ । ଜ୍ଞାନ ଓ ବୈରାଗ୍ୟ ବିନା ଭକ୍ତି ବନ୍ଧ୍ୟା ହୋଇଥାଏ ।

ଦାସୋଽହଂ ! ଆରମ୍ଭରୁ ଯଦି ନିଜକୁ ପ୍ରଭୁଙ୍କ ଦାସ ବୋଲି ମନେକରି ଦାସୋଽହେଂ ଭାବନାରେ ଈଶ୍ୱରଙ୍କୁ ଆରାଧନା କରାଯାଏ, ତେବେ ତାଙ୍କ ସହିତ ସମ୍ପର୍କ ସ୍ଥାପିତ ହୋଇପାରେ । ଭଗବାନ୍ ମୋର ଏବଂ ମୁଁ ଭଗବାନଙ୍କର ଏପରି ଭାବନା ମନରେ ଦୃଢ଼ରୂପ ଧାରଣ କରିବା ସର୍ବାଦୌ ଆବଶ୍ୟକ । ଏପରି ଧାରଣା ଦୃଢ଼ ହେଲେ ଦେହର ଅସ୍ତିତ୍ୱ ଭୁଲି ହୋଇଯାଏ ଓ 'ମୁଁ'ର ଅସ୍ତିତ୍ୱ ଧୀରେ ଧୀରେ ନାଶ ହୋଇଯାଏ । କେବଳ ଭଗବାନଙ୍କର ଅସ୍ତିତ୍ୱ ଅନୁଭୂତ ହେବାରେ ଲାଗେ । ଏହା କ୍ରମଶଃ ବଢ଼ି ବଢ଼ି ତାଦାତ୍ମ୍ୟ ଭାବ ସୁଦୃଢ଼ ହୋଇଯାଏ- ଦାସୋଽହଂ ଅବସ୍ଥାରୁ ସୋଽହଂ ଅବସ୍ଥାରେ ପହଞ୍ଚିଯାଏ ।

ଭକ୍ତି ହେଉଛି ଜ୍ଞାନ ଓ ଜ୍ଞାନ ହେଉଛି ଭକ୍ତି । ଏ ଦୁହେଁ ଯେତେବେଳେ ଏକ ହୁଅନ୍ତି ସେତେବେଳେ ଜୀବନ ସାର୍ଥକ ହୋଇଯାଏ ।

କେତେକ ଜ୍ଞାନୀ କହୁଥିବା ଶୁଣାଯାଏ ଯେ ସେମାନଙ୍କର ଭକ୍ତି ଆବଶ୍ୟକ ନାହିଁ । ସେମାନେ ଭକ୍ତିକୁ ତିରସ୍କାର କରନ୍ତି । ଠିକ୍ ସେହିଭଳି କେତେକ ଭକ୍ତିମାର୍ଗର ଲୋକେ ମଧ ଜ୍ଞାନ ଓ ବୈରାଗ୍ୟକୁ ତିରସ୍କାର କରନ୍ତି । ଏମାନଙ୍କ ଦୃଷ୍ଟିକୋଣ ପ୍ରମାଦପୂର୍ଣ୍ଣ । ଭକ୍ତି ଓ ଜ୍ଞାନ ପରସ୍ପରର ପରିପୂରକ । ଗୋଟିଏର ଅଭାବରେ ଅନ୍ୟଟି ପଙ୍ଗୁ ଅଥବା ଅନ୍ଧ ହୋଇଯାଏ । ଭକ୍ତି ଓ ଜ୍ଞାନ ଉଭୟର ଆବଶ୍ୟକ ସର୍ବଦା ରହିଛି ।

# ଉତ୍କୃଷ୍ଟ ଓ ପବିତ୍ରତମ ଭାବନା ହେଉଛି ପ୍ରେମ

ମାନବ ଜୀବନର ଅନେକ ଅନୁଭୂତିକୁ ବିଭିନ୍ନ ମାଧମରେ ଓ ତାର୍କିକ ରୂପେ ବୁଝିବା ଏବଂ ବୁଝାଇବାର ପ୍ରୟାସ ଆମ ସମାଜରେ ହୋଇ ଆସୁଛି । ଏହି ଅନୁଭୂତି ମଧରେ ଯେଉଁ ଅନୁଭୂତିକୁ ସବୁଠାରୁ ଅଧିକ ପରିଭାଷିତ କରିବାର ପ୍ରୟାସ କରାଯାଇଛି, ତାହା ହେଉଛି ପ୍ରେମ । ଅନୁଭୂତିର ଯଥାର୍ଥ ଅଭିବ୍ୟକ୍ତି ହୋଇପାରିବା, ତାହାକୁ ପରିଭାଷା ଓ ଶବ୍ଦର ତର୍କ ଜାଲ ଆଦିରେ ବନ୍ଧାଯାଇ ପାରିବା ସମ୍ପୂର୍ଣ୍ଣ ଭାବରେ ସମ୍ଭବ ନୁହେଁ, ତଥାପି ଏଥିପାଇଁ ପୁରା ପ୍ରୟାସ କରାଯାଇଥାଏ । ଯେପରି ମିଠା, ଖାରା, ଖଟା, ରାଗ, ପିତା ଓ କଷା ସ୍ୱାଦର ଯଥାର୍ଥ ଅନୁଭବ ତାହାକୁ ଚାଖିକରି କରାଯାଇପାରେ, ସେହିପରି ପ୍ରେମର ସ୍ୱାଦର ଯଥାର୍ଥ ଅନୁଭବ ତାହାକୁ ଅନୁଭବ କରି ହିଁ କରାଯାଇ ପାରେ ।

ପ୍ରେମ କିପରି ହୋଇଥାଏ ? ତାହାର ଅନୁଭୂତି କିପରି ? ଏହାକୁ ଲୋକେ ବିଭିନ୍ନ ପ୍ରକାରେ ଜାଣିବାର ପ୍ରୟାସ କରନ୍ତି । ପ୍ରେମ ମନୁଷ୍ୟର ସମସ୍ତ ଭାବନା ମଧରେ ଉତ୍କୃଷ୍ଟତମ ଓ ପବିତ୍ରତମ । 'ପ୍ରେମ' ଶବ୍ଦ ହିଁ ଏପରି, ଯାହାକୁ ଶୁଣି, ଅନୁଭବ କରି ବା ଅଭିବ୍ୟକ୍ତ କରି ବ୍ୟକ୍ତିର ମନରେ ମଧୁର ଭାବ ଉଦ୍ରେକ ହୋଇଥାଏ ଏବଂ ତା ସହିତ ଏହା ଯୋଗୁଁ ଏକ ବିଶେଷ ପ୍ରକାର ଅନୁଭୂତିର ଅନୁଭବ ହେବାରେ ଲାଗେ, ମନରେ କଳ୍ପନାର ସଂସାର ମଧ ସଜ୍ଜିତ ହେବାରେ ଲାଗେ, ତରଙ୍ଗ ଭଳି ମନରେ ବିଚାରଗୁଡ଼ିକର ଆବେଗ ତରଙ୍ଗାୟିତ ହେବାରେ ଲାଗେ, କିନ୍ତୁ କ'ଣ ଏହି ପ୍ରେମର ବ୍ୟାଖ୍ୟା କରାଯାଇ ପାରେ ? ନା, କାରଣ ପ୍ରେମରେ ଏତେ ଗଭୀରତା ଥାଏ ଯେ ତାହାର ଥଳକୂଳ ପାଇବା ଅସମ୍ଭବ, ସେଥିପାଇଁ ପ୍ରେମର ଅନନ୍ତ ଓ ଅନେକ ପରିଭାଷା ଏବଂ ଅଭିବ୍ୟକ୍ତି ଲୋକମାନେ ବିଭିନ୍ନ ପ୍ରକାରରେ ଦେଇଛନ୍ତି, ତଥାପି ଏଥିରେ ଆହୁରି ମଧ କିଛି ବାକି ରହିଯିବା ପରି ମନେ ହେଉଛି ।

ପ୍ରେମର ବାସ୍ତବିକ ପରିଭାଷାକୁ ବୁଝିବା ଓ ବୁଝାଇବାରେ କେବେ କେବେ ବ୍ୟକ୍ତିର ସମ୍ପୂର୍ଣ୍ଣ ଜୀବନ ହିଁ ବ୍ୟତୀତ ହୋଇଯାଏ, ତଥାପି ସେ କୌଣସି ନିଷ୍କର୍ଷରେ ପହଞ୍ଚି ପାରେ ନାହିଁ, କାରଣ ପ୍ରେମର ନା କୌଣସି ନିଶ୍ଚିତ ରୂପ ଅଛି ନା ସ୍ୱରୂପ ରହିଛି । ଏହା ତ ମାତ୍ର ମନୁଷ୍ୟର ବିଚାର, ଭାବନା ଓ ହୃଦୟର ଗଭୀରତାରେ ସନ୍ନିବେଶିତ, ଯାହା କେବେ ବି, କେଉଁଠି ବି ଓ ଯେକୌଣସି ମାଧମରେ ପରିଲକ୍ଷିତ ହୋଇଥାଏ । ବାସ୍ତବରେ ପ୍ରେମ କରିବା ସମସ୍ତ ପ୍ରାଣୀ ଓ ଜୀବଜନ୍ତୁଙ୍କ ସ୍ୱଭାବରେ ଜନ୍ମଜାତ ହୋଇଥାଏ, ଯାହାର ଅଭିବ୍ୟକ୍ତିର ଶୈଳୀ ସମସ୍ତଙ୍କ ଠାରେ ଭିନ୍ନ ଭିନ୍ନ ହୋଇଥାଏ । ମନୁଷ୍ୟ ମଧରେ ଏହି ପ୍ରବୃତ୍ତି ସର୍ବାଧିକ ବିକଶିତ ହୋଇଛି, କାରଣ ସେ ବୁଝିବା ଚିନ୍ତନ କରିବା ଶକ୍ତି ଅତିରିକ୍ତ ବାକ୍‌ଶକ୍ତି ଓ ଶାରୀରିକ ଅଭିବ୍ୟକ୍ତି ଦ୍ୱାରା ମଧ ନିଜର ପ୍ରେମକୁ ବ୍ୟକ୍ତ କରିବାର କ୍ଷମତା ରଖିଥାଏ । ଏହି କ୍ଷମତା ଅନ୍ୟ ଜୀବଜନ୍ତୁଙ୍କ ଠାରେ ନ ଥାଏ । ମନୁଷ୍ୟ ଜୀବନରେ ପ୍ରେମର ଭିନ୍ନ ଭିନ୍ନ ରୂପ ସମାହିତ । ମନୁଷ୍ୟ ନିଜର ବାଲ୍ୟାବସ୍ଥାରେ ନିଜ ମାତା ପିତା ଓ ଭାଇ ଭଉଣୀଙ୍କୁ ସର୍ବାଧିକ ପ୍ରେମ କରିଥାଏ । ଏହା ପରେ ଯେତେ ଯେତେ ସେ ବଡ଼ ହୋଇଥାଏ, ତା'ର ପ୍ରେମର ପରିଧିର ବିସ୍ତାର ହୋଇଥାଏ, ତା'ପରେ ତା' ପ୍ରେମର ପରିଧିରେ ସମ୍ପୂର୍ଣ୍ଣ ପରିବାର, ପ୍ରିୟଜନ, ମିତ୍ରଜନ, ସମାଜ ଓ ରାଷ୍ଟ୍ରର ସମାବେଶ ହେବାରେ ଲାଗିଥାଏ । ମଣିଷର ମନ ଓ ହୃଦୟ ଯେତିକି ଗ୍ରନ୍ଥିମୁକ୍ତ ଏବଂ ବିଶାଳ ହୋଇଥାଏ, ସେତିକି ପବିତ୍ର ପ୍ରେମ ତା' ମନରେ ପରମ ବ୍ୟାପକତାର ସହିତ ରହିଥାଏ ।

ମାତା ପିତାଙ୍କ ସହିତ କରାଯାଉଥିବା ପ୍ରେମ ଜନ୍ମଜାତ ଓ ରକ୍ତ ସମ୍ବନ୍ଧିତ ହୋଇଥାଏ, ଯାହାକୁ ଆଜନ୍ମ ନିର୍ବାହ କରାଯାଏ ଏବଂ ତାହା ଅତୁଟ ହୋଇଥାଏ । ଏଥିରେ ନିଃସ୍ୱାର୍ଥ ପ୍ରେମର ଭାବନା, ଆଶା ଓ ବିଶ୍ୱାସ ମଧ ନିହିତ ଥାଏ । ଭାଇ ଭଉଣୀଙ୍କ ପ୍ରେମ ସ୍ନେହର ଡୋରରେ ବନ୍ଧା ହୋଇଥାଏ, ଯାହା ପରସ୍ପର କର୍ତ୍ତବ୍ୟବୋଧକୁ ନିର୍ବାହ କରିବା ସହିତ ବ୍ୟକ୍ତିର ସୁଖ ଦୁଃଖରେ ସାଥୀ ହେବାର ଭାବ ଓ ଆତ୍ମୀୟତାପୂର୍ଣ୍ଣ ହୋଇଥାଏ । ଏହି ପ୍ରକାର ଦୁଇ ଜଣ ଅଜଣା ବ୍ୟକ୍ତିଙ୍କ ପ୍ରେମ ପତି ପତ୍ନୀ ସମ୍ବନ୍ଧ ରୂପରେ ହୋଇଥାଏ, ଯାହାକି ପ୍ରେମ, ବିଶ୍ୱାସ, ସମର୍ପଣ ଓ ସାମଞ୍ଜସ୍ୟର ଭାବନା ଉପରେ ତିଷ୍ଠି ରହିଥାଏ । ଏତଦବ୍ୟତୀତ ସମାଜ ଓ ରାଷ୍ଟ୍ର ପ୍ରତି ପ୍ରେମ ସାମାଜିକ ସଂରଚନା ସହିତ ତାଳମେଳ ରକ୍ଷା କରିବା, ଜୀବନଯାପନର ଆବଶ୍ୟକତା ପୂର୍ତ୍ତି ତଥା ସମାଜ ଓ ରାଷ୍ଟ୍ରର ହିତ ପାଇଁ ଆବଶ୍ୟକ ପଦକ୍ଷେପ ଉଠାଇବା ହେତୁ ହୋଇଥାଏ ।

ଏହି ସବୁର ଉର୍ଦ୍ଧ୍ୱରେ ଈଶ୍ୱରୀୟ ପ୍ରେମ ରହିଥାଏ । ଈଶ୍ୱର ସିଏ, ଯିଏ ଅଦୃଶ୍ୟ, କିନ୍ତୁ ତାଙ୍କ ଦ୍ୱାରା ନିର୍ମିତ ଏହି ସୃଷ୍ଟିକୁ ଦେଖା ଯାଇପାରେ । ଯିଏ ଏହି ସୃଷ୍ଟିର କ'ଣ କ'ଣରେ ବିଦ୍ୟମାନ, କିନ୍ତୁ ମୂର୍ତ୍ତିମାନ ନୁହନ୍ତି । ସେହି ଈଶ୍ୱରଙ୍କ ସହିତ ପ୍ରେମ କରିବା ସହଜ ନୁହେଁ କି କଠିନ ମଧ ନୁହେଁ । ଯେତେବେଳେ ବ୍ୟକ୍ତିର ଭାବନା ପରମ ବ୍ୟାପକ ହୋଇଯାଏ, ପରିଷ୍କୃତ ହୋଇଯାଏ, ପବିତ୍ର ହୋଇଯାଏ, ସେତେବେଳେ ସେ ଈଶ୍ୱରଙ୍କ ସହିତ ଯଥାର୍ଥ ଭାବରେ ଯୋଡି ହୋଇପାରେ ଏବଂ ତାଙ୍କ ସହିତ ପ୍ରେମ କରିପାରେ, ତାଙ୍କୁ ଅନୁଭବ କରିପାରେ । ମାନବର ଈଶ୍ୱରଙ୍କ ପ୍ରତି ପ୍ରେମ ତାକୁ ଅଗାଧ ଶ୍ରଦ୍ଧା ଓ ଭକ୍ତିରେ ପରିପୂର୍ଣ୍ଣ କରିଦିଏ । ଯେପରି ମୀରାଙ୍କର କୃଷ୍ଣପ୍ରେମ ଓ ତାଙ୍କର ଭକ୍ତି । ସୁରଦାସଙ୍କର କୃଷ୍ଣପ୍ରେମ, ତୁଳସୀଦାସଙ୍କର ହନୁମାନଙ୍କ ପ୍ରତି ପ୍ରେମ ଓ ଭକ୍ତି, ରାମଙ୍କର ସୀତାଙ୍କ ପ୍ରତି ପ୍ରେମ ଓ ଭକ୍ତି । ସନ୍ଥ ନାବଦେ, ସନ୍ଥ ଏକନାଥ, ସନ୍ଥ ତୁକାରାମ, ଚୈତନ୍ୟ ମହାପ୍ରଭୁ ଆଦିଙ୍କର ପ୍ରେମ ଓ ଭକ୍ତି ଅବିରଳ ଥିଲା । ନିଜର ଏହି ପ୍ରେମ ଓ ଭକ୍ତିକୁ ଅଭିବ୍ୟକ୍ତ କରିବା ପାଇଁ ସେମାନଙ୍କ ଭିତରେ କାବ୍ୟ ପ୍ରବାହିତ ହେବାକୁ ଲାଗିଲା । ସେମାନେ ନାଚିବାକୁ ଲାଗିଲେ, ଗୀତ ଗାଇଲେ, କାନ୍ଦି କାନ୍ଦି ଭଗବାନଙ୍କୁ ଡାକିବାରେ ଲାଗିଲେ ଓ ସେହି ଡାକ ଶୁଣି ଭଗବାନ ମଧ ଦ୍ରବିତ ହୋଇଗଲେ ଏବଂ ସେମାନଙ୍କୁ ନିଜର ଅନୁରାଗ ଓ ଅନୁଗ୍ରହ ଦ୍ୱାରା କୃତାର୍ଥ କରିଦେଲେ ।

ପ୍ରେମରେ ସମ୍ବେଦନା ଥାଏ, ଅତ୍ୟଧିକ ଉର୍ଜାଃ ଥାଏ ଏବଂ ଏହି ଉର୍ଜାଃ ଆମ ବୁଦ୍ଧି ଉପରେ ପରଦା ପକାଇଦିଏ, କିନ୍ତୁ ଯଦି ବିବେକର ପ୍ରୟୋଗ ହୁଏ ଏବଂ ପ୍ରେମରେ ହୋସ ରହେ ତେବେ ଏହି ଉର୍ଜାଃର ରୂପାନ୍ତରଣ କରି ଏହାକୁ ଯେ କୌଣସି କ୍ଷେତ୍ରରେ ପ୍ରଯୁକ୍ତ କରାଯାଇ ପାରେ । ଧ୍ୟାନ, ଏହି ପ୍ରେମର ଆଧାତ୍ମିକ ରୂପାନ୍ତରଣ । ଏହି ଜଗତରେ ସର୍ବାଧିକ ମୂଲ୍ୟବାନ ପ୍ରେମ ହିଁ ଅଟେ । ପ୍ରେମ ଯଦି ମିଳିଯାଏ ତେବେ ଜାଣ ପରମାତ୍ମା ମିଳିଗଲେ । ଯିଏ ପ୍ରେମକୁ ଜାଣି ନାହିଁ, ସେ ପ୍ରାର୍ଥନା ମଧ କରିପାରେ ନାହିଁ ।

ପ୍ରେମ ସୃଜନାତ୍ମକତାର ଶିଖର ଏବଂ ଏପାରିକୁ ସେପାରି ସହିତ ଯୋଡିବାର ସେତୁ । ପ୍ରେମ ଶରୀରକୁ ଆତ୍ମା ସହିତ, ଶବ୍ଦକୁ ଶୂନ୍ୟ ସହିତ ଯୋଡିଥାଏ । ଯଦି ହୃଦୟରେ ପ୍ରେମ ରହିଥାଏ ତେବେ ଆମକୁ ସାରା ଦୁନିଆ ପ୍ରସ୍ଫୁଟିତ ଫୁଲର ମହକ ଭଳି ପ୍ରତୀତ ହୋଇଥାଏ । ଯିଏ ପ୍ରେମର ଏହି ଉର୍ଜାକୁ ରୂପାନ୍ତରଣ କରିଦେଲା ସେ ଭକ୍ତିର ସ୍ୱାଦ ଚାଖିନେଲା ଏବଂ ପରମାତ୍ମାଙ୍କ ସାନ୍ନିଧକୁ ଅନୁଭବ କରିନେଲା ବୋଲି ବୁଝିବାକୁ ହେବ ।

ପ୍ରେମରେ ସେହି ଶକ୍ତି ରହିଛି, ଯାହା ସୂକ୍ଷ୍ମ ବାତାବରଣକୁ ଶୁଦ୍ଧ କରିପାରେ, ପରିଷ୍କୃତ କରିପାରେ । ଏପରି ସ୍ଥାନ ଯେଉଁଠି କୌଣସି ପ୍ରେମୀ ନିଜର ସମ୍ପୂର୍ଣ୍ଣ ଜୀବନ ଈଶ୍ୱରଙ୍କ ପ୍ରତୀକ୍ଷାରେ ବ୍ୟତୀତ କରିଦିଏ, ସେହି ସ୍ଥାନ ଏକ ପ୍ରକାର ତୀର୍ଥସ୍ଥଳ ରୂପରେ ପରିବର୍ତ୍ତିତ ହୋଇଯାଏ । ଯେଉଁ ବ୍ୟକ୍ତି ବାସ୍ତବରେ ପ୍ରେମରେ ପରିପୂର୍ଣ୍ଣ ହୋଇଥାଏ, ତା'ର କେବଳ ଉପସ୍ଥିତି ହିଁ ଲୋକମାନଙ୍କୁ ଆନନ୍ଦିତ କରିଥାଏ । ଯେତେବେଳେ ଈଶ୍ୱରଙ୍କ ପ୍ରେମରେ ପରିପୂର୍ଣ୍ଣ ହୋଇଥିବା ଭକ୍ତ କୌଣସି କାର୍ଯ୍ୟ କରିଥାଏ, ସେତେବେଳେ ସେହି କାର୍ଯ୍ୟ ମୂଲ୍ୟବାନ ହୋଇଯାଏ ।

ଏଡି ପ୍ରକାର ପ୍ରେମ ଆମ ଜୀବନର ସମସ୍ତ ଅନୁଭୂତିର କେନ୍ଦ୍ରବିନ୍ଦୁ । ଯେଉଁଠି ପ୍ରେମ ଅଛି, ସେଠାରେ ଶ୍ରଦ୍ଧା ଅଛି, ସେଠାରେ ମିତ୍ରତା ଅଛି, ସେଠାରେ ସମର୍ପଣ ଅଛି, ସେବା ଅଛି ଓ ବିଶ୍ୱାସ ଅଛି । ପ୍ରେମ ଜୀବନର ରସ ଅଟେ, ଏହାର ଅଭାବରେ ବ୍ୟକ୍ତିର ଜୀବନ ନୀରସ ହୋଇଯାଏ, ସେଥିପାଇଁ ପ୍ରେମ ଦ୍ୱାରା ସିଞ୍ଚିତ ହୃଦୟରେ ହିଁ ସଚ୍ଚା ମାନବତା ବାସ କରିଥାଏ ।

# ବାଲିରଥ

## ନିରଞ୍ଜନ ପଟ୍ଟନାୟକ

ଆତ୍ମା, ପରମାତ୍ମା । ଭକ୍ତ ଓ ଭଗବାନ । ଭାବରେ ପରସ୍ପର ବନ୍ଧା । ଭକ୍ତ ଭଗବାନଙ୍କର ପ୍ରାଣ । ଭକ୍ତ ରକ୍ଷଣେ ପାଇଁ ଚକ୍ରଧାରଣ । ଭକ୍ତର ଦୁଃଖ ଜାଣନ୍ତି ଠାକୁର । ତାର ଦୁଃଖ ସୁଖରେ ଭାଗ ବସନ୍ତି । ଭକ୍ତ ଭଗବାନଙ୍କ ପ୍ରାଣେଶ୍ୱର । ଏ କଥାକୁ ପ୍ରମାଣ କରିଛନ୍ତି ବିଭିନ୍ନ ଭକ୍ତଙ୍କୁ ବିଭିନ୍ନ ସମୟରେ ଦର୍ଶନ ଦେଇ ବିଭିନ୍ନ ଅବତାରରେ । ସେ ସମସ୍ତଙ୍କର ଡାକ ଶୁଣିଛନ୍ତି । ଜଳ ମଧରେ ଗଜ, ବନ ମଧରେ ମୃଗୁଣୀ, ସଭା ମଧରେ ଦ୍ରୌପଦୀ, ବନ ମଧରେ ଧ୍ରୁବ, ଭକ୍ତ ପ୍ରହଲ୍ଲାଦ, ଦାସିଆ, ବନ୍ଧୁ ମହାନ୍ତି, ଗଣପତି ଭଟ୍ଟ ତଦନୁରୂପ ପୁରୁଷୋତ୍ତମ ନିବାସୀ ବଳରାମ ଦାସ ବଳିଆର । ତେଣୁ ତ ସେ ନୀଳାଚଳ ଛାଡି ଚାଲିଯାଇଛନ୍ତି ସେ ଦିନ ସେଇ ବଳିଆର ବାଲିରଥକୁ । ଭକତ ଭାବରେ ବନ୍ଧା ଠାକୁର ବାନ୍ଧି ହୋଇଗଲେ ବଳରାମ ଦାସଙ୍କର ଭକ୍ତିଫାଶରେ । ମୁକୁଳି ପାରିଲେନି । ଟାଣି ହୋଇଗଲେ ଭକ୍ତର ଭକ୍ତି ଦଉଡିରେ ନୀଳାଚଳ ଛାଡି ସାଗର ବାଲିକୁ ।

ପୁରୁଷୋତ୍ତମ ନିବାସୀ ବଳରାମ ଦାସ, ମହନ୍ତ ସୋମନାଥଙ୍କ ଶିଷ୍ୟ । ସର୍ବଦା ହରିପାଦେ ଥିଲେ ତାଙ୍କ ଲୟ । ହରି ରସରେ ରସିଆ ରସିକ ସେ । ଦାରୁବ୍ରହ୍ମ ସେବା ବିନା ଅନ୍ୟ କିଛି ଜାଣୁ ନ ଥିଲା ସେ । ସାଧୁ ସଙ୍ଗରେ ବସି ନିତି ସାଧୁବାଣୀ ଶ୍ରବଣ କରୁଥାଏ । ମାତ୍ର ଗୋଟିଏ ଦୋଷ ତାର ସେ ଯା ନିତ୍ୟ ବେଶ୍ୟାଳୟରେ ଖେଳେ । ବେଶ୍ୟାଳୟକୁ ନ ଯାଇ ଦିନେବି ରହି ପାରୁ ନଥିଲା ସେ । ଚନ୍ଦ୍ରର କଳଙ୍କ ପରି ଏଇଟା ତା ଚରିତ୍ରର ଏକ କଳଙ୍କ । ଦିନରେ ସାଧୁ ସଙ୍ଗ ରାତିରେ ବେଶ୍ୟା ସଙ୍ଗ । ପ୍ରକୃତି ଗତ ଅଭ୍ୟାସ ଛାଡି ପାରୁନଥିଲା ସେ । ଆଉ ମଧ ଛାଡି ପାରୁନଥିଲା ହରି ଗୁଣ ଗାନ । ହରି ରସ ପାନ । କେଉଁଟା ପାପ ଆଉ କେଉଁଟା ପୁଣ୍ୟ ଏ ଜ୍ଞାନ ନ ଥିଲା ତାହାର ।

ଏହିପରି ଦିନ ପରେ ଦିନ ଗଡି ଚାଲିଲା । ଏପରି ଏକ ଦିନ ଆସିବ ତା ପ୍ରକୃତି ଗତ ଅଭ୍ୟାସର ପରିବର୍ତ୍ତନ ହେବ ଜାଣି ନ ଥିଲା । ପ୍ରଚଣ୍ଡ ରୌଦ୍ରକୁ ବିଦାୟ ଦେଇ ଆଷାଢ଼ ଆସିଲା । ରଥ ନିର୍ମାଣ ହେଲା । ତିନି ଠାକୁରଙ୍କ ପାଇଁ ତିନି ରଥ । ରଥରେ ବିଜେ କରି ପ୍ରଭୁ ଭାଇ ଭଉଣୀଙ୍କୁ ଧରି ବଡ଼ ଦାଣ୍ଡକୁ ଆସିବେ । ଭକ୍ତକୁ ଦର୍ଶନ ଦେବେ । ସବୁ ଜାତି, ସବୁ ଧର୍ମ, ସବୁ ପାପୀ, ସବୁ ତପୀଙ୍କ ଗହଣରେ ଝୁଲି ଝୁଲି ବଡ଼ ଦାଣ୍ଡକୁ ଓହ୍ଲାଇ ଆସିବେ । ରଥରେ ବସି ମାଉସୀ ଘରକୁ ଯିବେ । ରଥ ଟଣା ହେବ । ଦଶମୀ ଦିନ ପୁଣି ବାହୁଡି ଆସିବେ ।

ଅଶେଷ ଜନଙ୍କ ହାତ ପାଇଁ ଆଷାଢ଼ର ଦ୍ୱିତୀୟା ଦିନ ତିନି ଠାକୁର ତିନି ରଥରେ ବିଜେ କଲେ । ବାଦ୍ୟନାଦ, ହରିବୋଲ ଶବ୍ଦରେ ଉଛୁଳିଲା ବଡ଼ ଦାଣ୍ଡ । ଧରଣୀ ସହ ଭକ୍ତ ନାଚିଲେ । ଜୟ ଜଗନ୍ନାଥ ସବୁରି ମୁଖରେ ଧ୍ୱନିତ ହେଲା । ଦାଣ୍ଡ ଉଠିଲା ପଡିଲା । ଏପରି ସମୟରେ ଗଣିକା ମନ୍ଦିରେ ବିଜେ ବଳରାମ । ସେ ପଟେ ଜଗା ସଙ୍ଗେ ପ୍ରଭୁ ବଳରାମ । ହେଲେ ବେଶୀ ସମୟ ରହି ପାରିଲେନି ଭକ୍ତ ବଳରାମ ଗଣିକାଳୟରେ । ଅଶେଷ ବାଦ୍ୟନାଦ ତାଙ୍କ କର୍ଣ୍ଣରେ ପ୍ରବେଶ କରି ଚେତାଇ ଦେଲା । ଆଜି ପରା ଦିନରେ ସେ କେଉଁଠି ?

ବାରମ୍ବାର ପ୍ରତିଧ୍ୱନିତ ହେଲା ଜୟ ଜଗନ୍ନାଥ, ହରିବୋଲ, ହୁଲୁହୁଲି ଶବ୍ଦ । ଚମକି ଉଠିଲା ନିଜକୁ ଧିକ୍କାର କରି । ମୁଣ୍ଡେ ହାତ ମାରି ତଳେ କଚାଡି ହେଲା । ଛାଡିଗଲା ବେଶ୍ୟା ନିଶା । ବୈରାଗ୍ୟ ଛୁଇଁଲା । ଜାଣିପାରିଲା ପାପ କର୍ମକୁ । ପାପୀ କହି ନିଜକୁ ଧିକ୍କାର କଲା । ସେ ଦଉଡି ଗଲା ପ୍ରଖର ବେଗରେ । ଚଢ଼ିଗଲା ନନ୍ଦିଘୋଷ ରଥ ଉପରକୁ । କଳାଶ୍ରୀ ମୁଖକୁ ଅନାଇ ବାହୁନି ବସିଲା । କ୍ଷମାକର ବୋଲି କର ଯୋଡି ନିବେଦିଲା । ପ୍ରଭୁ ସବୁ ଦେଖୁଥାନ୍ତି ଆଡନୟନରେ । ତାଙ୍କୁତ ସବୁ ଜଣା । ସେ ଜାଣି ଅଜଣା । ଦେଖି ଅଦେଖା । ଶୁଣି ଅଶୁଣା । ଦେଖିଲେ ସେବକମାନେ କ୍ରୋଧରେ ଦାସକୁ ଓଟାରି ଟାଣି କୋପଭରେ ଗଳାରେ ଧକ୍କାଦେଇ ଓଟାରି ଆଣି ନାନାକଟୁ ବାକ୍ୟ କହି ଦୂରକୁ ଠେଲି ଦେଲେ । କଚାଡି ହୋଇ ପଡିଲେ ଦାସେ । ଗୋଇଠା, ନାତ, ଚାପୁଡା ଯେ ଯେତେ ପାରିଲା ଥୋଇ ଦେଇଗଲେ । ଧିକ୍କାରି କହିଲେ 'ସ୍ନାନ ଶଉଚ ନ ହୋଇ ବେଶ୍ୟା ଘରୁ ଆସି ରଥ ଚଢ଼ିଲୁ । ଏଇଟା କ'ଣ ତୋର ଭକତ ପଣିଆ । ଦେଖାଣିଆ ହୋଇ ହରିନାମ ତୁଣ୍ଡେ ଧରି, ଦିନରେ ସାଧୁ ସନ୍ଥ ସଙ୍ଗକରି ରାତିରେ ବେଶ୍ୟା ସହ ରାତ୍ରୀ ଯାପନ କରୁଛୁ । ତୁଟା କେତେ ଅଲକ୍ଷା, ଧାଇଁ ଆସିଛୁ ଅଶଉଚ ହୋଇ ରଥ ଟାଣିବାକୁ । ଯେ ଯାହା ପାରୁ ତାହା କହିଗଲେ । ମୁଚୁ ମୁଚୁ ହୋଇ କାଳିଆ ଦେଖୁଥାନ୍ତି । ବଡ଼ ରଥରେ ଥାଇ କଣେଇ କଣେଇ ହେଲେ ସେ କ'ଣ ପାଟି ଖୋଲି କାହାକୁ କହନ୍ତି ଯେ କହିବେ । ବେଳ ଭଣ୍ଡିକାମ କରିବେ ସେ । ଆଗକୁ କ'ଣ ହେବ ସେ ସବୁ ଜାଣିଥାନ୍ତି ବୋଲି ନୀରବତା ନୁହେଁ, ଏଇଟା ତାଙ୍କର ଲୀଳା । ଯାହାକୁ ଯେତେ ବେଳେ ଯାହା ଦରକାର ତାହାହିଁ ସେ କରନ୍ତି ।

ଏକ୍ଷଣ ସବୁରି ମୁଖରୁ ଧିକ୍କାର ବାଣୀ ଶୁଣି ବଳରାମ ଦାସ ବିଶେଷ ସନ୍ତାପରେ ପ୍ରଭୁଙ୍କ ଶ୍ରୀମୁଖକୁ ଲୋତକ ଝରାଇ ଦୁଇକର ଯୋଡି ଦୁଃଖ ଜଣାଇଲେ । ଦୁଃଖୀର ଦୁଃଖ ଶୁଣନ୍ତି ବୋଲି । ଠିକ୍ ଅଛି ଚକାଡୋଳା ଯାହାକଲ ଠିକ୍ କଲ । ହେଲେ ତୁମେ ମାରିଥିଲେ ଭଲ ହୋଇଥାନ୍ତା । ପର ହାତରେ ମରାଇଲ । କେଉଁ ଯଶ ପାଇଲ । ଆଜି ଜାଣିଲି ମୋ ଉପରେ ତମେ କୋପ କରିଛ । ଜାଣିଲି ତୁମର ଛଳନା, ମୋ ଉପରେ ତୁମର ଦୟା । ତୁମେ ସେଇ ନନ୍ଦ ଗଉଡ ପୁଅ । ନନ୍ଦିଘୋଷରେ ବସି ସବୁ ଦେଖି ନ ଦେଖିଲା ପରି ରହିଗଲା । ତୁମେପରା ମୋ ପ୍ରାଣର ବନ୍ଧୁ । ମୋ ଜୀବନ ତମ ପାଖିକୁ ଆସିଥିଲି କ'ଣ ମାଡ, ଗାଳି, ଗୋଇଠା, ନାତ ଖାଇବା ପାଇଁ । ପର ହାତରେ ମାଡ଼ ଖୁଆଇ କେଉଁ ଯଶ ପାଇଲ । ତୁମକୁ ଟିକିଏ ଦୟା ଲାଗିଲାନି । ତୁମେ ପରା ଦୀନବନ୍ଧୁ, ଭକ୍ତବନ୍ଧୁ, କୃପାସିନ୍ଧୁ । ଆଜି ଜାଣିଲି ଏବେ ମୁଁ ଯାଉଛି । ଆଉ ତୁମ ପାଖରେ ରହିବି ନାହିଁ । ଆଉ ଆସିବିନି, ମାଡ଼ ଖାଇବିନି । ଦେଖିବି କିଏ ତୁମ ରଥ ଦଉଡି ଝିଙ୍କିବ । କେମିତି ତୁମେ ମାଉସୀ ଘରକୁ ଯିବ । ମୁଁ ଯଦି ପ୍ରକୃତରେ ତୁମ ସେବକ ଆଉ ତୁମେ ଯେବେ ମୋର ପ୍ରାଣ ନାୟକ ଚିହ୍ନିଲ ନାହିଁ କିପରି ? ପ୍ରଭୁ ହୋଇ ସେବକର ହାନି ଲାଭ ଯଦି ନ ବୁଝିବ ସେ ପ୍ରଭୁ ପଣରେ କଳଙ୍କ ଲାଗିବନିକି ? ଏକଥାକୁ ବିଚାର କର । ଏତିକି କହି କହି ପଛକୁ ଅନାଇ ସିନ୍ଧୁକୂଳ ବାଙ୍କି ମୁହାଣ ବାଲିକୁଦରେ ବିଷାଦ ମନରେ ବସି ବାଲିରେ ତିନି ଗୋଟି ରଥ ନିର୍ମାଣ କଲା । ଆଖି ବୁଜି ଧାନରେ ବସି ଚିନ୍ତାକଲା ଚିନ୍ତାମଣିଙ୍କୁ । ତିନି ମୂର୍ତ୍ତୀକୁ ଏକାଗ୍ର ଚିତ୍ତରେ ଧାନ କରି ନୟନରୁ ଲୋତକ ଝରାଇ ଭକ୍ତିରେ ତିନି ଠାକୁରଙ୍କୁ ପ୍ରଣତି କରି ବାଲିରଥକୁ ବିଜେ କରିବା ପାଇଁ କାୟମନ ବାକ୍ୟରେ ଶୁଦ୍ଧ ନିର୍ମଳ ଚିତ୍ତରେ ଗୁହାରି କଲା ।

'ହେ ଜଗନ୍ନାଥ' । ତୁମେ ଆସ । ସେ ରଥରେ ନୁହେଁ ମୋ ରଥକୁ ଆସ । ମୁଁ ତୁମର ତୁମ ମନ ଜାଣି ଯେଉଁ ଆଡେ ଯିବ ସେଇ ଆଡକୁ ନେଇ ଯିବି । ତୁମ ଆଦେଶକୁ ଶିରୋଧାର୍ଯ୍ୟ କରିବି । ନନ୍ଦିଘୋଷକୁ ମୁଁ ତୁମ ପସନ୍ଦରେ ସଜାଡି ହେବି । ସେ କାଠ ତିଆରି ନନ୍ଦିଘୋଷକୁ ନୁହ ଏ ମୋ ବାଲିରଥକୁ । ତୁମେପରା ଜଗତର ନାଥ । ସଚରାଚରରେ ଜଗତ ତୁମର ପରା ଲୀଳାଭୂମି । ମୋ ପାଖିକୁ ଆସ ଲୀଳା କରିବ । ମୁଁ ତୁମକୁ କଥା ଦେଉଛି । ମୋ ରଥରେ ତୁମେ ଥରେ ବସିଲେ ନା ଆଉ ଛାଡି ଯିବାକୁ ମନ କରିବନି ତୁମର ସେ ପଥର ଦେଉଳକୁ ଯିବା ପାଇଁ । କାହାର ହାତ ଟେକା ମଣୋହି ଚାହିଁ ବସିବନି ଭୁଞ୍ଜିବା ପାଇଁ । କାହାରିକୁ ଆଉ ଅପେକ୍ଷା କରିବନି ତୁମ ସଜବାଜ ପାଇଁ । ମୁଁ ତୁମର ସବୁ ଚାହିଦା ସବୁ ଇଚ୍ଛା ପୂରଣ କରିବି । ମୁଁ ତୁମରି ପାଇଁ ଅଛି । କେତେ ମାଡ ଗାଳି ଖାଇ ବଡ଼ ଦାଣ୍ଡ ଛାଡି ଚାଲି ଆସିଛି । ମୁଁ କ'ଣ ଯୋଗ୍ୟ ନୁହ ପ୍ରଭୁ ତୁମକୁ ଛୁଇଁ କୋଳେଇବା ପାଇଁ, ଦାଣ୍ଡ ଧୂଳି ମୁଣ୍ଡରେ ବୋଲି ତୁମ ଶ୍ରୀମୁଖ ଦର୍ଶନ କରି ମୋ ଜୀବନ ଧନ୍ୟ କରିବା ପାଇଁ । ଅଶେଷ ପାପକୁ ଧୋଇ ଦେବା ପାଇଁ । ତୁମର ସେ ବଡ଼ ଦାଣ୍ଡରେ ପ୍ରତାରଣା, ଛଳନା ଆଉ ସ୍ୱାର୍ଥର ରାଜୁତି ଚାଲିଛି । ମୂଢ଼ତା, ଅଜ୍ଞତା ଘେରି ରହିଛି । ସେଇଟା ଆନନ୍ଦ ପୁରୀ ନୁହ ନର୍କ ପୁରୀ ପରି ଲାଗୁଛି । ସହିପାରୁନି ପ୍ରଭୁ, ତୁମେ ଚାଲିଆସ ଶୂନ୍ୟ କରି କାଠ ନନ୍ଦିଘୋଷ ରଥରୁ ମୋ ବାଲିରଥକୁ । ଜଗତ ଜାଣୁ ଭକ୍ତ ଡାକରେ ଭଗବାନ କାଠ ରଥ ଛାଡି ବାଲିରଥକୁ ଗଲେ । ଯେଉଁଠି ଶଠତା ନାହିଁ, କୁରତା ନାହିଁ ହିଂସା ନାହିଁ କପଟ ନାହିଁ- ଦ୍ୱେଷ ନାହିଁ ସେଇ ସୁନ୍ଦର ବାଲିକୁ । ମୁଁ ଜାଣିବି ତୁମେ ଠିକ ଭକ୍ତର ବେଦନା ଜାଣିପାରୁଛ । ଛଳନା କରନ୍ତୁ । ଜଣେଇ ଦିଅ ପ୍ରଭୁ ମୁଁ ତୁମର । କେବଳ ତୁମର । ସତରେ ତୁମେ ଆସିଲେନା ତମ ଠାକୁର ପଣିଆ ରହିବ ଆଉ ମୋ ପଶୁପଣିଆ ବି ରହିବ । ତୁମେ ଆଉ ମୁଁ ଏକାକାର ହେବା । କ'ଣ ରାଜିତ ? ଆଉ ଘଡିକେ ପହଣ୍ଡି ବିଜେ କରିବ । ବଡ଼ଦାଣ୍ଡ ଉଚ୍ଛୁଳି ଉଠିବ । ସାରଥୀ ଛାଟ ଧରିଲାଣି, ଡାକୁହ ଡାକିଲେଣି । ଦଇତାପତିଏ ଭିଡି ଭାଡି ହେଲେଣି । ପଣ୍ଡା ପତିଆରୀ ଇତ୍ୟାଦି ଛତିଶା ନିଯୋଗ, ସେବାୟତ ସମସ୍ତେ ତୁମକୁ ରଥାରୂଢ଼ କରିବାରେ ଲାଗି ପଡିଲେଣି । ଆଉ ବିଳମ୍ବ କାହିଁକି ? ଆସ ଆସ ପ୍ରଭୁ । ନ ଆସିଲେ ଏଇଠାରେ ଏଇ ବାଲିରଥ ପାଖରେ ବସି ଖାଲି ତୁମକୁ ଖୋଜିବି ବଞ୍ଚିଥିବା ଯାଏ । ଏଇଠୁ ଉଠିବିନି । ଏଇଠି ମରିବି । ମୁଁ କିଏ କି ? ମୁଁ ଏକ ପଞ୍ଚଭୂତରେ ତିଆରି ମାଟି ପିଣ୍ଡୁଳାର ଶରୀର । ତୁମେ ଗଢ଼ିଛ । ତୁମେ ଭାଙ୍ଗିଛ । ତୁମେ ହିଁ ତ କହିଛ 'ମୁଁ ଆତ୍ମା ତୁମେ ପରମାତ୍ମା । ଗୋଟିଏ ମୁଦ୍ରାର ଦୁଇଟି ପାର୍ଶ୍ୱ । ଆସ ଆସ ଜଗନ୍ନାଥ ମୁଁ ମିଶିବି । ତୁମରିଠାରେ ତଲ୍ଲୀନ ହୋଇଯିବି ତୁମ କୋଳରେ । ମୋତେ କୋଳେଇ ନିଅ ।

'ଶରଣ ରକ୍ଷଣ ଯେ ବାନା । ନ ସହେ ସେବକ ବେଦନା ।

ଏହାଜାଣି ଆଦିମୂଳ ଆଉ ସେବକ ଡାକରେ ରହି ପାରିଲେ ନାହିଁ । ଅଶେଷ ସୁଖକୁ ପାଶୋରି ଯାଇ ବାଙ୍କି ମୁହାଣରେ ଆପଣାର ଭକ୍ତ ପାଶେ ବିଜେ କଲେ ଜଗନ୍ନାଥ । ସାଙ୍ଗରେ ଭାଇ ଭଉଣୀଙ୍କୁ ଧରି ଚାଲିଲେ ବାଲିରଥକୁ । ଏତା ଦେଖି ବଳରାମ ଦାସ କୃତ୍ୟ କୃତ୍ୟ ହୋଇ ପ୍ରଭୁଙ୍କ ଚରଣ କମଳରେ ଲୋଟିଗଲା । ପ୍ରଭୁ ଭକ୍ତର ବେଦନା ଜାଣି ପାରି ଆଶ୍ୱାସିଲେ । ତୁମ ସନ୍ତାପରେ ମୁଁ ଯାତ୍ରାକୁ ଉପେକ୍ଷା କରି ଏଠାକୁ ଆସିଲି । ଏବେ ତୁମେ ଯାହା କରିବା କଥା କର । ପ୍ରଭୁଙ୍କ ମୁଖରୁ ଏ ଅମୃତବାଣୀ ଶୁଣି ତତ୍‌କ୍ଷଣାତ ଶିରେ କର ଦେଇ ଛାମୁଙ୍କ ପୟରେ ପଡି ବିନୟର ସହ କହିଲେ ।

ଅବଶିଷ୍ଟାଂଶ ୧୦ମ ପୃଷ୍ଠାରେ

## ଆଜିର ଚିନ୍ତନ

ଯଥାର୍ଥ ଓ ଆଦର୍ଶ ଉଭୟଙ୍କ ମଧ୍ୟରେ ବିବାଦ ଦେଖାଦେଲା । ଯଥାର୍ଥ କହୁଥିଲା 'ମୁଁ ବଡ଼' ଏବଂ ଆଦର୍ଶ କହୁଥିଲା 'ମୁଁ ବଡ଼' । ବିବାଦର ସମାଧାନ ହୋଇ ପାରିଲା ନାହିଁ, ତେଣୁ ଯଥାର୍ଥ ଓ ଆଦର୍ଶ, ଉଭୟ ପ୍ରଜାପତି ବ୍ରହ୍ମାଙ୍କ ନିକଟକୁ ଗଲେ ଏବଂ କହିଲେ- 'ହେ ପିତାମହ ! ଆପଣ ହିଁ ଆମକୁ ଜନ୍ମ ଦେଇଛନ୍ତି, ଏବେ ଆପଣ ହିଁ ନିର୍ଣ୍ଣୟ କରନ୍ତୁ ଯେ ଆମ ଦୁଇ ଜଣଙ୍କ ଭିତରେ ବଡ଼ କିଏ ? ପ୍ରଜାପତି ଗମ୍ଭୀର ହୋଇ ଚିନ୍ତା କରିବାକୁ ଲାଗିଲେ ଏବଂ ମନ୍ଦହାସ୍ୟ କରି କହିଲେ 'ବତ୍ସ ! ବଡ଼ ସିଏ ହୋଇପାରେ, ଯିଏ କି ଆକାଶ ଓ ପୃଥିବୀ ମଧ୍ୟରେ ସମ୍ବନ୍ଧ ଯୋଡ଼ିପାରେ ।

ଯଥାର୍ଥ ନିଜକୁ ବିସ୍ତାର କରିବା ଆରମ୍ଭ କରିଦେଲା । ପୃଥିବୀରୁ ଉପରକୁ ଉଠିବାକୁ ଲାଗିଲା, ଆହୁରି ଉପରକୁ ଉଠିଲା, କିନ୍ତୁ ସେ ସୂର୍ଯ୍ୟଙ୍କୁ ମଧ ଛୁଇଁ ପାରିଲା ନାହିଁ । ନିଜର ପରାଜୟ ସ୍ୱୀକାର କଲା ଏବଂ ଆଦର୍ଶକୁ କହିଲା- 'ଆଚ୍ଛା ଏବେ ଆପଣ ଏହାକୁ ସାବ୍ୟସ୍ତ କରି ଦେଖନ୍ତୁ । ଆଦର୍ଶ ଆକାଶକୁ ଚାଲିଗଲା ଏବଂ ସେଠାରୁ ନିଜର ପାଦ ବଢ଼ାଇ ପୃଥିବୀକୁ ଛୁଇଁବାର ପ୍ରୟତ୍ନ କରିବାକୁ ଲାଗିଲା, କିନ୍ତୁ ସେ ମଝିରେ ଝୁଲି ରହିଗଲା । ଉଭୟ ମୁଣ୍ଡ ନୁଆଁଇ ପ୍ରଜାପତିଙ୍କ ସମ୍ମୁଖରେ ନିଜ ନିଜର ପରାଜୟ ସ୍ୱୀକାର କରିନେଲେ ।

ବ୍ରହ୍ମାଜି କହିଲେ- 'ଏମିତି ଯଦି ହାର ମାନିଯିବ ତେବେ ତୁମମାନଙ୍କ ମଧ୍ୟରୁ କେହି ଜଣେ ହେଲେ ଜୀବିତ ରହିବ ନାହିଁ । ଯାଅ ଏବେ ଦୁଇ ଜଣ ଏକତ୍ର ହୋଇ ଚେଷ୍ଟା କର । ଯଥାର୍ଥ ଓ ଆଦର୍ଶ ଭାଇ ଭାଇ ପରି ମିଶିଗଲେ ଏବଂ ଉଭୟ ପୃଥିବୀ ଆକାଶକୁ ଯୋଡିଦେଲେ । ପ୍ରଜାପତି ଏହାକୁ ଦେଖି ଅତ୍ୟନ୍ତ ପ୍ରସନ୍ନ ହୋଇ କହିଲେ- 'ବତ୍ସ ! ପରସ୍ପର ପ୍ରତିଦ୍ୱନ୍ଦ୍ୱୀ ହେବାରେ ନୁହେଁ, ସହଯୋଗୀ ହେବାରେ ତୁମମାନଙ୍କର ବଡ଼ପଣ ରହିଛି । ଯିଏ ଯେତେ ଅଧିକ ଯଥାର୍ଥ ଓ ଆଦର୍ଶର ସମନ୍ୱୟ କରେ, ସେ ନିଜର ସ୍ତରକୁ ସେତେ ଅଧିକ ଉଚ୍ଚତମ ସ୍ଥିତି ପର୍ଯ୍ୟନ୍ତ ବଢ଼ାଇ ପାରେ । ଏହି କଥା ସମାନ ଭାବରେ ସମୁଦାୟରେ, ବ୍ୟକ୍ତି ବ୍ୟକ୍ତି ମଧ୍ୟରେ ଦେଖାଯାଉଥିବା ଭିନ୍ନତା ଉପରେ ଲାଗୁ ହୋଇଥାଏ । ଶ୍ରେଷ୍ଠ କର୍ମ ଆଧାରରେ ବ୍ୟକ୍ତି ଶ୍ରେଷ୍ଠ ଏବଂ ସମ୍ମାନନୀୟ, ପ୍ରଶଂସନୀୟ ପଦ ଲାଭ କରିଥାଏ ।

ଗୋବିନ୍ଦଚନ୍ଦ୍ର ପାଣିଗ୍ରାହୀ

# ଗୀତା ଓ କରୋନା

ସମଗ୍ର ବିଶ୍ୱରେ ଏବେ କରୋନା ମହାମାରୀର ଚର୍ଚ୍ଚା । ଦୁଇବର୍ଷ ଧରି ଏହି ମହାମାରୀ ବିଶ୍ୱର ଜନ ସାଧାରଣଙ୍କୁ କାତର ଅବସ୍ଥାକୁ ନେଇ ଯାଇଛି । ଜଳ, ସ୍ଥଳ ଓ ଆକାଶ ସର୍ବତ୍ର ଭୟର ବାତାବରଣ । କେବଳ ଜୀବନ ଘାତ ନୁହେଁ, ଆର୍ଥିକ ଓ ସାମାଜିକ ବିକାଶରେ ଏହା ଏପରି ବାଧକ ହୋଇଛି, ଯାହା ଫଳରେ ବିଶ୍ୱର ପ୍ରଗତି ଏକ ପ୍ରକାର ଦୁଃସ୍ଥିତିକୁ ଚାଲି ଯାଇଛି । ତଥାପି ଆମେ ହାରି ନାହୁଁ । ଲଢ଼େଇ କରି ବଞ୍ଚିବା ତ ମଣିଷର ସହଜାତ ପ୍ରବୃତ୍ତି । ଏବେ କରୋନା ଆସିଲା, ମାତ୍ର ପୂର୍ବରୁ କେତେକେତେ ଜୀବାଣୁ, ଭୂତାଣୁ ଆମକୁ କବଳିତ କରିବାକୁ ଆସିଛି । ମାତ୍ର ମଣିଷ ତା'ର ପ୍ରତିରୋଧ କରି ଚାଲିଛି । ଯେ କୌଣସି ଲଢ଼େଇରେ କ୍ଷତି ସହ ଲାଭ ରହିଛି ଓ ଅନାଗତ ଦିନମାନଙ୍କ ପାଇଁ ସୁଦୃଢ଼ ସତର୍କତା ମଧ ମିଳିଛି । ଆମେ ଜାଣୁ, ଜୀବାଣୁ ମାନଙ୍କ ତୁଳନାରେ ଭୂତାଣୁ ଗୁଡିକ ରୋଗ ସୃଷ୍ଟିରେ ଅଧିକ ଶକ୍ତିଶାଳୀ ଓ ସେମାନଙ୍କର ସଂକ୍ରମଣ ବାରମ୍ବାର ନୂଆରୂପ ନେଇଥାଏ । କରୋନା ସେହି ଭଳି ଏକ ଭୂତାଣୁ । ଏଥିରୁ ରକ୍ଷା ପାଇବା ପାଇଁ ଆମେ ମାସ୍କ, ନିର୍ଦ୍ଦିଷ୍ଟ ଦୂରତା ଓ ହାତ, ମୁହଁ ସଫେଇ ଓ ଟୀକାକୁ ଗୁରୁତ୍ୱର ସହ ଗ୍ରହଣ କରିଛୁଁ । ତଥାପି ପ୍ରଥମ ଲହର ଠାରୁ ଦ୍ୱିତୀୟ ଲହର ପର୍ଯ୍ୟନ୍ତ ଆମ ବିଶେଷଜ୍ଞ ଡାକ୍ତରମାନେ ଆଉ ଦୁଇଟି ଗୁରୁତ୍ୱପୂର୍ଣ୍ଣ କାର୍ଯ୍ୟ ଉପରେ ଜୋର ଦେଉଛନ୍ତି । ସେ ଦୁଇଟି ହେଲା, ସୁଷମ ଖାଦ୍ୟ ଅଥବା ରୋଗ ପ୍ରତିରୋଧକ ଔଷଧୀୟ ଖାଦ୍ୟ ଓ ଯୋଗ ତଥା ପ୍ରାଣାୟାମର ଅଭ୍ୟାସ । ଆମ ଦେଶର ପ୍ରଧାନମନ୍ତ୍ରୀଙ୍କ ଠାରୁ ଆରମ୍ଭ କରି ସ୍ୱାସ୍ଥ୍ୟ ବିଶେଷଜ୍ଞଙ୍କ ପର୍ଯ୍ୟନ୍ତ କରୋନାର ଟୀକା ବ୍ୟବହାର ସହିତ ଆୟୁଷ ମନ୍ତ୍ରଣାଳୟ ନିର୍ଦ୍ଦେଶିତ ନାନା କାଢ଼ା ଓ ସୁସ୍ଥ ପରିବେଶକୁ ଗୁରୁତ୍ୱ ଦେଉଛନ୍ତି । ଶରୀର ସମସ୍ତ ଅବୟବର ଉତ୍ତମ ସଞ୍ଚାଳନ ଓ ପୁଷ୍ଟତା ପାଇଁ ଯୋଗକୁ ମଧ ପ୍ରାଧାନ୍ୟ ଦିଆଯାଉଛି । ଏଠାରେ ବିଚାର୍ଯ୍ୟ ଯେ, ଏ ସବୁ ଯେ ଏବେ ଆମ ପାଖରେ ରହିଲା ତାହା ନୁହେଁ । ବହୁ ପୂର୍ବରୁ ଆମର ଆୟୁର୍ବେଦ ଓ ଯୋଗଶାସ୍ତ୍ରରେ ଏହାର ଉପାଦେୟତା ବର୍ଣ୍ଣିତ । କେବଳ ସେତିକି ନୁହେଁ ଆମ ଧର୍ମ ଓ ଦର୍ଶନ ଶାସ୍ତ୍ରମାନଙ୍କରେ ମଧ ଏହାର ସୂଚନା ରହିଛି । ଏହାର କାରଣ, ମଣିଷ ଶରୀର ସୁସ୍ଥ ଓ ନୀରୋଗ ରହିଲେ ହିଁ ସେ କର୍ମ ତତ୍ପର ହେବା ସଙ୍ଗେ ସଙ୍ଗେ ସମସ୍ତ ରୋଗ ସୃଷ୍ଟିକାରୀ ଶକ୍ତି ସହିତ ଲଢ଼ି ପାରିବ । ପୁରାଣ ଯୁଗରୁ ଆମ ଭେଷଜ ବିଜ୍ଞାନ ରୋଗ ନାଶକାରୀ ଔଷଧ ସଂପର୍କରେ ଜଣାଇବା ସଙ୍ଗେ ସଙ୍ଗେ ରୋଗ ନ ହେବା କିମ୍ବା ରୋଗକୁ ପ୍ରତିରୋଧ କରିବା ପାଇଁ ନାନା ଉପାୟ ବାହାର କରିଛି । ଆମେ ତାକୁ ଗୁରୁତ୍ୱ ନ ଦେବାରୁ ଆଜି କରୋନା ମହାମାରୀ ଆମକୁ ସତର୍କ କରାଇ ଦେଇଛି ।

ଆମ ଧର୍ମ ଓ ଦର୍ଶନ ଶାସ୍ତ୍ର ମଧ୍ୟରେ ଶ୍ରୀମଦ୍ ଭଗବଦ୍ ଗୀତାକୁ ସମଗ୍ର ବିଶ୍ୱ ସମ୍ମାନ ପ୍ରଦର୍ଶନ କରିଛନ୍ତି । ଗୀତା ଯେ, କେବଳ ଜନ୍ମ, ମୃତ୍ୟୁ, କର୍ମ, ଜ୍ଞାନ, ଅଧ୍ୟାତ୍ମ ବିଦ୍ୟା କିମ୍ବା ଈଶ୍ୱରୀୟ ଚେତନା ଦେଇଛି, ତାହା ନୁହେଁ । ଏଥିରେ ମଧ ଶରୀରର ପୁଷ୍ଟି କରଣ ଓ ନିରାପଦ କର୍ମ ପ୍ରବାହ ପାଇଁ ଯୋଗ ଓ ରୋଗ ନିରୋଧକ ଖାଦ୍ୟ ସଂପର୍କୀତ ବାର୍ତ୍ତା ରହିଛି । ଅହଂ ହି ସର୍ବ ଭୂତାନାଂ କହି ଭଗବାନ ଶ୍ରୀକୃଷ୍ଣ ମାନବ ତା'ର ଶରୀରକୁ ଦେବ ମନ୍ଦିର ଭଳି ସୁସ୍ଥ ଓ ସୁନ୍ଦର କରିବାକୁ ଆହ୍ୱାନ ଦେଇଛନ୍ତି । ଗୀତାରେ ଭଗବାନ ଯୋଗକୁ ଅଧିକ ଗୁରୁତ୍ୱ ଦେଇଛନ୍ତି । ଯୋଗଃ କର୍ମସୁ କୌଶଳମ୍' କହି ସେ ଜୀବନର ସମସ୍ତ କର୍ମର ସୃଷ୍ଟ ନିୟନ୍ତ୍ରଣ ପାଇଁ ଯୋଗମାର୍ଗକୁ ଶ୍ରେୟ କହିଛନ୍ତି । ଗୀତାର ଷଷ୍ଠ ଅଧ୍ୟାୟ ଅଥବା ଧ୍ୟାନ ଯୋଗରେ ଏ ସଂପର୍କୀତ ସ୍ପଷ୍ଟ ସୂଚନା ପ୍ରଦତ୍ତ । ଯୋଗ ସାଧନ ପାଇଁ ଏକାନ୍ତ ସ୍ଥାନର ଆବଶ୍ୟକତା ଅଧିକ । ଆମେ କିନ୍ତୁ ଜୁନ୍ ୨୧ ତାରିଖରେ ପ୍ରତିବର୍ଷ ଯୋଗ ଦିବସ ପାଳନ ଅବସରରେ ସାମୂହିକ ଯୋଗ ସାଧନ କରୁଛୁଁ । ଏହା ସେହି ଦିବସ ପାଇଁ ଉର୍ଦ୍ଦିଷ୍ଟ । ବ୍ୟକ୍ତି ନିଜ ଗୃହରେ ଯୋଗ ସାଧନ ବେଳେ ଏକାନ୍ତ ରହିବା ଉଚିତ । ପୁନଶ୍ଚ ଯୋଗ ସାଧନ ପାଇଁ ପବିତ୍ର ଅର୍ଥାତ୍ ପରିଷ୍କାର ଭୂମିରେ ସ୍ଥିର ଭାବରେ ଉପବେଶନ ପୂର୍ବକ କୋମଳ ବସ୍ତ୍ର ଉପରେ ବସି ଅଥବା କୁଶାସନରେ ବସି ଯୋଗ ସାଧନ କରିବାକୁ ଗୀତାର ଷଷ୍ଠ ଅଧ୍ୟାୟ ଏକାଦଶ ଶ୍ଳୋକରେ କୁହାଯାଇଛି । ଯୋଗ ସାଧନର କାର୍ଯ୍ୟ ସଂପର୍କରେ ସେଥିରେ ତ୍ରୟୋଦଶ ଶ୍ଳୋକରେ କୁହାଯାଇଛି ଯେ, କାୟା, ଶିର, ଗ୍ରୀବାକୁ ସିଧା ରଖି, ନାସାଗ୍ରରେ ଚକ୍ଷୁ କେନ୍ଦ୍ରିତ କରି ଧ୍ୟାନ ପୂର୍ବକ ଯୋଗ କରାଯିବା ଉଚିତ । ଗୀତାରେ ବର୍ଣ୍ଣିତ ଯୋଗକୁ ଆମେ ଅଧ୍ୟାତ୍ମ ସାଧନାର ମାର୍ଗ ଦର୍ଶକା କହିପାରୁଁ । କାରଣ ଏବେ ଆମେ ଯୋଗ ଭାବରେ ବିଭିନ୍ନ ଆସନ କୁ ହିଁ ଗ୍ରହଣ କରିଛୁଁ । ମାତ୍ର ଯୋଗ ଶାସ୍ତ୍ର ପ୍ରଣେତା ପତଞ୍ଜଳିଙ୍କ ଅନୁସାରେ 'ଯୋଗଃ ଚିତ୍ତବୃତ୍ତି ନରୋଧଃ' କୁ ପ୍ରାଣାୟାମ ଦ୍ୱାରା ସାଧନା କରିବାକୁ ଆମେ ହତାଦର କରି ନାହୁଁ । ଗୀତାରେ ମଧ ଚତୁର୍ଥ ଅଧ୍ୟାୟରେ 'ପ୍ରାଣପାନ ଗତି ରୁଦ୍ଧା ପ୍ରାଣାୟାମ ପରାୟଣାଃ' ବୋଲି କୁହାଯାଇଛି । ତେବେ ବିଚାର୍ଯ୍ୟ ଯେ, ଯୋଗ ଦ୍ୱାରା ଶରୀର ଅଙ୍ଗ ପ୍ରତ୍ୟଙ୍ଗ ସଞ୍ଚାଳନ, ନିଃଶ୍ୱାସ ପ୍ରଶ୍ୱାସର ନିୟନ୍ତ୍ରଣ ଫଳରେ ଶରୀର ରୋଗ ପ୍ରତିରୋଧକ ଶକ୍ତି ସଂଚୟ କରେ । କରୋନା ସଂକ୍ରମଣରେ ଏହି ଶକ୍ତି ବଳବତ୍ତର ରହିଲେ ରୋଗ ସଂକ୍ରମିତ ହେବାରେ ସଫଳ ହୁଏ ନାହିଁ । ଏବେ କରୋନା ପାଇଁ ଫୁସଫୁସ୍ ସଂକ୍ରମଣ ଭୟ ଅଧିକ ହେତୁ ଆମେ ଅମ୍ଳଜାନର ବ୍ୟବହାରକୁ ଗୁରୁତ୍ୱ ଦେଉଛୁଁ । ମାତ୍ର ଯୋଗ ଦ୍ୱାରା ଫୁସଫୁସ୍ ଶ୍ୱାସ କ୍ରିୟାରେ ସହଜ ସଂପ୍ରସାରିତ ହେଉଥିବାରୁ ଏବଂ ଏହା ଆବଶ୍ୟକୀୟ ଅମ୍ଳଜାନ ସଂଶ୍ଳେଷଣ କରିପାରୁଥିବାରୁ କରୋନା ଭୂତାଣୁ ଶୀଘ୍ର କ୍ଷତି ପହଞ୍ଚାଏ ନାହିଁ । ସାଧାରଣ ଉପଚାର ବା ଚିକିତ୍ସା ପରେ ବ୍ୟକ୍ତି ସୁସ୍ଥ ହୋଇଥାଏ । ସେଥିପାଇଁ ଏବେ ଆମ ସରକାର ଯୋଗ ଉପରେ ସମଧିକ ଗୁରୁତ୍ୱ ଦେଉଛନ୍ତି । ମାତ୍ର ମହାଭାରତ ଯୁଗରୁ ଗୀତା ଯେ ଏହାର ଗୁରୁତ୍ୱ ଉପସ୍ଥାପନ କରିଛି, ଏହା ନିଃସନ୍ଦେହ ।

ଶ୍ରୀମଦ୍ ଭଗବଦ୍ ଗୀତାର ସପ୍ତଦଶ ଅଧ୍ୟାୟରେ ଆମର ଖାଦ୍ୟ ସଂପର୍କରେ ବର୍ଣ୍ଣିତ । ଏହାକୁ ଶ୍ରଦ୍ଧାତ୍ରୟ ବିଭାଗ ଯୋଗ ଭାବେ ନାମିତ କରାଯାଇଛି । ଅର୍ଥାତ୍, ଆମ ପାଇଁ ତିନି ପ୍ରକାରର ଖାଦ୍ୟର ଉପସ୍ଥାପନ ସମାଜ ଜୀବନରେ ରହିଛି । ଗୀତାରେ ଏହାକୁ ସାତ୍ତ୍ୱିକ, ରାଜସିକ ଓ ତାମସିକ ଖାଦ୍ୟ ନାମରେ ବିଭକ୍ତ କରାଯାଇଛି । ଖାଦ୍ୟ ହିଁ ରୋଗ ସୃଷ୍ଟି ଓ ରୋଗ ବିନାଶର କାରଣ ହୋଇଥାଏ । ସେଥିପାଇଁ ବୈଜ୍ଞାନିକମାନେ ଶରୀରର ସୁସ୍ଥତା ପାଇଁ ସୁଷମ ଖାଦ୍ୟର ବ୍ୟବସ୍ଥା କରିଥିଲେ । ଯେଉଁ ଖାଦ୍ୟ ଆମ ଶରୀରକୁ କେବଳ ପୁଷ୍ଟ ନୁହେଁ ନିରୋଗ ରଖିବାରେ ସହାୟକ ହୁଏ, ତାହାକୁ ସୁଷମ ଖାଦ୍ୟ ହିଁ କୁହାଯିବ । ଖାଦ୍ୟର ବିଭାଗୀ କରଣ କରିବାକୁ ଯାଇ ଗୀତାରେ କୁହାଯାଇଛି ଯେ, ଆହାର ସ୍ତ୍ୱପି ସର୍ବସ୍ୟ ତ୍ରିବିଧୋ ଭବତି ପ୍ରିୟଃ । ଅର୍ଥାତ୍ ବ୍ୟକ୍ତିର ରୁଚି ଅନୁସାରେ ସମସ୍ତ ବ୍ୟକ୍ତି ସାତ୍ତ୍ୱିକ ବା ରାଜସିକ ବା ତାମସିକ ଖାଦ୍ୟ ଖାଇବାକୁ ପସନ୍ଦ କରନ୍ତି । ସାତ୍ତ୍ୱିକ ଖାଦ୍ୟର ଲକ୍ଷଣ ଓ ଗୁଣ କହିବାକୁ ଯାଇ ବର୍ଣ୍ଣିତ ଯେ, ଆୟୁଷ ପ୍ରଦାନକାରୀ, ସତ୍ତ୍ୱଗୁଣ ବର୍ଦ୍ଧକ, ଆରୋଗ୍ୟ ଦାୟୀ, ସମସ୍ତ ପରିତୃପ୍ତିଦାନୀ, ମଧୁର, ଚିକ୍କଣ, ସ୍ନେହସାର ଯୁକ୍ତ, ହୃଦୟ କୁ ସୁସ୍ଥତା ପ୍ରଦାୟକ ଖାଦ୍ୟ ହିଁ ସାତ୍ତ୍ୱିକ ଖାଦ୍ୟ । ଏହି ଖାଦ୍ୟ ଦ୍ୱାରା ଆମେ ସାମ୍ପ୍ରତିକ କରୋନା ସମସ୍ୟାର ସମାଧାନ ମଧ ପାଇବୁ । କାରଣ ଏବେ ଆମର ଆୟୁଷ ଓ ଆରୋଗ୍ୟ ଏକାନ୍ତ ଆବଶ୍ୟକ । ଆମ ହୃଦୟ କିମ୍ବା ଫୁସଫୁସ ରକ୍ତ ସଞ୍ଚାଳନ ଓ ଶ୍ୱାସକ୍ରିୟା ପାଇଁ ସହଜ ଓ ସୁଗମ ଥିବା ଉଚିତ । କେବଳ କରୋନା ନୁହେଁ, ଗୀତାରେ ବର୍ଣ୍ଣିତ ସାତ୍ତ୍ୱିକ ଆହାର ବାସ୍ତବରେ ସମସ୍ତ ପ୍ରକାର ରୋଗ ନାଶକାରୀ ହୋଇ ପାରିବ । ଆମେ ହୁଏତ ବିଜ୍ଞାନ ସମ୍ମତ ସୁଷମ ଖାଦ୍ୟକୁ ଏହି ଶ୍ରେଣୀରେ ଅନ୍ତର୍ଭୁକ୍ତ କରିପାରୁଁ । ଗୀତାରେ ଅବଶ୍ୟ ରାଜସିକ ଆହାରର ଲକ୍ଷଣରେ କଟୁ, ଅମ୍ଳଯୁକ୍ତ, ଅତିଉଷ୍ଣ, ରୁକ୍ଷ, ଦ୍ରବ୍ୟକୁ କୁହାଯାଇଛି ଓ ତାମସ ଆହାରରେ ବାସି, ପଚା, ନୀରସ ଓ ଶୁଖିଲା ଉଚ୍ଛିଷ୍ଟ, ଅଭକ୍ଷ ପଦାର୍ଥକୁ ନିର୍ଦ୍ଦେଶିତ କରାଯାଇଛି ।

ଏଠାରେ ବିଚାର୍ଯ୍ୟ ଯେ, ମଣିଷର ଆହାର ଯେପରି ହେବ, ତା'ର ସ୍ୱଭାବ ଆଚରଣ ତଦନୁରୂପ ହେବ । ଏଠାରେ ମନେ ପଡେ କବିଶ୍ରୀ ହର୍ଷଙ୍କ ନୈଷଧୀୟ ଚରିତ'ର ଏକ ବାକ୍ୟାଂଶ- 'ଅନ୍ନାନୁରୂପଃ ତନ୍ନରୂପ ଋଦ୍ଧି । ଆମ ଭାରତୀୟ ଦର୍ଶନ, ଆୟୁର୍ବେଦ ସେଥିପାଇଁ ସାତ୍ତ୍ୱିକ ଆହାରକୁ ଅଧିକ ଗୁରୁତ୍ୱ ଦେଇଛି । ପୁନଶ୍ଚ ଆମକୁ ରୋଗ ସେତେବେଳେ ହୁଏ, ଯେତେବେଳେ କୌଣସି କାରଣରୁ ଆମ ଶରୀର ଅପପୁଷ୍ଟିର ଶୀକାର ହୁଏ । ଫଳରେ ଶରୀର ରୋଗ ପ୍ରତିରୋଧକ ଶକ୍ତିକୁ ହରାଇ ଥାଏ । ଏବେ କରୋନା ମହାମାରୀର ଭୂତାଣୁ ଦୁଇଟି ଦୁର୍ବଳ ସ୍ଥାନକୁ ହିଁ ଏକ ସଙ୍ଗେ ସଂକ୍ରମିତ ହେଉଛି । ଯାହାର ଅପପୁଷ୍ଟି କାରଣରୁ ଶରୀର ରୋଗ ପ୍ରତିରୋଧକ ଶକ୍ତି ହରାଉଛି, ତାକୁ ଭୂତାଣୁ କବଳିତ କରୁଛି । ପରେ ପରେ ସେ ଶ୍ୱାସକ୍ରିୟାର ସଞ୍ଚାଳନକୁ ରୋଧନ କରିବାକୁ ତତ୍ପର ହେଉଛି । ଶ୍ୱାସକ୍ରିୟା ଓ ଶରୀରର ସମ୍ଭାବ୍ୟ ଉତ୍ତାପ ରକ୍ଷା କରିବାକୁ ଯୋଗ ହିଁ ପ୍ରକୃଷ୍ଟ ସାଧନ । ଫଳତଃ ଆମ ଫୁସଫୁସ୍ ସତେଜ ରହେ ଓ ସଂକ୍ରମଣକୁ ପ୍ରତିରୋଧ କରେ । ଅବଶ୍ୟ ସଂକ୍ରମିତ ବ୍ୟକ୍ତି ଔଷଧ ସେବନ କରିବା ଜରୁରୀ କେବଳ ଭୂତାଣୁର ଶକ୍ତିକୁ ହ୍ରାସ କରିବାକୁ । ମାତ୍ର ଯୋଗ ଓ ସାତ୍ତ୍ୱିକ ଆହାର ବ୍ୟତୀତ ଏହା ସମ୍ଭବ ହୋଇପାରେ ନାହିଁ । ସେଥିପାଇଁ ବିଶ୍ୱ ଆଜି ଯୋଗ, ପ୍ରାଣାୟାମ ଓ ସାତ୍ତ୍ୱିକ ଆହାରକୁ ଗୁରୁତ୍ୱ ଦେଉଛି । ଯେଉଁମାନେ ଅନ୍ୟ କିଛି ଜଟିଳ ରୋଗରେ ଆକ୍ରାନ୍ତ ସେମାନେ ନା ସଠିକ ଯୋଗ କରିପାରିବେ, ନା ସାତ୍ତ୍ୱିକ ଆହାରକୁ ଗ୍ରହଣ କରି ହଠାତ୍ ନିଜକୁ ସୁସ୍ଥ କରି ପାରିବେ ? ଯୋଗ ଓ ଆହାର ଏକ କ୍ରମ ଅଭ୍ୟାସର କାର୍ଯ୍ୟ । ତେବେ ଶ୍ରୀମଦ୍ ଭାଗବଦ ଗୀତା ଯେ ଏହି ଉପାୟର ଆୟମାରମ୍ଭ କରି ସାରିଛି, ଏଥି ପ୍ରତି କେହି ଗୁରୁତ୍ୱ ଦେଇ ନାହାନ୍ତି । କାରଣ ଧର୍ମ ଓ ଦର୍ଶନ ଶାସ୍ତ୍ର ଭାବେ ଗୀତାକୁ ଯେତେ ଅଧିକ ବିଚାର କରାଯାଇଛି, ଭେଷଜ ଓ ଯୋଗ ଶାସ୍ତ୍ରର ସୂଚକ ପ୍ରବକ୍ତା ଭାବେ ସେତିକି ବିଚାର କରାଯାଇ ନାହିଁ ।

ସତ୍ୟନଗର, ତଅଁର, କେନ୍ଦୁଝର
ମୋ: ୯୯୩୮୧୧୨୭୧୭

## ଟିକିଏ ହସନ୍ତୁ

ବ୍ୟାଙ୍କ କର୍ମଚାରୀ: ମ୍ୟାଡାମ ମୁଁ ବ୍ୟାଙ୍କରୁ କହୁଛି । ଆପଣଙ୍କୁ କ୍ରେଡିଟ୍ କାର୍ଡ ଦରକାର ।
ଝିଅ: ନାଁ ମୋ ପାଖରେ ବଏଫ୍ରେଣ୍ଡ ଅଛି ।

× × × ×

ଗର୍ଲଫ୍ରେଣ୍ଡ: ମୋ ମା'କୁ ତୁମେ ବହୁତ ପସନ୍ଦ ଆସିଲ ।
ବଏଫ୍ରେଣ୍ଡ: ଆରେ ପାଗଳିଙ୍କ ପରି କ'ଣ କହୁଛ ? ମୁଁ ତ ତତେ ବାହା ହେବି । ତୁ ମା'ଙ୍କୁ କହିବୁ ମତେ ଭୁଲିଯିବାକୁ ।

× × ×



ସୋନୁ: ବେବି କୁହ ତୁମ ପାଇଁ କ'ଣ ଅର୍ଡର କରିବି ?
ଗର୍ଲଫ୍ରେଣ୍ଡ: ମୋ ପାଇଁ ପିଜ୍ଜା ଆଉ ତୁମ ପାଇଁ ଆମ୍ବୁଲାନ୍ସ ।
ସୋନୁ: ଆମ୍ବୁଲାନ୍ସ କ'ଣ ପାଇଁ ?
ଗର୍ଲଫ୍ରେଣ୍ଡ: ପଛକୁ ଦେଖ ତୁମ ସ୍ତ୍ରୀ ଠିଆ ହୋଇଛନ୍ତି ।

× × × ×

ରାଜୁ: ଭାଉଜ ଆଜି ମୁଁ ବଡ଼ ଚାଲାକ ଝିଅ ଦେଖିଲି ।
ବଣ୍ଟି: କ'ଣ କଲା କି ?
ରାଜୁ: ଟ୍ରେନରେ ମୁଁ ବସିଥିଲି । ସେ ତା' ଫୋନରୁ ଜାତୀୟ ସଙ୍ଗୀତ ବଜାଇ ଦେଲା । ଆଉ ମୁଁ ଯେମିତି ସିଟ୍‌ରୁ ଠିଆ ହୋଇଛି ସେ ବସି ପଡିଲା ।

× × × × × ×

ପତ୍ନୀ ସକାଳୁ ସକାଳ ସ୍ୱାମୀଙ୍କୁ: ମୁଁ ଖବରକାଗଜ ହୋଇ ଥାଆନ୍ତି କି ! ଅନ୍ତତଃ ପ୍ରତିଦିନ ସକାଳେ ତମେ ମତେ ହାତରେ ତ ଧରି ଥାଆନ୍ତ ।
ସ୍ୱାମୀ: ମୋର ବି ସେଇ ଇଚ୍ଛା । ତମେ ଖବରକାଗଜ ହୋଇଥିଲେ ସବୁଦିନ ନୂଆ ନୂଆ ପାଇଥାଆନ୍ତି ।

× × × × ×

ଭିକାରି ବିଏମଡବ୍ଲ୍ୟୁ କାରରେ ବସିଥିବା ଜଣେ ମହିଳାଙ୍କୁ: ମା' ଏଇ ଗରିବ ଭିକାରିକୁ କିଛି ଦିଅ ।
ମହିଳା: ନିଅ ୧୦ ଟଙ୍କା । ଭିକାରି ଟଙ୍କା ନେଇ ଚାଲିଗଲା । କିଛି ବାଟ ଯିବା ପରେ ମହିଳା ପାଟି କରି: ଟଙ୍କା ଦେଲି କିଛି ଆଶୀର୍ବାଦ ତ ଦିଅ ।
ଭିକାରୀ: ବିଏମଡବ୍ଲ୍ୟୁରେ ବସିଛ । ଆହୁରି କ'ଣ ରକେଟରେ ବସିବାକୁ ଇଚ୍ଛା ନା କ'ଣ ?


ବର୍ଷ ୨୫, ସଂଖ୍ୟା-୨୭, ୦୧ - ୦୭ ଅଗଷ୍ଟ ୨୦୨୧

## 'ପେଗାସସ୍' ଝଡ଼

ଏବେ 'ପେଗାସସ୍'କୁ ନେଇ ରାଜନୀତିର ପାଣିପାଗ ମଧ କ୍ରମଶଃ ଉଷ୍ମ ହେବାରେ ଲାଗିଛି । ବିରୋଧୀଙ୍କ ଅଭିଯୋଗ ହେଲା ଇସ୍ରାଏଲର ବିକଶିତ 'ପେଗାସସ୍' ନାମକ ସ୍ପାଏୱୟାର ବ୍ୟବହାର କରି କେନ୍ଦ୍ର ସରକାର ବିରୋଧୀ ଦଳର ରାଜନୈତିକ ନେତା, ସାମ୍ବାଦିକ, ସାମାଜିକ କର୍ମକର୍ତ୍ତା, ସାମ୍ବିଧାନିକ ପଦାଧିକାରୀଙ୍କ ଉପରେ ତୀକ୍ଷ୍ଣ ନଜର ରଖୁଛନ୍ତି । ତେବେ ଏହି ଅଭିଯୋଗର ସତ୍ୟତା ଏ ପର୍ଯ୍ୟନ୍ତ ପ୍ରମାଣିତ ହୋଇପାରି ନାହିଁ । ଅପରପକ୍ଷରେ ପେଗାସସ୍ ସ୍ପାଏୱୟାର ଜରିଆରେ ଗୁଇନ୍ଦାଗିରି କରାଯାଇ ନାହିଁ ବୋଲି କେନ୍ଦ୍ର ସରକାର ସ୍ପଷ୍ଟୀକରଣ ଦେଇଥିବା ବେଳେ ସଂସଦରେ ଉଠିଥିବା ଏଭଳି ଅଭିଯୋଗ ଗଣତନ୍ତ୍ରକୁ ବଦନାମ କରିବା ପାଇଁ ବିରୋଧୀଙ୍କ ଏକ ଚାଲ ବୋଲି କହିଛନ୍ତି । ଇତି ମଧ୍ୟରେ ଏହି ଘଟଣାରେ ନ୍ୟାୟିକ ତଦନ୍ତ ପାଇଁ ମନୋହର ଲାଲ୍ ଶର୍ମା ନାମକ ଜଣେ ଆଇନଜୀବୀଙ୍କ ସମେତ ରାଜ୍ୟସଭାର ଜଣେ ସାଂସଦ ମଧ ସର୍ବୋଚ୍ଚ ନ୍ୟାୟାଳୟରେ ଜନସ୍ୱାର୍ଥ ମାମଲା ଦାୟର କରିଥିବା ଜଣାପଡିଛି ।

ପେଗାସସ୍‌ଝଡ଼'ର ସର୍ବାଧିକ ପ୍ରଭାବ ପଡିଛି ସଂସଦ ଉପରେ । ରାଜ୍ୟସଭାରେ କେନ୍ଦ୍ର ଆଇଟି ମନ୍ତ୍ରୀ ଅଶ୍ୱିନୀ ବୈଷ୍ଣବ ଏ ସମ୍ବନ୍ଧୀୟ ବିବୃତ୍ତି ରଖୁଥିବା ବେଳେ ହଠାତ୍ ଟିଏମସି ସାଂସଦ ମନ୍ତ୍ରୀଙ୍କ ହାତରୁ କାଗଜ ଟାଣିନେଇ ଚିରି ଗୃହରେ ଉଡାଇଥିଲେ । ଟିଏମସି ସାଂସଦଙ୍କ ଏହି ଆଚରଣ ପାଇଁ ଦଣ୍ଡବିଧାନ ସ୍ୱରୂପ ତାଙ୍କୁ ଚଳିତ ଅଧିବେଶନର ବଳକା କାର୍ଯ୍ୟଦିବସରୁ ନିଲମ୍ବିତ କରାଯାଇଛି । ଇତିମଧ୍ୟରେ ପଶ୍ଚିମବଙ୍ଗ ସରକାର ପେଗାସସ୍ ଗୁଇନ୍ଦାଗିରି ଅଭିଯୋଗର ତଦନ୍ତ କରିବା ପାଇଁ ଏକ ଆୟୋଗ ଗଠନ କରିଛି । ସମୀକ୍ଷକଙ୍କ ମତରେ ମମତାଙ୍କ ଏଭଳି ପଦକ୍ଷେପ ପରୋକ୍ଷରେ କେନ୍ଦ୍ର ସରକାରଙ୍କ ଆଡ଼କୁ ଇଙ୍ଗିତ କରୁଛି ଯେ କେନ୍ଦ୍ର ସରକାର ଏ ପର୍ଯ୍ୟନ୍ତ ଏହି ଘଟଣାରେ ଉଦାସୀନ ରହିଛନ୍ତି । ମମତାଙ୍କ ସମ୍ପ୍ରତି ନୂଆଦିଲ୍ଲୀ ଗସ୍ତ ଅବସରରେ ଏହି ଘଟଣାରେ କେନ୍ଦ୍ର ସରକାରଙ୍କ ତଥାକଥିତ ନିଷ୍କ୍ରିୟତାକୁ ସମାଲୋଚନା କରିଛନ୍ତି । ପେଗାସସ୍ ଗୁଇନ୍ଦାଗିରି ପ୍ରସଙ୍ଗରେ ଗତ ଏକ ସପ୍ତାହ ଧରି ସଂସଦର ଉଭୟ ଗୃହରେ ସ୍ୱାଭାବିକ କାର୍ଯ୍ୟ ବାଧାପ୍ରାପ୍ତ ହୋଇଛି । ଚଉଦଟି ବିରୋଧୀ ଦଳ ଏକତ୍ରିତ ହୋଇ ପେଗାସସ୍ ମାମଲାରେ ସରକାରଙ୍କ ଆଭିମୁଖ୍ୟକୁ ନିନ୍ଦା କରିଛନ୍ତି ।

'ପେଗାସସ୍' ହେଉଛି ଦୁନିଆର ସବୁଠାରୁ ଉଚ୍ଚସ୍ତରୀୟ ଗୁପ୍ତଚରୀ କରୁଥିବା ସ୍ପାଏୱୟାର । ଏହାକୁ ଇସ୍ରାଏଲର ଏକ ସାଇବର ସୁରକ୍ଷା କମ୍ପାନୀ ଏନଏସଓ ଗ୍ରୁପ ତିଆରି କରିଛି । ଶୁଣିବାକୁ ମିଳୁଛି ଯେ ଉକ୍ତ ଗ୍ରୁପ କେବଳ ୫୦ଟି ଫୋନକୁ ହ୍ୟାକିଂ କରିବା ପାଇଁ ଉକ୍ତ ସ୍ପାଏୱୟାର ବାବଦକୁ ଗ୍ରାହକଙ୍କ ଠାରୁ ବାର୍ଷିକ ୭ ରୁ ୮ ନିୟୁତ ଡଲାର ନେଇଥାଏ । ଯାହାର ମୂଲ୍ୟ ଭାରତୀୟ ଟଙ୍କାରେ ପାଖାପାଖି ୬୦ କୋଟି ଟଙ୍କା ହେବ । ଏହାର ବ୍ୟବହାରକୁ ନେଇ ସର୍ବପ୍ରଥମେ ଖବର ସାମ୍ନାକୁ ଆସିଥିଲା ୨୦୧୬ ମସିହାରେ । ନ୍ୟୁୟର୍କ ଟାଇମ୍ସ କିନ୍ତୁ ୨୦୧୩ ମସିହାରୁ ଉକ୍ତ ସ୍ପାଏୱୟାରକୁ ୟୁଏଇ ବ୍ୟବହାର କରିଆସୁଥିଲା ବୋଲି ଦାବି କରିଛି । ପେଗାସସ୍ ସ୍ପାଇୱୟାର ଏମିତି ଏକ ସାଇବର ଅସ୍ତ୍ର ଯାହାକି ଗୁଇନ୍ଦାଗିରି କରାଯାଉଥିବା ବ୍ୟକ୍ତିର ଅଜାଣତରେ ତା'ର ଯେକୌଣସି ଡିଜିଟାଲ ଉପକରଣ ଯଥା ମୋବାଇଲ, ଫୋନ, କମ୍ପ୍ୟୁଟର, ଟାବଲେଟ ଆଦିକୁ ଏକ ଏସଏମଏସ କିମ୍ବା ଲିଙ୍କ କିମ୍ବା ମିସକଲ ଜରିଆରେ ଅତି ସହଜରେ ହ୍ୟାକିଂ କରି ଫୋନ ବା ଆପ୍ ଦ୍ୱାରା ହେଉଥିବା ମେସେଜ, ବ୍ୟାଙ୍କ ସବିଶେଷ ତଥ୍ୟ, ବିଭିନ୍ନ ଫଟୋ, ଭିଡିଓ, ଭଏସ କଲକୁ ଅତିଶୀଘ୍ର ହ୍ୟାକର ନିକଟକୁ ପଠାଇଥାଏ । କେବଳ ଏତିକି ନୁହେଁ ଉକ୍ତ ସ୍ପାଏୱୟାର ଯେକୌଣସି ବ୍ୟକ୍ତିର ମୋବାଇଲ ଫୋନର କ୍ୟାମେରା ଏବଂ ମାଇକ୍ରୋଫୋନକୁ ତାର ଅଜାଣତରେ ଅନ କରି ସେ ଭାଗନେଇଥିବା କୌଣସି ରୁଦ୍ଧଦ୍ୱାର ବୈଠକର ସମସ୍ତ ତଥ୍ୟ ସଂଗ୍ରହ କରିବା କ୍ଷମତା ମଧ ରଖିଛି । ଉକ୍ତ ସ୍ପାଏୱୟାରକୁ ଏନଏସଓ କମ୍ପାନୀ କେବଳ ସାର୍ବଭୌମ ସରକାର କିମ୍ବା ସରକାରୀ ସ୍ୱୀକୃତିପ୍ରାପ୍ତ ସଂସ୍ଥାମାନଙ୍କୁ ଆତଙ୍କବାଦ ଏବଂ ଅପରାଧିକ ଗତିବିଧିର ପୂର୍ବାନୁମାନ କରିବା ପାଇଁ ବିକ୍ରି କରିଥାଏ । କିନ୍ତୁ ଉକ୍ତ ତାହାକୁ ଅପବ୍ୟବହାର କରି ଅନେକ ଦେଶର ସରକାର ରାଜନୈତିକ ଅଭିସନ୍ଧି ରଖି ନିଜର ଶାସନକୁ କିଭଳି ଚିରସ୍ଥାୟୀ କରିପାରିବେ ସେ ଦିଗରେ କାମ କରୁଛନ୍ତି ବୋଲି ୨୦୧୯ ରୁ ବିଶ୍ୱସ୍ତରରେ ଅଭିଯୋଗ ଉଠିବା ଆରମ୍ଭ ହୋଇଛି । ଭାରତ ସମ୍ବିଧାନରେ ୨୦୧୭ ଗୋପନୀୟତାକୁ ମୌଳିକ ଅଧିକାର ସହ ସମ୍ବନ୍ଧିତ କରାଯାଇଛି । ଯଦି ସରକାରଙ୍କ ବିରୋଧରେ ଆସିଥିବା ଅଭିଯୋଗ ସତ ସାବ୍ୟସ୍ତ ହୁଏ ତେବେ ଏହା ଅତ୍ୟନ୍ତ ସାଂଘାତିକ ହେବ । ଦେଶ ସୁରକ୍ଷା ନାଁରେ ଟ୍ରାପିଂ କିମ୍ବା ହ୍ୟାକିଂ କରିବା ଗଣତନ୍ତ୍ରରେ ଆଦୌ ଗ୍ରହଣୀୟ ନୁହେଁ । ଦେଶ ସୁରକ୍ଷା ନାଁରେ ଟ୍ୟାପିଂ କରିବାର ସଂଜ୍ଞା ନ୍ୟାୟାଳୟ ଦ୍ୱାରା ସ୍ଥିର ହେବା ମଧ ଜରୁରୀ ।



## ବିଚ୍ଛିନ୍ନତାଧର୍ମୀ ପ୍ରାଦେଶିକତା ଆଦୌ ନୁହେଁ

### ମହାତ୍ମା ଗାନ୍ଧୀ

ମୋ' ମତ ହେଉଛି ଯେ ସବୁଯାକ ପ୍ରଦେଶର ଲୋକମାନେ ଏହି ଭାରତର ହିଁ ଅଧିବାସୀ ଏବଂ ଭାରତ ହେଉଛି ସମସ୍ତଙ୍କର ସମ୍ପତ୍ତି । ଏଥିରେ କେବଳ ଏହି ଗୋଟିଏ ମାତ୍ର ସର୍ତ୍ତ ରହିଛି ଯେ, ଆଉଗୋଟିଏ ପ୍ରଦେଶକୁ ଶୋଷଣ କରିବା ପାଇଁ, ତା' ଉପରେ ଶାସନବିସ୍ତାର କରିବା ପାଇଁ କିମ୍ବା କୌଣସି ପ୍ରକାରେ ତାହାର ସ୍ୱାର୍ଥରେ ଆଘାତ ଆଣିବା ପାଇଁ କୌଣସି ବ୍ୟକ୍ତି ନିଜ ପ୍ରଦେଶରୁ ଯାଇ ସେଠାରେ ବସବାସ କରି ପାରିବ ନାହିଁ । ସମସ୍ତେ ଭାରତବର୍ଷର ସେବକ ଏବଂ କେବଳ ସେବାର ଭାବନା ନେଇ ହିଁ ସେମାନେ ଏଠାରେ ବାସ କରୁଛନ୍ତି ।

ବିଚ୍ଛିନ୍ନତାଧର୍ମୀ ପ୍ରାଦେଶିକତା ହେଉଛି ଆମ ଜୀବନର କଳଙ୍କ ମାତ୍ର ଅସଲ କଥା ହେଉଛି ଯେ ମୋ' ପ୍ରଦେଶର ସୀମା ଭାରତର ସୀମା ସହିତ ସମବ୍ୟାପ୍ତ ହୋଇ ରହିବ, ଯେପରି କି ଶେଷରେ ତାହା ପୃଥିବୀର ସୀମା ପର୍ଯ୍ୟନ୍ତ ମଧ ପ୍ରସାରିତ ହୋଇଯିବ । ନଚେତ୍ ମୋ' ପ୍ରଦେଶଟି ମଧ ଧ୍ୱଂସ ହୋଇଯିବ ।

ଭାଷାସୂତ୍ରରେ ପ୍ରଦେଶଗୁଡିକର ପୁନର୍ଗଠନ କରାଯିବା ନୀତିକୁ କଂଗ୍ରେସ ପୂର୍ବରୁ ଗ୍ରହଣ କରିଛି ଏବଂ ସେମାନେ କ୍ଷମତାକୁ ଆସିବା ମାତ୍ରକେ ଏହାକୁ ସାମ୍ବିଧାନିକ ଭାବରେ ବଳବତ୍ତର କରିବା ବିଷୟରେ ଆପଣାର ଅଭିପ୍ରାୟକୁ ଘୋଷଣା ମଧ କରିଛି । ପ୍ରକୃତରେ ଏହି ପୁନର୍ବିଭାଜନ ଦେଶର ସାଂସ୍କୃତିକ ଅଗ୍ରଗତି ପାଇଁ ଅବଶ୍ୟ ଅନୁକୂଳ ହେବ । ମାତ୍ର ଏଭଳି ପୁନର୍ବିଭାଜନ ଯେପରି ଭାରତର ମୂଳଭୂତ ଏକତାର ଆଦୌ କୌଣସି ବିରୋଧାଚରଣ ନକରେ, ସ୍ଥାନୀୟ ସ୍ୱୟଂଶାସନ କଦାପି ଦେଶର ଖଣ୍ଡ ଖଣ୍ଡ ହୋଇଯିବାକୁ ବୁଝାଇବା ଉଚିତ ନୁହେଁ, ଏବଂ ଏପରି ମଧ ହେବା ଉଚିତ ନୁହେଁ ଯେ ଏହାପରେ ପ୍ରଦେଶଗୁଡିକ ପରସ୍ପର ଠାରୁ ତଥା କେନ୍ଦ୍ରଠାରୁ ଅଲଗା ହୋଇ ଯେଉଁଆଡ଼େ ଯିବାକୁ ଇଚ୍ଛା କରିବେ, ସେ ଆଡକୁ ମଧ ଯାଇ ପାରିବେ । ଯଦି ପ୍ରତ୍ୟେକ ପ୍ରଦେଶ ନିଜକୁ ଗୋଟିଏ ସ୍ୱତନ୍ତ୍ର ଓ ସାର୍ବଭୌମ ଏକକ ରୂପେ ଦେଖିବାକୁ ଆରମ୍ଭ କରିଦିଏ, ତେବେ ଭାରତୀୟ ସ୍ୱାଧୀନତାର ଆଉ କୌଣସି ଅର୍ଥ ହିଁ ରହିବ ନାହିଁ ଏବଂ ତତ୍ ସହିତ ଏହି ଭିନ୍ନ ଭିନ୍ନ ଏକକର ସ୍ୱାଧୀନତା ମଧ ଅନ୍ତର୍ହିତ ହୋଇଯିବ ।

ବାହାର ପୃଥିବୀ ଆମକୁ ଗୁଜରାଟୀ, ମରାଠୀ କିମ୍ବା ତାମିଲ ବୋଲି ଜାଣେନାହିଁ । ଆମ୍ଭମାନଙ୍କୁ କେବଳ ଭାରତୀୟ ବୋଲି ହିଁ ଜାଣେ ।

ତେଣୁ ଖଣ୍ଡ ଖଣ୍ଡ ହୋଇ ଯିବାର ଏହି ଯାବତୀୟ ପ୍ରକୃତିକୁ ଆମେ ଦୃଢ଼ ଭାବରେ ନିରୁତ୍ସାହିତ କରିବା ଏବଂ ଭାରତୀୟ ପରି ଅନୁଭବ ତଥା ଆଚରଣ କରିବା । ଏହି ପ୍ରଧାନ ବିବେଚନାଟିର ଅଧୀନ ହୋଇ ରହି, ପ୍ରଦେଶ ଗୁଡିକର ଭାଷାଭିତ୍ତିକ ପୁନର୍ବିଭାଜନ ଶିକ୍ଷା ଏବଂ ବାଣିଜ୍ୟ ଲାଗି ଏକ ବିଶେଷ ପ୍ରେରଣା ଅବଶ୍ୟ ହୋଇ ପାରିବା ଉଚିତ ।

## ଭାରତରେ ଫେସବୁକ

### ଡକ୍ଟର ପ୍ରଦୀପ ମହାପାତ୍ର

ପ୍ରାକ୍ତନ ବିଭାଗୀୟ ମୁଖ୍ୟ, ସାମ୍ବାଦିକତା ବିଭାଗ

ବ୍ରହ୍ମପୁର ବିଶ୍ୱବିଦ୍ୟାଳୟ

ଭାରତରେ 'ଫେସବୁକ'ର ମାସିକ ସକ୍ରିୟ ଉପଭୋକ୍ତା ସଂଖ୍ୟା ୨୦୨୧ ଜୁଲାଇ ମାସ ସୁଦ୍ଧା ୪୧ କୋଟି ୬୦ ଲକ୍ଷରେ ପହଞ୍ଚିଥିବା ସଂପୃକ୍ତ ସଂସ୍ଥା ପକ୍ଷରୁ କୁହାଯାଇଛି । ଏଥିମଧ୍ୟରୁ ୨୩ କୋଟି ୪୦ ଲକ୍ଷ ଉପଭୋକ୍ତା ଦୈନିକଭିତ୍ତିରେ ମଞ୍ଚରେ ଉପସ୍ଥିତ ରହିଥାନ୍ତି । ଉପଭୋକ୍ତାମାନଙ୍କ ମଧ୍ୟରେ 'ଫେସବୁକ'ର ଅନ୍ୟ ଉପାଦ 'ମେସେଞ୍ଜର' ଓ 'ଇନଷ୍ଟାଗ୍ରାମ' ଉପଯୋଗରେ ପରସ୍ପର ମଧ୍ୟରେ ବାର୍ତ୍ତା ବିନିମୟ ହାର ବିଗତ ବର୍ଷକ ମଧ୍ୟରେ ୪୦ ପ୍ରତିଶତ ବଢ଼ିଥିଲା ଏବଂ ସର୍ଟ-ଭିଡ଼ିଓ-ଚ୍ୟାନେଲ 'ରିଲ'ରେ ଦୈନିକ ୬୦ ଲକ୍ଷ ଯାଏଁ ଭିଡ଼ିଓ ଅପଲୋଡ୍ ହୋଇଥାଏ । 'ଫେସବୁକ ଇଣ୍ଡିଆ'ର ପରିଚାଳନା ନିର୍ଦ୍ଦେଶକ ଅଜିତମୋହନ ମହାମାରୀଜନିତ ପରିବର୍ତ୍ତିତ ପରିବେଶରେ ଇଣ୍ଟରନେଟ ଉପଭୋକ୍ତାଙ୍କ ସଂଖ୍ୟା ବୃଦ୍ଧି ଏବଂ ଅନଲାଇନ ଉପସ୍ଥିତି ଅବଧି ବୃଦ୍ଧି ନିଜ ମଞ୍ଚର ପ୍ରସାରରେ ସହାୟକ ହୋଇଥିବା ସ୍ୱୀକାର କରନ୍ତି । 'ଫେସବୁକ' କ୍ରମଶଃ ଗୋଷ୍ଠୀଗତ ସ୍ତରରେ ବାର୍ତ୍ତା ବିନିମୟ ମଞ୍ଚରୁ ଉନ୍ନୀତ ହୋଇ ବୃହତ୍ତର ପରିଧିରେ ସମ୍ବାଦ ପ୍ରସାର ଠାରୁ ଆରମ୍ଭ କରି ରାଜନୀତିକ ଚର୍ଚ୍ଚାଲାଗି ସାମର୍ଥ୍ୟ ହାସଲ କରିପାରିଛି । ଉପଭୋକ୍ତା ସଂଖ୍ୟା ଓ ବ୍ୟବହାର ବୃଦ୍ଧି କାରଣରୁ ଏହି ବିଭବ ଗୁଡ଼ିକ ଗଣତାନ୍ତ୍ରିକ ଶାସନ ପ୍ରକ୍ରିୟାରେ ଗୁରୁତ୍ୱ ବହନ କରେ ।

ପ୍ରଥମତଃ, ସାଧାରଣ ନାଗରିକ ପକ୍ଷେ ବିନା ବ୍ୟୟରେ କେବଳ ଇଣ୍ଟରନେଟ ସଂଯୁକ୍ତି ଯୋଗେ ବାର୍ତ୍ତା ବିନିମୟ ପାଇଁ ଗୋଷ୍ଠୀ ଗଠନ ଏବଂ ବୃହତ ଗୋଷ୍ଠୀରେ ଯୋଗଦାନ ସୁବିଧା ସୁଯୋଗ 'ଫେସବୁକ'ର ପ୍ରମୁଖ ଅବଦାନ । ବିନା ପ୍ରତିବନ୍ଧକରେ ନିଜ ମତ ପାଠ୍ୟ, ଚିତ୍ର ଓ ଦୃଶ୍ୟ ମାଧ୍ୟମରେ ସଂଗଠିତ ଗୋଷ୍ଠୀରେ ଉପସ୍ଥାପନ କରିପାରିବା ତଥା ଅନ୍ୟମାନଙ୍କ ଦ୍ୱାରା ପ୍ରସାରିତ ଉପାଦାନ ଆହରଣ ଯୋଗାଯୋଗ ପ୍ରକ୍ରିୟାରେ ପୂର୍ଣ୍ଣତା ଭରିଥାଏ । ପାରମ୍ପରିକ ଗଣମାଧ୍ୟମ ସମ୍ବାଦପତ୍ର, ରେଡ଼ିଓ ଓ ଟେଲିଭିଜନରେ ଗୋଟିଏ ସୂତ୍ରରୁ ବହୁ ସଂଖ୍ୟକ ପାଠକ, ଶ୍ରୋତା ଓ ଦର୍ଶକଙ୍କ ମଧ୍ୟରେ ସମ୍ବାଦ, ଅଭିମତ ଓ ସୃଜନ ପ୍ରସାରିତ ହେଉଥିବା ସ୍ଥଳେ ସୋସିଆଲ ମିଡ଼ିଆ ମଞ୍ଚରେ ଉପଭୋକ୍ତା ଉଭୟ କାର୍ଯ୍ୟରେ ସାମର୍ଥ୍ୟ ହାସଲ କରିଥାଏ । ପାରମ୍ପରିକ ଗଣମାଧ୍ୟମରେ ନାମକୁ ମାତ୍ର ପାଠକୀୟ ପ୍ରତିକ୍ରିୟା ପ୍ରସାରଣର ସୁବିଧା ଥିବା ସ୍ଥଳେ ସୋସିଆଲ ମିଡ଼ିଆରେ ପ୍ରତ୍ୟେକ ସ୍ତରରେ ପ୍ରଶ୍ନ, ଅଭିମତ ଓ ସଂଯୋଗର ସୁବିଧା ଉପଲବ୍ଧ ।

ଦ୍ୱିତୀୟତଃ, 'ଫେସବୁକ' ମଞ୍ଚରେ ସାଧାରଣ ଉପଭୋକ୍ତା, ପ୍ରତିଷ୍ଠିତ ସଂସ୍ଥା କିମ୍ବା ରାଜନୀତିକ ବ୍ୟକ୍ତିତ୍ୱ ନିଜ ବାର୍ତ୍ତା ଉପସ୍ଥାପନରେ ଅଳଂକରଣ ଓ ବୈଷୟିକ ଦୃଷ୍ଟିରୁ ସମାନତା ଉପଭୋଗ କରିଥାନ୍ତି । ଏହି କ୍ଷେତ୍ରରେ ସାଧାରଣ ଉପଭୋକ୍ତାର ଗୁରୁତ୍ୱ ମଞ୍ଚ ପ୍ରତି ତାହାରି ଆନୁଗତ୍ୟରେ ପ୍ରବର୍ତ୍ତିତ ହୋଇଥାଏ । ଉନ୍ନତ କାରିଗରୀ କୌଶଳ ଉପଯୋଗରେ ସୃଜନ ପ୍ରସାରଣର ସୁବିଧା ଉପଭୋକ୍ତା ସଂପୃକ୍ତିର ଅନ୍ୟତମ କାରଣ । 'ଫେସବୁକ' ପ୍ରଚଳନର ପ୍ରାକକାଳରେ ସେଲଫି ପ୍ରକାଶନ ଧାରା ପରବର୍ତ୍ତୀ ପର୍ଯ୍ୟାୟରେ ସର୍ଟ ଭିଡ଼ିଓ ପ୍ରସାରଣରେ ପରିବର୍ତ୍ତିତ ହୋଇଛି । 'ରିଲ'ରେ ଉପଭୋକ୍ତାଙ୍କ ଦ୍ୱାରା ପ୍ରତିଦିନ ୬୦ ଲକ୍ଷ ଯାଏଁ ସର୍ଟ ଭିଡ଼ିଓ ପ୍ରସ୍ତୁତି ଓ ପ୍ରସାରଣ ଏହାର ପ୍ରମାଣ ଦିଏ ।

ତୃତୀୟତଃ, 'ଫେସବୁକ'ରେ ନିଜସ୍ୱ ନିର୍ଦ୍ଧାରଣରେ ପ୍ରକାଶକ ଓ ଦର୍ଶକ ଚୟନ କ୍ଷମତା ଉପଭୋକ୍ତାଙ୍କୁ ମାନବ ସଭ୍ୟତା ବିକାଶର ଆଦିମ ଯୋଗାଯୋଗ ସ୍ତରକୁ ଫେରାଇ ନେଇଛି । ଗଣମାଧ୍ୟମର ବିକାଶ କାଳରେ ସାଧାରଣ ଉପଭୋକ୍ତାର ନିର୍ଭରଶୀଳ ଓ ନିର୍ଯ୍ୟାତିତ ଯୋଗାଯୋଗ ଅଧିକାର ପୁନର୍ବାର ସଶକ୍ତ ହୋଇପାରିଛି ।

ଅବଶିଷ୍ଟାଂଶ ୧୦ମ ପୃଷ୍ଠାରେ

# ସ୍ୱାସ୍ଥ୍ୟ ପାଇଁ ଭଲ ହେଙ୍ଗୁ

ଅନେକଙ୍କ ରୋଷେଇ ଘରେ ଏକ ମସଲା ଭାବେ ହେଙ୍ଗୁର ବ୍ୟବହାର ରହି ଆସିଛି । ଏହା ଖାଦ୍ୟର ସ୍ୱାଦ ବଢ଼ାଇବା ସହ ତାକୁ ସୁପାଚ୍ୟ କରିଥାଏ । ପେଟର ବାୟୁବିକାରକୁ ଏହା ଦୂର କରେ । ହେଙ୍ଗୁ ଗଛ ଛ'ରୁ ଆଠ ଫୁଟ ଯାଏଁ ବଢ଼ିପାରେ । ଏଥିରେ ହଳଦିଆ ରଙ୍ଗର ଫୁଲ ଫୁଟିଥାଏ । ଏହି ଗଛର ରସ ଶୁଖିଯିବା ପରେ ତାହା ହେଙ୍ଗୁ ଭାବେ ବ୍ୟବହାର ଉପଯୋଗୀ ହୋଇଥାଏ । ହେଙ୍ଗୁର ତୀବ୍ର ବାସ୍ନା ଅସହନୀୟ । ଇଂରାଜୀରେ ଏହାର ତୀବ୍ର ବାସ୍ନାକୁ 'ଡେଭିଲ୍ ଡଙ୍ଗ' ବା ରାକ୍ଷସର ଗୋବର ବୋଲି କୁହାଯାଇଥାଏ । ତେବେ ଏହି ବୃକ୍ଷର ବୈଜ୍ଞାନିକ ନାମ 'ଫେରୁଲା ଆସୋଫୋଏଟିଡ଼ା' । ଗୋଟିଏ ଗଛରୁ ୧୦୦ ଗ୍ରାମରୁ ଆରମ୍ଭ କରି ୩୦୦ ଗ୍ରାମ ଯାଏଁ ହେଙ୍ଗୁ ମିଳିଥାଏ । ଇରାନ୍ ଏବଂ ଆଫଗାନିସ୍ଥାନରେ ସର୍ବାଧିକ ହେଙ୍ଗୁ ଉତ୍ପାଦିତ ହୋଇଥାଏ । ଭାରତରେ କାଶ୍ମୀର ଏବଂ ପଞ୍ଜାବରେ ଏହାର ଉତ୍ପାଦନ ହୋଇଥାଏ । ହେଙ୍ଗୁ ତାମିଲ ଭାଷାରେ ପେରୁଙ୍ଗାୟମ୍, ତେଲୁଗୁରେ ଇଙ୍ଗୁଓ୍ୱା, ମଲୟାଲମରେ କାୟମ୍, ଗୁଜୁରାଟି ଭାଷାରେ ହିଙ୍ଗ୍‌ା, କଶ୍ମୀରରେ ୟାଙ୍ଗ ନାମରେ ପରିଚିତ । ହେଙ୍ଗୁରୁ ବିଭିନ୍ନ ଭିଟାମିନ୍ ଏବଂ ଖନିଜ ଯେପରିକି କ୍ୟାଲସିୟମ୍, ଫସଫରସ, ଆଇରନ, କେରୋଟିନ୍, ରାଇବୋଫ୍ଲୋବିନ୍ ଓ ନିୟାସିନ୍ ଆଦି ମିଳିଥାଏ । ଏହାର ଅନେକ ଔଷଧୀୟ ଗୁଣ ରହିଛି । ଏବେ ଜାଣନ୍ତୁ ଏହି ବୃକ୍ଷର କିଛି ଔଷଧୀୟ ଗୁଣ ।

ପୂର୍ବରୁ ଲୋକେ ବିଭିନ୍ନ ପ୍ରକାର ପେଟ ରୋଗ ପାଇଁ ହେଙ୍ଗୁ ବ୍ୟବହାର କରୁଥିଲେ । ଏହା ପେଟରେ ଗ୍ୟାସ୍, କୃମି, ଫେଟ, ଫୁଲିବା ଆଦି ରୋଗର ଉପଚାର କରେ । ଗ୍ୟାସ୍ ବା ପେଟଯନ୍ତ୍ରଣା ହେଉଥିଲେ ହେଙ୍ଗୁ, ଜୁଆଣି ଏବଂ ବିଟ୍ ଲୁଣକୁ ମିଶାଇ ଉଷୁମ ପାଣିରେ ସେବନ କରିବା ଦ୍ୱାରା ତୁରନ୍ତ ଆରାମ ମିଳିଥାଏ । ଛୋଟ ପିଲାଙ୍କର ଗ୍ୟାସଜନିତ ପେଟଯନ୍ତ୍ରଣା ହେଉଥିଲେ ଉଷୁମ ପାଣିରେ ହେଙ୍ଗୁ ମିଶାଇ ନାଭିର ଆଖପାଖରେ ଲଗାଇବା ଦ୍ୱାରା ବାୟୁ ବାହାରି ଯାଇ



ପେଟକୁ ଆରାମ ଦିଏ ।

ଯନ୍ତ୍ରଣାନାଶକ ଭାବେ ହେଙ୍ଗୁର ବ୍ୟବହାର ହୋଇଥାଏ । ବିଶେଷକରି ମହିଳାମାନଙ୍କ ମାସିକଧର୍ମ ସମୟରେ ହେଉଥିବା କଷ୍ଟକୁ ଏହା ଦୂର କରିଥାଏ । ଦାନ୍ତବିନ୍ଧା, ମୁଣ୍ଡବିନ୍ଧା, ଅର୍ଦ୍ଧକପାଳୀର କଷ୍ଟରୁ ଏହା ରକ୍ଷା କରିଥାଏ । ଏଥିପାଇଁ ଗୋଟେ ଗ୍ଲାସ ପାଣିରେ ଚିମୁଟାଏ ହେଙ୍ଗୁ ପକାଇ ତାକୁ ନିଆଁରେ ଫୁଟାଇ ଦିଅନ୍ତୁ । ଏହା ଟିକେ ଶୀତଳ ହେଲେ ଅଳ୍ପ ଉଷୁମ ଥିବା ଅବସ୍ଥାରେ ରୋଗୀକୁ ପିଇବାକୁ ଦିଅନ୍ତୁ । ଦାନ୍ତବିନ୍ଧା ହେଉଥିଲେ ହେଙ୍ଗୁରେ ଲେମ୍ବୁ ରସ ମିଶାଇ ଏକ ବହଳିଆ ପେଷ୍ଟ ପ୍ରସ୍ତୁତ କରନ୍ତୁ । ଏହାକୁ ଦାନ୍ତରେ ଲଗାଇଲେ ଯନ୍ତ୍ରଣା ହ୍ରାସ ପାଇଥାଏ ।

ଛାତିରୁ କଫ ବାହାର କରିବା ପାଇଁ ହେଙ୍ଗୁ ସହ ମହୁ ଏବଂ ଅଦାର ପ୍ରୟୋଗ କରାଯାଇଥାଏ । ଏହା ଲହରାକାଶରୁ ମଧ ଭଲ କରିଥାଏ ।

ହେଙ୍ଗୁରେ ଥିବା ବିଭିନ୍ନ ତତ୍ତ୍ୱ ରକ୍ତଶର୍କରା ହ୍ରାସ କରିଥାଏ । ଏହା ପାନକ୍ରିଆସ୍ ବା ପାଚକଗ୍ରନ୍ଥିରୁ ଅଧିକ ଇନସୁଲିନ କ୍ଷରଣରେ ସହାୟକ ହୋଇଥାଏ । ତେଣୁ ମଧୁମେହକୁ ହେଙ୍ଗୁ ନିୟନ୍ତ୍ରଣ କରିଥାଏ ।

ହେଙ୍ଗୁରେ ଉପଲବ୍ଧ କ୍ୟୁମେରିନ୍ ନାମକ ଏକ ତତ୍ତ୍ୱ ରକ୍ତକୁ ପତଳା କରିବାରେ ସହାୟକ ହୋଇଥାଏ । ତେଣୁ ରକ୍ତପ୍ରବାହରେ ପ୍ରତିବନ୍ଧକ ସୃଷ୍ଟି ହୋଇ ନ ଥାଏ । ଏହା ମଧ ରକ୍ତରେ କୋଲେଷ୍ଟରଲ ଏବଂ ଟ୍ରାଇ ଗ୍ଲିସରାଇଡକୁ କମ୍ କରିଥାଏ । ହୃଦରୋଗ ସମସ୍ୟା ହ୍ରାସ କରିବାରେ ହେଙ୍ଗୁ ବେଶ୍ ଉପଯୋଗୀ ।

ମହୁମାଛି ଦଂଶନ କରିଥିଲେ ହେଙ୍ଗୁକୁ ପାଣିରେ ମିଶାଇ ବହଳିଆ ପେଷ୍ଟ ପ୍ରସ୍ତୁତ କରି ଦଂଶନ ସ୍ଥାନରେ ଲଗାଇଲେ ତୁରନ୍ତ ଆରାମ ମିଳିଥାଏ ।

ବାରମ୍ବାର ହାକୁଟି ଆସୁଥିଲେ ପୁରୁଣା ଗୁଡରେ ହିଙ୍ଗୁ ମିଶାଇ ଖାଇବା ଦ୍ୱାରା ଏହା ବନ୍ଦ ହୋଇଯାଏ ।

ହେଙ୍ଗୁକୁ ପାଣିରେ ମିଶାଇ ଜ୍ୱଳନ ହେଉଥିବା ସ୍ଥାନରେ ଲଗାଇଲେ ଆରାମ ମିଳିଥାଏ । ହେଙ୍ଗୁର ଅନେକ ଉପକାରିତା ସତ୍ତ୍ୱେ କେତେକ କ୍ଷେତ୍ରରେ ଏହାର ବ୍ୟବହାରକୁ ବାରଣ କରାଯାଇଛି । ଯେମିତିକି, ଅଲସର ଥିଲେ ହେଙ୍ଗୁ ନ ଖାଇବା ଭଲ । ହେଙ୍ଗୁ ରକ୍ତକୁ ପତଳା କରୁଥିବାରୁ ଏବଂ ରକ୍ତ ପ୍ରବାହରେ ଶିଥିଳତା ଆଣୁ ନଥିବାରୁ କୌଣସି ଅସ୍ତ୍ରୋପଚାରର ଦୁଇ ସପ୍ତାହ ପୂର୍ବରୁ ବା ପରେ ଏହାକୁ ଖାଇବା ଅନୁଚିତ । ଗର୍ଭାବସ୍ଥାରେ ହେଙ୍ଗୁ ଖାଇବା ଉଚିତ ନୁହେଁ ।

# କାନ୍ତିବର୍ଦ୍ଧକ ନିମ୍ବ

ନିମ୍ବପତ୍ରର ସ୍ୱାଦ ଯଦିଓ କଟୁ, ହେଲେ ଏଥିରେ ଭରି ରହିଛି ଅନେକ ଔଷଧୀୟ ତତ୍ତ୍ୱ । ଆଉ ଏହା ମଧ କାନ୍ତିବର୍ଦ୍ଧକ । ସୌନ୍ଦର୍ଯ୍ୟଜନିତ ବିଭିନ୍ନ ସମସ୍ୟାର ସମାଧାନ ଲାଗି ଏହା ବରଦାନ ସଦୃଶ ।

ସୁନ୍ଦର, ଚିକ୍କଣ ଏବଂ ଦାଗହୀନ ତ୍ୱଚା କାହାର ବା ପସନ୍ଦ ନୁହେଁ । ତେଣୁ ଯେଉଁମାନଙ୍କ ପାଇଁ ଏହା ଚିନ୍ତାର କାରଣ ସାଜିଥାଏ । ଯାହାକୁ ଦୂର କରିବା ଲାଗି ସେମାନେ ବିୟୁଟି ପାର୍ଲର ଯିବାଠାରୁ ଆରମ୍ଭକରି ବିଭିନ୍ନ କସମେଟିକ୍ ବ୍ୟବହାର କରିବା ପର୍ଯ୍ୟନ୍ତ ଅନେକ ଉପାୟ ଆପଣାଇଥାନ୍ତି । ହେଲେ ଜାଣନ୍ତି କି ନିମ୍ବପତ୍ର ବ୍ୟବହାରକରି ଏହି ସମସ୍ୟା ଦୂର କରାଯାଇପାରିବ । ୧୦-୧୨ ଟି ନିମ୍ବପତ୍ରକୁ ପାଣିରେ ପକାଇ ୨-୩ ମିନିଟ୍ ଫୁଟାଇ ଦିଅନ୍ତୁ । ଏହାକୁ ପେଷ୍ଟ କରି ବ୍ରଣ ସ୍ଥାନରେ ଲଗାଇ ଶୁଖିବା ପରେ ପାଣିରେ ମୁହଁ ଧୋଇ ଦିଅନ୍ତୁ । ନିମ୍ବରେ ଥିବା ଆଣ୍ଟି ବ୍ୟାକ୍ଟେରିଆଲ, ଆଣ୍ଟି ଫଙ୍ଗାଲ ଏବଂ ଆଣ୍ଟି ପ୍ରୋଟୋଜୋଆଲ ଗୁଣ ବ୍ରଣ କମାଇବାରେ ସାହାଯ୍ୟ କରିଥାଏ ।

ନିମ୍ବପତ୍ରକୁ ପେଷ୍ଟ କରି ସେଥିରେ ଅଳ୍ପ ଲେମ୍ବୁରସ ମିଶାଇ ପ୍ୟାକ୍ ପ୍ରସ୍ତୁତ କରନ୍ତୁ । ଏହାକୁ ମୁହଁରେ ଲଗାଇ ୨୦ ମିନିଟ୍ ପରେ ଧୋଇ ଦିଅନ୍ତୁ । ଏହାଦ୍ୱାରା ତୈଳୀୟ ତ୍ୱଚାକୁ ନର୍ମାଲ କରିଥାଏ ।

ବ୍ଲାକ ହେଡ୍ ସମସ୍ୟା ନେଇ ଯଦି ଚିନ୍ତିତ ଅଛନ୍ତି ତେବେ ନିମ୍ବତେଲ ଆପଣଙ୍କ ପାଇଁ ବେଶ୍ ଲାଭଦାୟକ ହୋଇପାରିବ । ୨-୩ ଟୋପା ନିମ୍ବରସରେ ସମାନ ପରିମାଣରେ ପାଣି ମିଶାଇ ବ୍ଲାକ୍ ହେଡ୍ ଥିବା ସ୍ଥାନରେ ଲଗାନ୍ତୁ । ୧୦ ମିନିଟ୍ ପରେ ପାଣିରେ ଧୋଇ ଦିଅନ୍ତୁ । ପ୍ରତିଦିନ ଏପରି କରିବା ଦ୍ୱାରା ନା କେବଳ ବ୍ଲାକ୍ ହେଡ୍ କମିବ ବରଂ ନୂତନ ବ୍ଲାକହେଡ୍ ମଧ ସୃଷ୍ଟି ହେବ ନାହିଁ ।

ଯଦି ଆପଣଙ୍କ ତ୍ୱଚାର ରଙ୍ଗ କଳା, ତେବେ ୧୦-୧୨ ଟି ନିମ୍ବପତ୍ରକୁ କଞ୍ଚା ହଳଦୀ ସହ ବାଟି ପେଷ୍ଟ ପ୍ରସ୍ତୁତ କରନ୍ତୁ । ଏହାକୁ ମୁହଁରେ ପ୍ୟାକ୍ ଭାବେ ବ୍ୟବହାର କରି ୨୦ ମିନିଟ୍ ପରେ ଧୋଇ ଦିଅନ୍ତୁ । ମାତ୍ର ୨ ସପ୍ତାହ ଏପରି କରିବା ମଧରେ ଆପଣ ନିଜ ରଙ୍ଗରେ ବେଶ୍ ପରିବର୍ତ୍ତନ ଅନୁଭବ



କରିପାରିବେ ।

ଆମେରିକାର ନ୍ୟାସନାଲ ଇନଷ୍ଟିଚ୍ୟୁଟ୍ ଅଫ୍ ହେଲଥର ଜର୍ଣ୍ଣାଲରେ ପ୍ରକାଶିତ ଏକ ଅଧ୍ୟୟନ ଅନୁଯାୟୀ ନିମ୍ବ ପତ୍ର ଓ ଏହାର ରସ ନା କେବଳ କ୍ୟାନସର କୋଷିକା ବରଂ ଟ୍ୟୁମର ବୃଦ୍ଧିକୁବି ରୋକିଥାଏ । ଏହା କ୍ୟାନସରଗ୍ରସ୍ତ ଟ୍ୟୁମରକୁ ନଷ୍ଟ କରିବାରେ ବି ସାହାଯ୍ୟ କରିଥାଏ । ଉତ୍ତରାଖଣ୍ଡର ଆୟୁର୍ବେଦିକ ବିଶ୍ୱବିଦ୍ୟାଳୟର ପ୍ରଫେସର ଡା ଅବଧେଶ ମିଶ୍ରାଙ୍କ ଅନୁଯାୟୀ, ସଂସ୍କୃତରେ ନିମ୍ବକୁ ସର୍ବ ରୋଗ ନିବାରଣ ବା ସବୁ ରୋଗ ଦୂର କରିବାର ଔଷଧ ବୋଲି କୁହାଯାଏ । ଆୟୁର୍ବେଦର ଦୁଇଟି ପ୍ରାଚୀନ ଗ୍ରନ୍ଥ 'ଚରକ ସଂହିତା' ଓ 'ସୁଶ୍ରୁତ ସଂହିତା'ରେ ନିମ୍ବର ଉପକାରୀ ଗୁଣ ବିଷୟରେ ଲେଖାଯାଇଛି ।

ପ୍ରତିଦିନ ସକାଳେ ଖାଲି ପେଟରେ ୪-୬ ଟି କଅଁଳିଆ ନିମ୍ବ ପତ୍ର ଖାଇଲେ ଏହା ସ୍ୱାସ୍ଥ୍ୟ ପାଇଁ ଉପକାରୀ ହୋଇଥାଏ । ନିମ ପତ୍ରରେ ଥିବା ଗ୍ଲାୟକୋପ୍ରୋଟିନ୍ କ୍ୟାନସର କୋଷିକାର ବୃଦ୍ଧିକୁ ରୋକିଥାଏ ।

ଏହା ପ୍ରାକୃତିକ ଇନସୁଲିନ୍ ନିୟନ୍ତ୍ରକ ଭାବେ କାମ କରିଥାଏ ।

ଏଥିରେ ଥିବା ନିମ୍ବିଡଲ ଓ ଗେଡୁନିନ୍ ପରି ଔଷଧୀୟ ଉପାଦାନ ଚର୍ମ ସୁସ୍ଥ ରଖିବାରେ ସାହାଯ୍ୟ କରିଥାଏ ।

ନିମ୍ବ ପତ୍ରକୁ ପାଣିରେ ଫୁଟାଇ ସେହି ପାଣିକୁ ଥଣ୍ଡା କରି ସେଥିରେ ମୁଣ୍ଡ ଧୋଇଲେ ମୁଣ୍ଡରୁ ଉକୁଣି ଦୂର ହୋଇଥାଏ । ନିମ୍ବରେ ଥିବା ବୀଜାଣୁ ନିରୋଧୀ ଶକ୍ତି ରୂପି ସମସ୍ୟା ଦୂର କରିଥାଏ ।

ବ୍ରଣ କିମ୍ବା ଅନ୍ୟ କୌଣସି ପ୍ରକାରର କାଛୁ,କୁଣ୍ଡିଆ ପାଇଁ ନିମ୍ବ ସବୁଠାରୁ ପ୍ରାକୃତିକ ବୀଜାଣୁ ନିରୋଧୀ ଭାବେ କାମ କରିଥାଏ । ନଡ଼ିଆ ତେଲରେ ନିମ୍ବ ପତ୍ରକୁ ଗରମ କରନ୍ତୁ । ଏହାକୁ ଥଣ୍ଡା ହେବା ପରେ ସେହି ସ୍ଥାନମାନଙ୍କରେ ଲଗାନ୍ତୁ ।

ନିମ୍ବ ପତ୍ରକୁ ବାଟି ମହୁରେ ମିଶାଇ ଖାଇଲେ ପେଟରେ କୀଟ ଦୂର ହୋଇଥାଏ । ଏଥିରେ ଥିବା ତନ୍ତୁ, ପ୍ରୋଟିନ୍, ଫ୍ୟାଟ୍ ଓ ଆମିନୋ ଏସିଡ୍ କୋଷ୍ଠକାଠିନ୍ୟ ଦୂର କରିଥାଏ ।

ଏହାକୁ ବାଟି ପିଇଲେ ଶରୀରରେ ଏସିଡସ୍ତର ନିୟନ୍ତ୍ରଣରେ ରହିଥାଏ । ଏହା ଅଲସର ଭଲ କରିଥାଏ । ସକାଳେ ଓ ସନ୍ଧ୍ୟାରେ କଅଁଳିଆ ନିମ୍ବ ପତ୍ର ଖାଇଲେ ଏଥିରେ ଥିବା ନିମ୍ବିଡିନ୍ ରକ୍ତଧମନୀକୁ ପ୍ରସାରିତ କରି ଉଚ୍ଚ ରକ୍ତଚାପ ନିୟନ୍ତ୍ରଣ କରିଥାଏ ।

# ଡେଙ୍ଗୁ ଓ ଚିକୁନଗୁନିଆର ଘରୋଇ ଉପଚାର

ରୋଗ ଛୋଟ ହେଉ କି ବଡ଼, ଘରୋଇ ଚିକିତ୍ସା ନିହାତି ଜରୁରୀ । ଘରୋଇ ଚିକିତ୍ସାର ପ୍ରୟୋଗରେ କୌଣସି ପ୍ରକାର ପାର୍ଶ୍ୱପ୍ରତିକ୍ରିୟା ନ ଥାଏ । କିନ୍ତୁ ଘରୋଇ ଉପାୟ ଆପଣାଇବା ପୂର୍ବରୁ ଏହା କେତେଦୂର ରୋଗ କମ୍ କରିବାରେ ସକ୍ଷମ ତାହା ଜାଣି ରଖିବା ଉଚିତ୍ ।

ଅମୃତଭଣ୍ଡା ରସ: ଡେଙ୍ଗୁ, ଚିକୁନଗୁନିଆରେ ଅମୃତଭଣ୍ଡାର ଚୋପାକୁ ସିଝାଇ ସେହି ପାଣି ପିଇବାକୁ ପଡିଥାଏ । କାରଣ ଏହାର ଚୋପାରେ କାଇମୋପେପେନ୍ ଏବଂ ପପେନ୍ ନାମକ ଦୁଇଟି ଏନଜାଇମ ଶରୀରରେ ପ୍ଲେଟଲେଟ କାଉଣ୍ଟ ବା ଡେଙ୍ଗୁ ଓ ଚିକୁନଗୁନିଆରେ ପ୍ଲେଟଲେଟର ମାତ୍ରା କମିଯାଏ ।

ଜୁଆଣୀ: ଜୁଆଣୀରେ ଥିବା ଥାଇମଲ ନାମକ ତେଲ ଲୋକାଲ ଆନେସଥେସିଆ ପରି କାମ କରେ । ଏହା ସହିତ ଏଥିରେ ଆଣ୍ଟିବ୍ୟାକ୍ଟେରିଆଲ ଏବଂ ଆଣ୍ଟି ଫଙ୍ଗଲର ଗୁଣ ମଧ ରହିଛି । ଜୁଆଣୀରେ ଥିବା ଆଣ୍ଟି ଅକ୍ସିଡାଣ୍ଟ ଶରୀରର ପ୍ରତିରୋଧକ ଶକ୍ତି ବଢ଼ାଏ । ଏଥିରେ ଥିବା ଲୋକାଲ ଆନେସଥେସିଆ ଶରୀରର ଯନ୍ତ୍ରଣା କମ୍ କରେ । ତେଣୁ ଡେଙ୍ଗୁ, ଚିକୁନଗୁନିଆରେ ଜୁଆଣୀ ସେବନ କରିବା ସ୍ୱାସ୍ଥ୍ୟ ପକ୍ଷେ ହିତକର ।

ତୁଳସୀପତ୍ର: ସାଧାରଣତଃ ତୁଳସୀ ପତ୍ରକୁ ଔଷଧୀୟ ରୂପେ ବ୍ୟବହାର କରାଯାଏ । ତୁଳସୀ ପତ୍ରରେ ଥିବା ଏନଜାଇମ୍ ଶରୀରକୁ ଦୁର୍ବଳ କରାଏ ନାହିଁ । ଏଥିରେ ଥିବା ଆଣ୍ଟିଅକ୍ସିଡାଣ୍ଟ ଏବଂ ବେଟା କେରୋଟିନ୍ ରୋଗ ପ୍ରତିରୋଧକ ଶକ୍ତି ବଢ଼ାଏ ।

ରସୁଣ: ରସୁଣର ପ୍ରୟୋଗ ଯେ କେବଳ ମସଲାରେ କରାଯାଏ ତା' ନୁହେଁ, ଏହାର ଔଷଧୀୟ ଉପାୟ ମଧ ରହିଛି । ଏଥିରେ ମିନେରାଲ୍ସ,



ଭିଟାମିନ୍ ଏବଂ ଆଣ୍ଟି ଅକ୍ସିଡାଣ୍ଟ ରହିଛି । ଏହାର ପାଖୁଡାରେ ଥିବା ଅଲିସିନ ଏଣ୍ଟି ଭାଇରାଲ ପରି କାମ କରେ । ଡେଙ୍ଗୁ ଓ ଚିକୁନଗୁନିଆରେ ରସୁଣ ଖାଇବା ସ୍ୱାସ୍ଥ୍ୟ ପକ୍ଷେ ହିତକର ।

## ରାମକଥା



ଶ୍ରୀରାମଙ୍କ ଅତିରିକ୍ତ ଅନ୍ୟ କୌଣସି ପୁରୁଷଙ୍କୁ ଯଦି ମୁଁ କେବେ ବି ସ୍ମରଣ ସୁଦ୍ଧା କରି ନ ଥିବି, ଯଦି ମୁଁ ପାତିବ୍ରତ୍ୟ ଧର୍ମ ନିଷ୍ଠାର ସହିତ ପାଳନ କରିଥିବି ତେବେ ହେ ଅଗ୍ନିଦେବ ଆପଣ ଚନ୍ଦନ ଭଳି ଶୀତଳ ହୋଇଯିବେ ବୋଲି କହି-

ସୀତା ଅଗ୍ନିରେ ପ୍ରବେଶ କଲେ । ଦର୍ଶକଗଣଙ୍କର ଶ୍ୱାସରୁଦ୍ଧ ହୋଇଯାଉଥିବା ଭଳି ଜଣାପଡୁଥିଲା । ଅନେକ ବାନର ତ ବିକଳ ବିଳାପ କରିବାରେ ଲାଗିଲେ । କେତେକ ଆଶ୍ଚର୍ଯ୍ୟ ବିହ୍ୱଳିତ ହୋଇ ଭାବିବାରେ ଲାଗିଲେ, ହାୟ! ଏଇ ସୀତାଙ୍କ ପାଇଁ ଶ୍ରୀରାମ ଏତେ ଭୟଙ୍କର ଯୁଦ୍ଧ କଲେ, ହେଲେ ଏବେ ଏପରି କ'ଣ କରୁଛନ୍ତି ? ମହାନ୍ ଅନର୍ଥ ହେବାକୁ ଯାଉଛି ? ଏପରି ସମୟରେ ସାକ୍ଷାତ୍ ଅଗ୍ନିନାରାୟଣ ପ୍ରଜ୍ୱଳିତ ଅଗ୍ନି ମଧ୍ୟରୁ ସୀତାଙ୍କୁ ଧରି ବାହାରି ଆସିଲେ । ସେ କହିଲେ- ଏଷା ତେ ରାମ ବୈଦେହୀ ପାପମସ୍ୟାଂ ନ ବିଦ୍ୟତେ ।

ଶ୍ରୀସୀତା ହେଉଛନ୍ତି ମହାନ୍ ପତିବ୍ରତା । ଦେବତା, ଋଷି ସମସ୍ତେ ସେଠାରେ ଆବିର୍ଭାବ ହୋଇଗଲେ । ସମସ୍ତେ ଅଗ୍ନିଦେବଙ୍କର ସାକ୍ଷୀ ଦେଲେ । ଶ୍ରୀରାମ ସୀତାଙ୍କୁ ଗ୍ରହଣ କଲେ । ସୀତା ରାମଙ୍କ ପାଖରେ ଶୋଭା ପାଇବାରେ ଲାଗିଲେ । ସୀତାରାମଙ୍କୁ ଏକାଠି ବସିଥିବା ଦେଖି ବ୍ରହ୍ମାଙ୍କୁ ଖୁବ୍ ଆନନ୍ଦ ଲାଗିଲା । ବ୍ରହ୍ମା ସୀତାରାମଙ୍କର ଅତି ସୁନ୍ଦର ସ୍ତୁତି କଲେ । ଜୟ ରାମ ସଦା ସୁଖଧାମ ହରେ । ରଘୁନାୟକ ସାୟକ ଚାପ ଧରେ । ଭବ ବାରନ ବାରନ ସିଂହ ପ୍ରଭୋ । ଗୁନ ସାଗର ନାଗର ନାଥ ବିଭୋ । ଏହାପରେ ଦେବରାଜ ଇନ୍ଦ୍ର ସ୍ତୁତି କରି କହିଲେ, ଆପଣ ଆମ ପାଇଁ ବହୁତ କଷ୍ଟ ସହ୍ୟ କରିଛନ୍ତି । ରାବଣ ଆମକୁ ଅତି କଷ୍ଟ ଦେଉଥିଲା । ଆପଣ ବହୁତ କୃପା କରିଛନ୍ତି । ମୁଁ ଆପଣଙ୍କର କି ସେବା କରିପାରିବି କୁହନ୍ତୁ ।

ସେତେବେଳେ ଶ୍ରୀରାମ କହିଲେ, ଯୁଦ୍ଧରେ ଅନେକ ନିରୀହ ବାନରଙ୍କୁ ରାକ୍ଷସମାନେ ମାରି ଦେଇଛନ୍ତି-

ମମ ହିତ ଲାଗି ତଜେ ଇନ ପ୍ରାନା । ସକଲ ଜିଆଉ ସୁରେସ ସୁଜାନା ।

ତୁମେ ଆକାଶରୁ ଅମୃତ ବୃଷ୍ଟି କର । ମରି ଯାଇଥିବା ବାନରମାନେ ପୁନର୍ଜନ୍ମ ପାଆନ୍ତୁ । ଶ୍ରୀରାମଙ୍କ ଆଜ୍ଞାନୁସାରେ ଇନ୍ଦ୍ର ଆକାଶରୁ ଅମୃତ ବୃଷ୍ଟି କଲେ । ମୃତ୍ୟୁବରଣ କରିଥିବା ବାନରମାନେ ପୁନର୍ଜନ୍ମ ପାଇଲେ । ଯୁଦ୍ଧଭୂମିରେ ବାନର ଓ ରାକ୍ଷସସେନା ମରି ପଡିଥିଲେ । କିନ୍ତୁ ବାନରମାନେ ଜୀଇଁ ଉଠିଲେ, ରାକ୍ଷସମାନେ ଜୀଇଁଲେ ନାହିଁ । ଏହାର କାରଣ ବାନରମାନେ ଯେତେବେଳେ ଯୁଦ୍ଧ କରୁଥିଲେ, ସେମାନଙ୍କର ଦୃଷ୍ଟି ଥିଲା ରାକ୍ଷସଙ୍କ ଉପରେ । ରାକ୍ଷସମାନେ ଶ୍ରୀରାମଙ୍କୁ ଦର୍ଶନ କରି କରି ପ୍ରାଣ ହରାଇ ପକାଉଥିଲେ । ଏଣୁ ଅମୃତ ସ୍ପର୍ଶ ହେଲେ ସୁଦ୍ଧା ସେମାନେ ପୁନଃଜୀବିତ ହୋଇପାରୁ ନଥିଲେ । ରାକ୍ଷସମାନେ ତ ପ୍ରଭୁଙ୍କ ଧାମକୁ ଚାଲି ଯାଇଥିଲେ ।

ଅନ୍ତଃ ସମୟରେ ଯିଏ ଶ୍ରୀରାମଚନ୍ଦ୍ରଙ୍କୁ ଦର୍ଶନ କରୁଥାନ୍ତି, ଶ୍ରୀରାମ ନାମର ସ୍ମରଣ କରୁଥାଆନ୍ତି ସେମାନଙ୍କୁ ଆଉ ସଂସାରକୁ ଆସିବାକୁ ହୋଇ ନ ଥାଏ । ଏହାପରେ ଭଗବାନ୍ ଶଙ୍କର ଶ୍ରୀରାମଙ୍କୁ ସ୍ତୁତି କରି କହିଲେ ପ୍ରଭୁ! ଅତି ଶୀଘ୍ର ଅଯୋଧ୍ୟାରେ ଆପଣଙ୍କର ରାଜ୍ୟାଭିଷେକ ହେବ । ମୁଁ ଆପଣଙ୍କୁ ସେତେବେଳେ ଦର୍ଶନ କରିବାକୁ ଆସିବି । ବିଭୀଷଣ ଶ୍ରୀରାମଙ୍କୁ ଅନୁରୋଧ କରି ଲଙ୍କାରେ କିଛି ଦିନ ରହିବା ପାଇଁ କହିଲେ । ଶ୍ରୀରାମ କହିଲେ, ଚତୁର୍ଦ୍ଦଶ ବର୍ଷ ବନବାସ ପୂରା ହେବାକୁ ଯାଉଛି । ଭରତ କଥା ମୋର ମନେ ପଡୁଛି ।

ଭଗବାନଙ୍କୁ ଯିଏ ସବୁବେଳେ ମନେ ପକାଉଥାଏ ଭଗବାନ ତାକୁ କେତେବେଳେ ବି ଭୁଲନ୍ତି ନାହିଁ । ଭରତ ସବୁବେଳେ ଶ୍ରୀରାମଙ୍କୁ ସ୍ମରଣ କରି ତନ୍ମୟ ରହୁଥିଲେ । ତେଣୁ ଶ୍ରୀରାମଙ୍କର ଭରତଙ୍କ କଥା ସବୁବେଳେ ମନେ ପଡୁଥାଏ । ଶ୍ରୀରାମ କହିଲେ, ମୋତେ ଅତିଶୀଘ୍ର ଅଯୋଧ୍ୟାରେ ପହଞ୍ଚିବାକୁ ହେବ । ମୁଁ ଶୁଣିବାକୁ ପାଇଛି ଯେ ମୋ ଭାଇ ଭରତ ଅନ୍ନ ତ୍ୟାଗ କରି ଦେଇଛି । କନ୍ଦ ମୂଳ ଫଳ ଆହାର କରୁଛି । ଜଟା ଧାରଣ କରିଛି । ସେ ମଧ୍ୟ ମୋ ଭଳି ତପସ୍ୟା କରୁଛି ।

ଭରତ ମୋତେ ଚାହିଁବସିଛି । ମୁଁ ଶୀଘ୍ର ଯିବା ଉଚିତ । ଏହାପରେ ଶ୍ରୀରାମ ବାନରଙ୍କୁ କହିଲେ, ତୁମେମାନେ ମୋର ବହୁତ ଉପକାର କରିଛ । ମୁଁ ତୁମମାନଙ୍କ ଉପକାରକୁ କଦାପି ଭୁଲି ପାରିବି ନାହିଁ ।

ଶ୍ରୀରାମ ବାନରଙ୍କ ଉପକାର ଭୁଲି ନ ଥିଲେ । କୃଷ୍ଣାବତାରରେ ବାନରଙ୍କର ସେହି ଉପକାରର ପ୍ରତିଦାନ ସ୍ୱରୂପ ସେମାନଙ୍କୁ ଲହୁଣି ଖୋଇଥିଲେ । ଜୀବର ଏପରି ସ୍ୱଭାବ ଯେ କେହି ଉପକାର କରିଥିଲେ ସେ ସେହି ଉପକାରକୁ ଭୁଲିଯାଏ, ଆଉ ଅପକାରକୁ ମନେ ରଖେ । ଭଗବାନ ଏତେ ଟିକିଏ ବି ଉପକାରକୁ ଭୁଲନ୍ତି ନାହିଁ । ଶାସ୍ତ୍ରରେ ପ୍ରତ୍ୟେକ ପାପର ପ୍ରାୟଶ୍ଚିତ ପ୍ରସଙ୍ଗ ଲେଖା ହୋଇଛି । କିନ୍ତୁ ଯିଏ କୃତଘ୍ନ, ଯିଏ ଉପକାରୀର ଉପକାରକୁ ଭୁଲିଯାଏ, ତା ପାଇଁ କୌଣସି ପ୍ରାୟଶ୍ଚିତ ନାହିଁ । ତେଣୁ ଅନ୍ୟର ଉପକାରକୁ କଦାପି ଭୁଲିଯିବା ଉଚିତ ନୁହେଁ ।

ଶ୍ରୀରାମ ଭାବିଲେ, ଏହି ବାନରମାନେ ମୋର ବହୁତ ଉପକାର କରିଛନ୍ତି । ଏମାନେ ମୋର ପରମଭକ୍ତ । ଏମାନେ ବୃକ୍ଷର ପତ୍ର ଆହାର କରି ମୋର ସେବା କରିଛନ୍ତି । ଏବେ ମୁଁ ତପସ୍ୱୀ ହୋଇଥିବାରୁ ଏମାନଙ୍କୁ କିଛି ଦେଇପାରୁ ନାହିଁ । କିନ୍ତୁ କୃଷ୍ଣାବତାରରେ ଏମାନଙ୍କର ଉପକାରକୁ ମନେରଖି ଏମାନଙ୍କୁ ପ୍ରଚୁର ଲହୁଣି ଖୁଆଇବି । କହ୍ନେଇ ବାନରଙ୍କୁ ପ୍ରଚୁର ଲହୁଣି ଖୋଇଥିଲେ ।

ଲଙ୍କାଯୁଦ୍ଧ ସରିଯିବା ପରେ ଶ୍ରୀରାମ ବାନରଙ୍କୁ କହିଲେ, ମୁଁ ତୁମମାନଙ୍କ ଉପକାର କଦାପି ଭୁଲିପାରିବି ନାହିଁ । ଏବେ ତୁମେମାନେ ଏହିଠାରୁ ନିଜ ନିଜ ଘରକୁ ବାହୁଡିଯାଅ । ଶ୍ରୀରାମ ବିୟୋଗ ହେବା କାହା ପକ୍ଷରେ ସହ୍ୟ କରିବା ସମ୍ଭବ ନ ଥିଲା । ବାନରମାନେ କହିଲେ ମହାରାଜ! ଆମେ ବି ଅଯୋଧ୍ୟାକୁ ଯିବୁ । ଅଯୋଧ୍ୟାଂ ଗନ୍ତୁମିଚ୍ଛାମସ୍ତ୍ୱୟା ସହ ରଘୁନାଥ । ଆମେ କୌଶଲ୍ୟା ମାତାଙ୍କୁ ଦର୍ଶନ କରିବାକୁ ଚାହୁଁଛୁ ।

ଶ୍ରୀରାମ ପୁଷ୍ପକ ବିମାନରେ ବସିଗଲେ । ବିମାନରେ ସମସ୍ତେ ବସିଯିବା ପାଇଁ ଶ୍ରୀରାମ କହିଲେ । ଯେତେ ଯେତେ ସଂଖ୍ୟାରେ ବାନର ବସିବାରେ ଲାଗିଲେ ବିମାନ ସେତେ ବୃହତ୍ ହେବାରେ ଲାଗିଲା । ଅଯୋଧ୍ୟାକୁ ଯିବା ପାଇଁ ବାନରଙ୍କର ଇଚ୍ଛା ଥିଲା । ବିମାନ ଅତି ବିଶାଳ ହୋଇଗଲା । ସମସ୍ତେ ଶ୍ରୀରାମଙ୍କର ଜୟ ଜୟକାର କରିବାରେ ଲାଗିଲେ । ବିମାନ ଅଯୋଧ୍ୟା ଅଭିମୁଖେ ଯାତ୍ରା ଆରମ୍ଭ କଲ ॥

## ସ୍ୱର୍ବେଦ

**ବିଦେହ ବିଦେହୀ କୋ ମିଲେ, ଛୁଟେ ଦେହ ଅଭିମାନ,**
**ଜୀବନ୍ମୁକ୍ତି ଜୀବନ ମୃତକ, ଦୁର୍ଲଭ ଯହ ଜଗ ଜାନ । (୨୯)**


ଭାଷ୍ୟ: ସହଜ ଯୋଗୀ ସମସ୍ତ ଦେହ ସଂଘାତର ଅଭିମାନକୁ ଛାଡ଼ି ବିଦେହୀ ହୁଅନ୍ତୁ, ବିଦେହ ପରମ ପୁରୁଷକୁ ପାଇ ଜୀବନ୍ମୃତକ ହୋଇ ପ୍ରଭୁଙ୍କ ପାଇ ଜୀବନ୍ମୁକ୍ତ ହୋଇଯାଆନ୍ତି । ଏହି ମହାନ୍ ପଦ କୌଣସି ସଦଗୁରୁ ଭକ୍ତ ସମାଧିସ୍ଥଙ୍କୁ ହିଁ ପ୍ରାପ୍ତ ହୋଇଥାଏ । ଯୋଗୀ ଦେହ ସଂଘାତରୁ ଉପରମ ହୋଇ ବିଦେହ ଅବସ୍ଥାରେ ପରମାନନ୍ଦଙ୍କୁ ଉପଭୋଗ କରିଥାନ୍ତି । ପ୍ରାକୃତିକ ଜଗତର ସେଥିରେ ପ୍ରତୀତ ହୁଏ ନାହିଁ । ସେଥିପାଇଁ ସେହି ଯୋଗୀଙ୍କୁ ଜୀବନ୍ମୁକ୍ତର ସଂଜ୍ଞା ଦିଆଯାଇଛି । ଯେ ଜୀବନ୍ମୁକ୍ତ ହୁଏ, ସେ ଦେହ ଛାଡିଗଲେ ବିଦେହମୁକ୍ତ ହୋଇଯାଏ । ଯୋଗୀଙ୍କୁ ଦେହାଭିମାନ ହୁଏ ନାହିଁ କି ବହଙ୍ଗମ ଯୋଗ ସମାଧିରେ ପ୍ରକୃତିର ତତ୍ତ୍ୱଗୁଡିକର ଭାବ ହିଁ ହୋଇଥାଏ । ଏଥିପାଇଁ ଦେହ ଥିବା ବେଳେ ସଂସାରରୁ ମୁକ୍ତ ହୋଇଯିବାର କାରଣକୁ ଜୀବନ୍ମୁକ୍ତ କୁହାଯାଇଛି । ଏପରି ଜୀବନ୍ମୁକ୍ତ ଯୋଗୀ ସଂସାରରେ ଦୁର୍ଲଭ ଅଟନ୍ତି । ଯୋଗ କଳା ଦ୍ୱାରା ଦେହାଭିମାନ ଛାଡିଗଲେ ହିଁ ଯୋଗୀ ଅନ୍ତରାକାଶରେ ଆସି ବିଦେହୀ ହୁଅନ୍ତି । ବିଦେହ ଯୋଗର ବିଶିଷ୍ଟ ଅବସ୍ଥା ଅଟେ । ଏଥିରୁ ଅନୁଭବୀ ସାଧକ ଜାଣିପାରନ୍ତି ଓ ଦେହାଭ୍ୟାସକୁ ଛାଡି ଚିନ୍ମୟ ସ୍ୱରୂପରେ ଆସି ପରମାନନ୍ଦ ପ୍ରାପ୍ତିର ମର୍ମ ଭେଦକୁ ବୁଝି ପାରିବେ ।

**ଏକ ପାଦ ନିଃଶବ୍ଦ ସେ, ଅକ୍ଷର ହୈ ଉତ ପାନ ।**
**ଅକ୍ଷର ସେ ସବ ସୃଷ୍ଟି ହେ, ଅକ୍ଷର ମାହିଁ ସମାନ । (୩୦)**

ଭାଷ୍ୟ: ନିଃଅକ୍ଷର ପରମ ପୁରୁଷର ଏକ ପାଦରେ ଅକ୍ଷର ପ୍ରକଟ ହୋଇ ଥାଏ ଓ ସେହି ଅକ୍ଷରରୁ ହିଁ ସମସ୍ତ ସୃଷ୍ଟିର କାର୍ଯ୍ୟ ବ୍ୟବହାର ହୋଇ ଥାଏ ଏବଂ ଶେଷରେ ଏହି ବିଶାଳ ସୃଷ୍ଟି ସେହି ଅକ୍ଷରରେ ହିଁ ପ୍ରବେଶ କରି ଥାଏ । ଉତ୍ପତ୍ତି, ପାଳନ ତଥା ଲୟ ଯାହାଦ୍ୱାରା ହୋଇଥାଏ, ତାହା ଅକ୍ଷର ବ୍ରହ୍ମ ଅଟେ ।

**ଅକ୍ଷର କେ ପରଭାବ ସେ, ପରମାଣୁ ମେଁ ଯୋଗ ।**
**ମହ ମଣ୍ଡଳ ଆକାଶ ହୈ, ଜନମ ଆଦ୍ୟ ସବ ଭୋଗ । (୩୧)**

ଭାଷ୍ୟ; ଜଗତର ମୂଳ ସମବାୟି କାରଣ ପ୍ରକୃତି ଅଟେ, ତାକୁ ହିଁ




ପରମାଣୁ କହନ୍ତି, ପରମାଣୁ ମାୟା ପ୍ରକୃତି, ଅଲିଙ୍ଗ ଓ ଅବ୍ୟାକୃତ ଏକ ଅର୍ଥର ବାଚକ ଶବ୍ଦ ଅଟେ । ଏକ ପାଦ ପ୍ରକୃତିର ମଣ୍ଡଳରେ ଅକ୍ଷର ପ୍ରଭାବରୁ ପରମାଣୁ ମାନଙ୍କରେ ଯୋଗ ହେବାରେ ଲାଗେ । ପରମାଣୁମାନଙ୍କର ଯୋଗରୁ ହିଁ ସୃଷ୍ଟିର ନିର୍ମାଣ ହୋଇଥାଏ । ବିନା ଅକ୍ଷରରେ ପରମାଣୁ ମାନଙ୍କ ଠାରେ ଗତି ସଞ୍ଚାର ହୋଇ ପାରେ ନାହିଁ । ପ୍ରଳୟରେ ପରମାଣୁ ନିଷ୍କ୍ରିୟ ରହନ୍ତି । ଯେବେ ପରବ୍ରହ୍ମଙ୍କ ଲକ୍ଷଣ ଶକ୍ତି ଉଦୟ ହୁଏ, ତେବେ ଅକ୍ଷରର ପ୍ରକଟ ହେବାରୁ ଗତି ବିହୀନ ପରମାଣୁମାନଙ୍କରେ କ୍ରମଶଃ ଯୋଗ ହେବାରେ ଲାଗେ ଓ ଏକ ପାଦ ଆକାଶର ମଣ୍ଡଳ ତିଆରି ହୋଇଯାଏ । ତାକୁ ହିଁ ବ୍ରହ୍ମାଣ୍ଡ କହନ୍ତି । ଜନ୍ମ, ଉତ୍ପତ୍ତି, ପାଳନ ଏବଂ ଲୟ ଆଦି ସମସ୍ତ ଜୀବମାନଙ୍କର କର୍ମ ଓ ତାର ଭୋଗ ଏହି ଅକ୍ଷର ଦ୍ୱାରା ହିଁ ହୋଇଥାଏ । ଅକ୍ଷର ଦ୍ୱାରା ଜଗତର ସମସ୍ତ କ୍ରିୟା ହୋଇଥାଏ ଏବଂ ଅକ୍ଷର ଦ୍ୱାରା ହିଁ ପରବ୍ରହ୍ମ ଜଗତର ନିର୍ମାଣ, ପାଳନ ଏବଂ ଲୟ କରି ତିନିପାଦ ଅମୃତରେ ସଚ୍ଚିଦାନନ୍ଦ ସ୍ୱରୂପରେ ବିରାଜମାନ ଅଛନ୍ତି । ଅକ୍ଷର ଏକ ନିତ୍ୟ କୂଟସ୍ଥାନକୁ ଅଟେ । ଅକ୍ଷରର ପୂର୍ଣ୍ଣ ବ୍ୟାଖ୍ୟା ସ୍ୱର୍ବେଦର ପଞ୍ଚମ ମଣ୍ଡଳରେ ଆଗକୁ ମିଳିବ ।

**ଅକ୍ଷର ବହ କୂଟସ୍ଥ ହୈ, ସୃଷ୍ଟି ଶକ୍ତି ସବ ଜାନ ।**
**ଶୁଦ୍ଧ ଶବ୍ଦ ଅକ୍ଷର ଗର୍ଜେ, ମାୟା ନାହିଁ ଅଜାନ । (୩୨)**

ଭାଷ୍ୟ: ଅକ୍ଷର ନିତ୍ୟ କୂଟସ୍ଥ ବସ୍ତୁ ଅଟେ । ସମସ୍ତ ଚରାଚର ଜଗତରେ ତାର ଶକ୍ତିରେ ସମସ୍ତ କ୍ରିୟା ହେଉଛି । ପ୍ରକୃତିର ଭିତରେ ଜଡ଼ ଚେତନ ମିଶ୍ରିତ ଅନେକ ଶବ୍ଦ ଅଛି, କିନ୍ତୁ ଏକ ପାଦ ପ୍ରକୃତି ମଣ୍ଡଳର ଭିତରେ ଶୁଦ୍ଧ ଶବ୍ଦ ଅକ୍ଷର ହିଁ ପ୍ରକାଶ କରୁଛି । ସେହି ମାୟାକୃତ ଜଡ଼ ଶବ୍ଦ ନୁହେଁ । ଯୋଗୀମାନଙ୍କ ଅଧର ପ୍ରକାଶରେ ଅକ୍ଷର ବ୍ରହ୍ମର ସ୍ପଷ୍ଟ ଅନୁଭବ ହୁଏ । ଅକ୍ଷରର ପ୍ରକାଶରେ ସମସ୍ତ ପ୍ରାଣ, ଇନ୍ଦ୍ରିୟ ଓ ଚକ୍ରରେ ଶକ୍ତି ଉଦୟ ହୁଏ ଏବଂ ସୁଷୁପ୍ତିରେ ଅକ୍ଷର ପ୍ରାଣ ଦ୍ୱାରା ହିଁ ଆତ୍ମାର ସମ୍ବନ୍ଧରେ ନିମେଷ ଉନ୍ମେଷ ଏବଂ ଶରୀରର ସମସ୍ତ ବ୍ୟବହାର କର୍ମ ଚାଲେ । ଏଥିପାଇଁ ଅକ୍ଷର ଚେତନ ଅନୁଭବ ଯୁକ୍ତ ଶବ୍ଦ ଅଟେ, ଯାହାର ପ୍ରକାଶ ଅନୁଭବ ଯୋଗର ଚତୁର୍ଥ ଭୂମିରେ ରହେ ।

**ଅକ୍ଷର ମାହିଁ କମ୍ପ ହୈ, ମାୟା ଯୋଗ ବିକାଶ ।**
**ସୃଷ୍ଟି କେ ପ୍ରାଦୁର୍ଭାବ ହୈ, ଅକ୍ଷର ଜଗ ପରକାଶ । (୩୩)**

ଭାଷ୍ୟ: ଅକ୍ଷରର କମ୍ପରେ ହିଁ ପରମାଣୁ ମାନଙ୍କର ସଂଯୋଗ ହେବାରେ ଲାଗେ, ଅର୍ଥାତ୍ ପରମାଣୁମାନଙ୍କର ବିକାଶ ହେବାରେ ଲାଗେ, ଯେଉଁଥିରେ ସୃଷ୍ଟିର ରଚନା ଆରମ୍ଭ ହୋଇଥାଏ । ଅକ୍ଷରର ପ୍ରକାଶରେ ପରମାଣୁର ଯୋଗ ବିକାଶ ଦ୍ୱାରା ଜଗତର ରଚନା ହୁଏ ।

## ଚନ୍ଦନର ଉପକାରିତା

ଚନ୍ଦନକୁ ଏକ ପବିତ୍ର ବୃକ୍ଷଭାବେ ଭାରତୀୟମାନେ ଗ୍ରହଣ କରିଥାନ୍ତି । ଏହା କେବଳ ଦେବପୂଜା ପାଇଁ ନୁହେଁ, ବିଭିନ୍ନ ରୋଗର ଉପଚାରରେ ଏହାକୁ ବ୍ୟବହାର କରାଯାଇଥାଏ । ଶରୀରକୁ ଆରାମ ଦେବା ସହ ମନକୁ ପ୍ରଫୁଲ୍ଲ ରଖିବା ପାଇଁ ଚନ୍ଦନର ବ୍ୟବହାର କରାଯାଇଥାଏ । ଚନ୍ଦନ କାଠ ଶରୀରକୁ ବିଭିନ୍ନ ପ୍ରକାର ସଂକ୍ରମଣରୁ ରକ୍ଷା କରିଥାଏ । ଏହା ଆଣ୍ଟିସେପ୍ଟିକ୍‌ର କାମ କରେ । ଏପରିକି ଖାଦ୍ୟ ପଦାର୍ଥକୁ ସ୍ୱାଦିଷ୍ଟ କରିବା ପାଇଁ ଚନ୍ଦନ ତୈଳର ପ୍ରୟୋଗ ହୋଇଥାଏ । ଚନ୍ଦନ ତ୍ୱଚାକୁ ସୁସ୍ଥ ରଖିଥାଏ । ଏହା ଚର୍ମ ଶୁଷ୍କତା, କୁଣ୍ଡେଇ ହେବା ଏବଂ ଏକ୍‌ଜିମାରୁ ରକ୍ଷା କରେ । ତେଲିଆ ତ୍ୱଚା ପାଇଁ ଚନ୍ଦନ ଲାଭଦାୟକ । ଏଥିରେ ଥିବା ଫେରୋମେନ୍ ତତ୍ତ୍ୱ ପାଇଁ ଏହାକୁ ଦୁର୍ଗନ୍ଧ ନିବାରକ ଭାବେ ବ୍ୟବହାର କରାଯାଇଥାଏ । ଚନ୍ଦନ ତୈଳ ଶରୀରରେ ସ୍ଫୂର୍ତ୍ତି ଭରିଦିଏ । ଶରୀରର ସ୍ଫୂର୍ତ୍ତି ପାଇଁ ଚନ୍ଦନ ସହ ଅତରର ପ୍ରୟୋଗ କରାଯାଏ ।

ଚନ୍ଦନ ଆମର ପେଟ ସମ୍ବନ୍ଧୀୟ ଅନେକ ସମସ୍ୟାକୁ ଦୂର କରିବା ସହ ପାଚନ କ୍ରିୟାକୁ ଠିକ୍ ରଖେ । ଆର୍ଥିକ ଖାଦ୍ୟ ଜୀର୍ଣ୍ଣ ହେଉ ନ ଥିଲେ ଚନ୍ଦନର ଉପଚାର କରାଯାଇଥାଏ ।

ଚନ୍ଦନର ତେଲ କେଶକୁ ମଜଭୁତ କରିବା ସହ ଝଡିବା ବନ୍ଦ କରିଥାଏ । ଏହା କେଶକୁ ଉତ୍ତମ ପୋଷଣ ଦେବା ସହ ଚମକ ଆଣିଥାଏ ।

ଚନ୍ଦନର ଛାଲି, କାଠ ଏବଂ ତୈଳ ଔଷଧ ପାଇଁ ବ୍ୟବହାର କରାଯାଇଥାଏ । ଚନ୍ଦନକାଠିରେ ଥିବା ଆଣ୍ଟିମାଇକ୍ରୋବିୟାଲ୍ ତତ୍ତ୍ୱ ଖାଦ୍ୟନଳୀରେ ସଂକ୍ରମଣ ଏବଂ ଆଉକିଛି ଆଭ୍ୟନ୍ତରୀଣ ସମସ୍ୟାକୁ ଦୂର କରେ ।

ଜନନାଙ୍ଗ, ମୂତ୍ରାଶୟ ସଂକ୍ରମଣରେ ଏହା ଆଣ୍ଟିସେପ୍ଟିକ୍ ଭଳି କାର୍ଯ୍ୟ କରେ । ଗନେରିଆ ପରି ଯୌନ ସଂକ୍ରମଣକୁ ଏହା ଆରୋଗ୍ୟ କରେ ।

ସିଧାସଳଖ ଚନ୍ଦନକୁ ଘୋରି ଲଗାଇବା ତ୍ୱଚା ପାଇଁ ଲାଭଦାୟକ । ଅତ୍ୟଧିକ ଗରମ ପଡିଥିଲେ ଚନ୍ଦନ ଲଗାଇବା ଦ୍ୱାରା ଆରାମ ମିଳେ । ଚନ୍ଦନର ପାଉଡ଼ର ନିୟମିତ ବ୍ୟବହାର ଦ୍ୱାରା ତ୍ୱଚା ସୁସ୍ଥ ରହେ ।



ଉଚ୍ଚ ରକ୍ତଚାପ, ମାନସିକ ଚାପକୁ ନିୟନ୍ତ୍ରଣକୁ ଆଣେ ଚନ୍ଦନର ଏସେନସିଆଲ ଅଏଲ । ଏହା କ୍ଷତକୁ ଭଲ କରେ । ତେବେ ଏହି ତେଲକୁ ସିଧାସଳଖ ବ୍ୟବହାର ନ କରି ଅନ୍ୟ ତେଲରେ ଏହାକୁ ସାମାନ୍ୟ ମାତ୍ରାରେ ମିଶାଇ ବ୍ୟବହାର କରିବା ଭଲ । ଚନ୍ଦନରେ ଆଣ୍ଟିସ୍ପାସମୋଡିକ ତତ୍ତ୍ୱ ରହିଥିବାରୁ ଏହା ସ୍ନାୟୁ ମାଂସପେଶୀ ଆଦିକୁ ଆରାମ ଦେଇଥାଏ । ଦାନ୍ତର ମାଢ଼ିକୁ ଏହା ଶକ୍ତ ରଖେ, ଦନ୍ତକ୍ଷୟକୁ ରୋକିଥାଏ । କାଶ ରୋଗକୁ ଭଲ କରେ ।

ପିଲାମାନଙ୍କ ପାଇଁ ଚନ୍ଦନ ସ୍ୱାସ୍ଥ୍ୟବର୍ଦ୍ଧକ ଟନିକର କାମ କରିଥାଏ । ଦୁର୍ଗନ୍ଧ ନିବାରକ ଭାବେ ବ୍ୟବହାର କରାଯାଉଥିବା ଚନ୍ଦନକୁ ଅନ୍ୟ ସୁଗନ୍ଧିତ ଦ୍ରବ୍ୟ ପ୍ରସ୍ତୁତିରେ ମଧ ବ୍ୟବହାର କରାଯାଏ ।

ଆରୋମା ଥେରାପି ବା ସୁଗନ୍ଧି ଚିକିତ୍ସାରେ ଚନ୍ଦନ ତୈଳକୁ ବ୍ୟବହାର କରାଯାଇଥାଏ । ଶାରୀରିକ ଓ ମାନସିକ କ୍ଲାନ୍ତିକୁ ଏହା ଦୂରକରେ । ଏହି ତୈଳରୁ ମିଳୁଥିବା ବିଭିନ୍ନ ପ୍ରାକୃତିକ ତତ୍ତ୍ୱ ମସ୍ତିଷ୍କରେ ସିରୋଟୋନିକ୍ ପ୍ରସ୍ତୁତ କରିଥାଏ । ଏହାଦ୍ୱାରା ଦୁଶ୍ଚିନ୍ତା ଦୂର ହେବା ସହ ସକାରାତ୍ମକ ଭାବନା ସୃଷ୍ଟି ହୁଏ ।

ଦାନ୍ତ ବିନ୍ଧା ହେଉଥିଲେ ଲବଙ୍ଗତେଲ ପରି ଚନ୍ଦନ ତେଲ ମଧ ଯନ୍ତ୍ରଣା ନିବାରକ ଭାବେ କାର୍ଯ୍ୟ କରିଥାଏ । କେବଳ ସେତିକି ନୁହେଁ ଏହା ଦାନ୍ତର ମାଢ଼ିକୁ ମଧ ଶକ୍ତ କରିଥାଏ । ସେଥିପାଇଁ ବିଭିନ୍ନ ପ୍ରକାର ଦନ୍ତମଞ୍ଜନରେ ଚନ୍ଦନର ବ୍ୟବହାର ହୋଇଥାଏ ।

ଚନ୍ଦନ ଘୋରି ଶରୀରରେ ଲଗାଇବା ଦ୍ୱାରା ଏହା ଦେହରୁ ଝାଳ ବୋହିବା କମ୍ କରିଦିଏ । ଏହାଦ୍ୱାରା ଶରୀରରୁ ଦୁର୍ଗନ୍ଧ ଦୂର ହୁଏ ।

ଦୁଇଚାମଚ ବାଦାମ ତେଲ, ପାଞ୍ଚ ଚାମଚ ନଡିଆ ତେଲ ଏବଂ ଚାରି ଚାମଚ ଚନ୍ଦନ ପାଉଡର ଏସବୁକୁ ମିଶାଇ ଏକ ପେଷ୍ଟ ପ୍ରସ୍ତୁତ କରନ୍ତୁ । ଏହି ପେଷ୍ଟ ତ୍ୱଚାରେ ଲଗାନ୍ତୁ । ଏହା ତ୍ୱଚାରୁ କଳାପଣ ଦୂର କରିବା ସହ ଏକ ଚମକ ଆଣିଥାଏ ।

ତେବେ ଚନ୍ଦନର ଉପଯୁକ୍ତ ବ୍ୟବହାର ବିନା ଏହା ଲାଭ ଦେବା ବଦଳରେ କେତେକ ସମସ୍ୟା ସୃଷ୍ଟି କରିଥାଏ । ଉପଯୁକ୍ତ ବୈଦ୍ୟଙ୍କ ପରାମର୍ଶ ନେଇ ଏହାର କେତେକ ପ୍ରୟୋଗ କରାଯିବା ଦରକାର ।

## ସଂକ୍ରମଣରୁ ରକ୍ଷା କରେ ହଳଦୀ

ଆମ ରାଜ୍ୟରେ ଦୁଇ ପ୍ରକାର ହଳଦୀ ଦେଖାଯାଏ । ଦେଶୀ ବା ଓଡ଼ିଶୀ ହଳଦୀ । କିନ୍ତୁ ବୈଦ୍ୟଶାସ୍ତ୍ର ମତରେ ହଳଦୀ ୪ ପ୍ରକାର । ସାଧାରଣ ହଳଦୀ, କର୍ପୂର ହଳଦୀ, ବନ ହଳଦୀ ଓ ଦାରୁ ହଳଦୀ । ଭାରତୀୟ ବ୍ୟଞ୍ଜନରେ ହଳଦୀ ଅପରିହାର୍ଯ୍ୟ । ଏପରିକି ପ୍ରତ୍ୟେକ ଶୁଭ କାର୍ଯ୍ୟରେ ମଧ ହଳଦୀର ଉପସ୍ଥିତି ନିହାତି ଜରୁରୀ । ହଳଦୀ ଯେ କେବଳ ସ୍ୱାଦ ବା ଶୁଭ ପାଇଁ ଗ୍ରହଣୀୟ ତା ନୁହେଁ । ଏହା ବିଭିନ୍ନ ପ୍ରକାର ସଂକ୍ରମଣରୁ ଶରୀରକୁ ରକ୍ଷା କରିଥାଏ । ହଳଦୀରେ ରୋଗ ପ୍ରତିରୋଧକ ଉପାଦାନ ରହିଛରି । ହଳଦୀରେ ଥିବା ତତ୍ତ୍ୱ କରକ୍ୟୁମିନ୍ କାରଣରୁ କ୍ୟାଥେଲି ସାଇଡିନ୍ ଆଣ୍ଟି ମାଇକ୍ରୋବାୟଲ ପେପ୍‌ଟାଇଡ୍ (ସିଏଏମ୍‌ପି) ନାମକ ପ୍ରୋଟିନ୍‌ର ମାତ୍ରା ବୃଦ୍ଧି ପାଇଥାଏ । ଏହି ପ୍ରୋଟିନ୍ ଶରୀରର ରୋଗ ପ୍ରତିରୋଧକ କ୍ଷମତା ବଢ଼ାଏ । ଫଳରେ ଶରୀର ଜୀବାଣୁ ଏବଂ ଭୂତାଣୁ ସଂକ୍ରମଣରୁ ରକ୍ଷା ପାଇପାରେ । ସାଧାରଣତଃ ଖାଦ୍ୟରେ କରକ୍ୟୁମିନ୍‌ର ମାତ୍ରା ଖୁବ୍ କମ୍ ଥିଲେ ମଧ ଏହା ଖାଇବା ସ୍ୱାସ୍ଥ୍ୟ ପକ୍ଷେ ହିତକାରୀ । ବିଶେଷ କରି ଏହି ତତ୍ତ୍ୱ । ଅନ୍ତନଳୀରେ ସଂକ୍ରମଣ ରୋକିଥାଏ । ତେଣୁ ହଳଦୀ କେବଳ ଖାଦ୍ୟକୁ ସ୍ୱାଦିଷ୍ଟ କରେ ନାହିଁ, ଶରୀରର ପ୍ରତିରକ୍ଷା ମଧ ମଜବୁତ କରିଥାଏ ।



## ଆପଣ ଜାଣନ୍ତି କି ?

- 'ଏଲିଫ୍ୟାଣ୍ଟ ସ୍ରିଉ' ମୂଷା ଭଳି ଦେଖାଯାଉଥିବା ଏକ ପ୍ରକାରର ଜୀବ ।
- ଏମାନେ ମୁଖ୍ୟତଃ ଆଫ୍ରିକାରେ ଦେଖାଯାଆନ୍ତି ।
- ଏହି ଜୀବଟି 'ସେଙ୍ଗିସ୍' ନାମରେ ମଧ ଜଣାଯାଏ ।
- ଏଲିଫ୍ୟାଣ୍ଟ ସ୍ରିଉର ମୁଣ୍ଡଟି ଗୋଲିଆ ହୋଇ ନାକଟି ଶୁଣ୍ଢ ଭଳି ବଙ୍କା ରହିଥିବାରୁ ଏପରି ନାମକରଣ କରାଯାଇଛି ।
- ଏହି ଜୀବଟିର ଶରୀରର ଆକାର ଯେତିକି ତା'ର ଲାଙ୍ଗୁଡର ଆକାର ତା'ଠାରୁ ଅଧିକ । ତା' ଶରୀରର ଆକାର ଅତିବେଶିରେ ୧୦-୧୨ ସେମି ହୋଇଥିବା ବେଳେ ଲାଞ୍ଜଟି ୧୩-୧୪ ସେମି ପର୍ଯ୍ୟନ୍ତ ବଢ଼ିପାରେ ।
- ଏହାର ଆଗ ଗୋଡ ତୁଳନାରେ ପଛ ଗୋଡ ଅପେକ୍ଷାକୃତ ବଡ଼ ଥାଏ । ଯାହା ଫଳରେ ସେ ସହଜରେ ଦୌଡିପାରେ ଓ ଡିଆଁ ମଧ ମାରିପାରେ ।
- ଏକ ବର୍ଷ ମଧରେ ଏହି ଜୀବଟି ୪-୫ ଥର ଛୁଆ ଜନ୍ମ କରିଥାଏ । ଏମାନେ ୫୬ ଦିନ ପାଇଁ ଗର୍ଭଧାରଣ କରନ୍ତି ଓ ୧-୨ଟି ଛୁଆ ଜନ୍ମ କରିଥାନ୍ତି ।
- ଜନ୍ମିତ ଛୁଆଙ୍କୁ ୨ ସପ୍ତାହ ପର୍ଯ୍ୟନ୍ତ ସେ ଲୁଚାଇ ରଖିଥାଏ । ଛୁଆଟି ଜନ୍ମହେବା ସମୟରେ ତା'ର ଆଖି ଖୋଲାଥାଏ ।
- ଏପରି ଛୁଆଟି ମଧ ଜନ୍ମହେବାର ୪୩ ଦିନ ପରେ ଗର୍ଭଧାରଣ କରିପାରେ ।
- ଶତ୍ରୁମାନଙ୍କ କବଳରୁ ନିଜକୁ ରକ୍ଷା କରିବା ପାଇଁ ପଥର ସନ୍ଧିରେ ବା ବୁଦା ମଧରେ ଲୁଚିଯାଆନ୍ତି । ଏମାନେ ମଧ ଅତି ସହଜରେ ଓ ଖୁବ୍ ଶୀଘ୍ର ଗାତ ଖୋଳି ସେଥିରେ ଲୁଚି ଯାଆନ୍ତି ।

## କହିପାରିବେ କି ?

୧) ଓଡ଼ିଶାର ପ୍ରଥମ ଅନ୍ତର୍ଜାତୀୟ କ୍ରିକେଟ ଅମ୍ପାୟାରଙ୍କ ନାମ କ'ଣ ?
(୨) ଭାରତର ପ୍ରଥମ ଗୃହମନ୍ତ୍ରୀ କିଏ ?
(୩) ଭାରତରେ ଗୋଳା ବାରୁଦର ବ୍ୟବହାର ପ୍ରଥମେ କିଏ ଆରମ୍ଭ କରିଥିଲେ ?
(୪) କଲର ଫଟୋଗ୍ରାଫି କିଏ ଉଦ୍ଭାବନ କରିଥିଲେ ?
(୫) ମନ୍ଦୋଦରୀଙ୍କ ପିତାଙ୍କ ନାମ କ'ଣ ?
(୬) ବ୍ୟାଙ୍କକୁ ଓଡ଼ିଆରେ କ'ଣ କୁହାଯାଏ ?
(୭) ଆହେ ଦୟାମୟ ବିଶ୍ୱବିହାରୀ ପ୍ରାର୍ଥନାର ରଚୟିତା କିଏ ?
(୮) ଚୀନ୍‌ର ଦୁଃଖ କାହାକୁ କୁହାଯାଏ ?
(୯) କେଉଁ ବର୍ଷ କିଷାନ୍ କ୍ରେଡିଟ୍ କାର୍ଡ ଯୋଜନା ଆରମ୍ଭ ହୋଇଥିଲା ?
(୧୦) ବିଶ୍ୱର ସବୁଠୁ ବଡ଼ ଫୁଲର ନାମ କ'ଣ ?

**JUMBLE WORDS**

| | | | | | |
|---|---|---|---|---|---|
| 1) BANCI | = | | 6) NYADH | = | |
| 2) BTEAA | = | | 7) SUCINO | = | |
| 3) SABHUM | = | | 8) CRAAED | = | |
| 4) HYIHLG | = | | 9) DUEES | = | |
| 5) DHIWT | = | | 10) SSLAA | = | |

ଏହି ସମସ୍ତ ପ୍ରଶ୍ନର ଉତ୍ତର ସଂପାଦକ, "ସ୍ୱୀକାର", ଲେବର କଲୋନୀ ମୁଦିପଡ଼ା, ସମ୍ବଲପୁରଙ୍କ ଠିକଣାରେ ପଠାଇବାକୁ ଅନୁରୋଧ । ସମସ୍ତଙ୍କ ଜାଣିବା ପାଇଁ ସମସ୍ତ ପ୍ରଶ୍ନର ଉତ୍ତର ଆସନ୍ତା ସଂଖ୍ୟାରେ ଦିଆଯିବ ।

**ଗତ ସଂଖ୍ୟାର କହିପାରିବେ କି ? ର ଉତ୍ତର :-**

୧.Yoga for well being, ୨.ହାଇଗ୍ରୋ ମିଟର, ୩. ବାଲ ଗଙ୍ଗାଧର ତିଲକ, ୪. ଆସାମ, ୫.ଚର୍ଚ୍ଚିଲ, ୬. ଭେନେଜୁଏଲା, ୭. ୧୯୫୦, ୮. ମହାତ୍ମା ଗାନ୍ଧୀ, ୯. ବାରାକ ଓବାମା, ୧୦. ପିନାକ ।

***Jumble Words* ର ଉତ୍ତର :-**

(1) THREW (2) EAGLE (3) INHALE (4) DIVINE (5) FUSSY (6) CREEK (7) CONFER (8) UNSURE (9) ROBIN (10) CRANK

## ଭାରତରେ ଫେସବୁକ... ଷଷ୍ଠ ପୃଷ୍ଠାର ଅବଶିଷ୍ଟାଂଶ

ପାରମ୍ପରିକ ଗଣମାଧ୍ୟମରେ ସମସ୍ତ ନାଗରିକଙ୍କ ପାଇଁ ସମ ଅଧିକାର ରହିଥିଲେ ହେଁ ବାସ୍ତବ କ୍ଷେତ୍ରରେ ଗଣମାଧ୍ୟମ ମଞ୍ଚ ନିର୍ମାଣ ଓ ପରିଚାଳନାରେ ବିପୁଳ ନିବେଶ ସମସ୍ତଙ୍କ ଯୋଗାଯୋଗ ଆକାଂକ୍ଷା ପୂରଣ କରିପାରୁ ନ ଥିଲା । ତେବେ ସୋସିଆଲ ମିଡ଼ିଆ ମଞ୍ଚ ସେହି ପରିବେଶର ବିକଳ୍ପ ସୃଷ୍ଟିରେ ସକ୍ଷମ ହୋଇପାରିଛି ।

ଚତୁର୍ଥତଃ, ଫେସବୁକ ତଥା ଅନ୍ୟାନ୍ୟ ସୋସିଆଲ ମିଡ଼ିଆ ମଞ୍ଚରେ ଉପଭୋକ୍ତାଗଣ ନିଜ ରୁଚି ଅନୁଯାୟୀ ପ୍ରକାଶକ ତଥା ପାଠକ, ଶ୍ରୋତା ଓ ଦର୍ଶକ ନିର୍ବାଚନ କରି ସେମାନଙ୍କ ଦ୍ୱାରା ପ୍ରସାରିତ ସମ୍ବାଦ, ଅଭିମତ ଓ ଅଭିଜ୍ଞତା ସଂସ୍ପର୍ଶରେ ଆବଦ୍ଧ ରହନ୍ତି । ଏକପକ୍ଷରେ ଏହି ପରିବେଶରେ ଦୈନିକ ଭିତ୍ତିରେ ଦୀର୍ଘକାଳ ଅତିବାହିତ କରୁଥିବା ସ୍ଥଳେ ଅପରପକ୍ଷରେ ବିକଳ୍ପ ପରିବେଶର ଧାର ହିଁ ମାଡ଼ନ୍ତି ନାହିଁ । ଫଳରେ ନିର୍ବାଚିତ ଏକକ ମତବାଦ 'ଫିଲଟର-ବବୁଲ'ରେ ମାନସପଟ ପ୍ରତିଧ୍ୱନିତ 'ଇକୋ-ଚେମ୍ବର' ହୋଇଥାଏ । ମନୋବୈଜ୍ଞାନିକ ଦୃଷ୍ଟିକୋଣରୁ ଏହି ଧରଣର ଅଭ୍ୟାସ ପ୍ରସାରଣ ମଞ୍ଚ ପ୍ରତି ମାତ୍ରାଧିକ ଅନୁଗତ୍ୟର କାରଣ ପାଲଟି ଯାଏ । ପ୍ରଭାତରେ ଶଯ୍ୟା ତ୍ୟାଗ ପରେ ପ୍ରଥମେ 'ଫେସବୁକ' ବ୍ରାଉଜ କରିବା ତଥା ରାତିରେ ଶୋଇବା ପୂର୍ବରୁ ଫେସବୁକ ବ୍ରାଉଜ କରିବା ଅଭ୍ୟାସର ଉଦାହରଣର ଅଭାବ ନଥାଏ । 'ଫେସବୁକ'ର ମାଦକତାରେ ବିମୋହିତ ହେବା ଦ୍ୱାରା ବ୍ରାଉଜିଂ ଅଭିଜ୍ଞତା ଦୈନନ୍ଦିନ ଜୀବନର ଏକ ଅବିଚ୍ଛିନ୍ନ ଅଙ୍ଗରେ ପରିଣତ ହୁଏ ।

ପଞ୍ଚମତଃ, 'ଫେସବୁକ' ମଞ୍ଚ ପକ୍ଷରୁ ପ୍ରତ୍ୟେକ ଉପଭୋକ୍ତାଙ୍କ ଏକାଉଣ୍ଟରେ ପ୍ରଦର୍ଶନ ନିମନ୍ତେ ପୋଷ୍ଟ ଚୟନ କ୍ଷେତ୍ରରେ କୃତ୍ରିମ ବୁଦ୍ଧିମତ୍ତା 'ଆର୍ଟିଫିସିଆଲ ଇଣ୍ଟେଲିଜେନ୍ସ' ଭଳି ଉନ୍ନତ ବୈଷୟିକ କୌଶଳ ବ୍ୟବହାର ସ୍ଥଳ ବିଶେଷରେ ଉପଭୋକ୍ତାଙ୍କୁ ପ୍ରଭାବିତ କରିବା ନିମନ୍ତେ ଅଭିପ୍ରେତ । ସେହିପରି ମଞ୍ଚରେ ଅସତ୍ୟ ସମ୍ବାଦ, ଅରୁଚିକର ଅଭିମତ ଓ ଉଦ୍ଦେଶ୍ୟ ପ୍ରଣୋଦିତ ବିଷୟବସ୍ତୁ ପ୍ରଦର୍ଶନ ମୁକ୍ତ ଯୋଗାଯୋଗ କ୍ଷେତ୍ରରେ ପ୍ରତିବନ୍ଧକ ସୃଷ୍ଟି କରିପାରେ । ଯୁକ୍ତରାଷ୍ଟ୍ର ଆମେରିକାରେ 'ଫେସବୁକ' ମଞ୍ଚରେ ରାଜନୀତିକ ଅଭିସନ୍ଧିଠାରୁ ଆରମ୍ଭ କରି କୋଭିଡ଼ ପ୍ରତିଷେଧକ ଟିକାକୁ ବିରୋଧ ଭଳି ଅଭିଯାନ ଆୟୋଜନ ଉଦାହରଣ ସାମାଜିକ ବିଶୃଙ୍ଖଳା ସୃଷ୍ଟିରେ ସୋସିଆଲ ମିଡ଼ିଆର ଭୂମିକା ପ୍ରତି ପ୍ରଶ୍ନବାଚୀ ସୃଷ୍ଟି କରିଥାଏ ।

ଭାରତରେ କେନ୍ଦ୍ର ସରକାରଙ୍କ ସୂଚନା ଓ ପ୍ରସାରଣ ମନ୍ତ୍ରଣାଳୟ ପ୍ରବର୍ତ୍ତିତ 'ନୂତନ ଡ଼ିଜିଟାଲ ମିଡ଼ିଆ ନିୟମ ୨୦୨୧' ଅନୁପାଳନରେ 'ଫେସବୁକ' ପକ୍ଷରୁ ପ୍ରଥମ ମାସିକ ବିବରଣୀ ଜୁଲାଇ ମଧ୍ୟଭାଗରେ ପ୍ରକାଶିତ ହୋଇଥିଲା । ଜନସାଧାରଣଙ୍କ ଅଭିଯୋଗ ମୀମାଂସା ଉପକ୍ରମରେ ମେ' ୧୫ରୁ ଜୁନ ୧୫ ମାସକ ମଧ୍ୟରେ ମଞ୍ଚ ୬୪୬ ଗୋଟି ଅଭିଯୋଗ ପାଇଥିବା ଏବଂ ସମସ୍ତ ଅଭିଯୋଗର ତଦନ୍ତ କରାଯାଇ କାର୍ଯ୍ୟାନୁଷ୍ଠାନ ଗ୍ରହଣ କରାଯାଇଥିବା ବିବରଣୀରେ ଦର୍ଶାଯାଇଥିଲା । ପ୍ରାପ୍ତ ଅଭିଯୋଗ ଗୁଡ଼ିକ ମୁଖ୍ୟତଃ ଗାଳିମନ୍ଦ, ନଗ୍ନତା ଓ ନକଲି ବ୍ୟକ୍ତିତ୍ୱ 'ଫେକ- ପ୍ରୋଫାଇଲ' ପର୍ଯ୍ୟାୟଭୁକ୍ତ ଥିଲା । ଏତଦ୍ ବ୍ୟତୀତ ମଞ୍ଚ ପକ୍ଷରୁ ସାଧାରଣ ଭାବେ 'ଫେସବୁକ'ରେ ପ୍ରକାଶିତ ପାଠ୍ୟ ଅନୁଧ୍ୟାନ କରି ଦଶଗୋଟି ଆପତ୍ତିମୂଳକ ଶ୍ରେଣୀର ପ୍ରକାଶନ ହଟାଇ ଦିଆଯାଇଥାଏ । ଏଥିଲାଗି ମୁଖ୍ୟତଃ ଯାନ୍ତ୍ରିକ ଅନୁଶୀଳନ ବ୍ୟବସ୍ଥା ବ୍ୟବହୃତ । ଆଲୋଚ୍ୟ ସମୟସୀମା ମାସକ ମଧ୍ୟରେ ପ୍ରାୟ ତିନି କୋଟି ପାଠ୍ୟ ଅପସାରଣ କରାଯାଇଥିବା ମଧ୍ୟ 'ଫେସବୁକ' ପକ୍ଷରୁ ସୂଚନା ଦିଆଯାଇଥିଲା ।

ଭାରତ ସମେତ ପୂର୍ବ-ଏସୀୟ ରାଷ୍ଟ୍ରଗୁଡ଼ିକରେ 'ଫେସବୁକ' ସୋସିଆଲ ମିଡ଼ିଆ ପରିସରରେ ସର୍ବାପେକ୍ଷା ଲୋକପ୍ରିୟ ମଞ୍ଚରେ ପରିଣତ ହୋଇଛି । ଇତି ମଧ୍ୟରେ ଅଡ଼ିଓ ଓ ନିଉଜଲେଟର ଭଳି ନୂତନ ବିଭବମାନ ସଂଯୋଗ ମଞ୍ଚକୁ ଅଧିକ ଆକର୍ଷଣୀୟ କରିବା ଆଶା କରାଯାଏ ।

## ଉପକାରୀ ଡାଲଚିନି

ଡାଲଚିନିକୁ ସାଧାରଣତଃ ଏକ ମସଲା ଦ୍ରବ୍ୟ ଭାବେ ବ୍ୟବହାର କରାଯାଇଥାଏ । କିନ୍ତୁ ଏହାର ସେବନ ଦ୍ୱାରା ଶରୀରକୁ କ'ଣ ସବୁ ଉପକାର ମିଳିଥାଏ ସେ ବିଷୟରେ ଅନେକେ ଅଜ୍ଞ ଥାଆନ୍ତି । କୁହାଯାଏ, ପେଟ ଦରଜ ଥିଲେ କିମ୍ବା ବଦହଜମି ଯୋଗୁଁ ଛାତି ଜଳାପୋଡ଼ା ହେଉଥିଲେ ସମାନ ପରିମାଣର ଡାଲଚିନି, ସୁଣ୍ଠି, ଜିରା ଏବଂ ଅଳେଇଚକୁ ନେଇ ତାକୁ ଭଲ ଭାବେ ଗୁଣ୍ଡ କରି ଗରମ ପାଣି ସହ ସେବନ କଲେ ଏ ସମସ୍ୟାରୁ ଶୀଘ୍ର ମୁକ୍ତି ମିଳିଥାଏ ।



ସେହିପରି ଅଳ୍ପ କିଛି ଡାଲଚିନି ଗୁଣ୍ଡକୁ ପାଣିରେ ଫୁଟାଇ ସେଥିରେ କିଛି ଗୋଲମରିଚ ଗୁଣ୍ଡ ଓ ମହୁ ମିଶାଇ ପିଇଲେ ଥଣ୍ଡା, କାଶ ତଥା ତଣ୍ଟି ଗତଗତ ହେବା ସମସ୍ୟାରୁ ଉପଶମ ମିଳିଥାଏ । ପ୍ରସବ ପରେ ଏକ ମାସ ଧରି ପ୍ରତିଦିନ କିଛି କିଛି ଡାଲଚିନି ଚୋବାଇ ଖାଇଲେ ଅସାବଧାନତା ଯୋଗୁଁ ପୁନର୍ବାର ଗର୍ଭଧାରଣ କରିବାର ସମସ୍ୟାରୁ ମୁକ୍ତି ମିଳିଥାଏ ବୋଲି ଅନେକଙ୍କର ବିଶ୍ୱାସ ରହିଛି । ତା'ଛଡା ଡାଲଚିନି ଖାଇବା ଦ୍ୱାରା ମା'ମାନଙ୍କର କ୍ଷୀର ମଧ୍ୟ ଭଲ ହୋଇଥାଏ । ଖାଦ୍ୟର ସ୍ୱାଦ ବଢ଼ାଇବାରେ ମଧ୍ୟ ଡାଲଚିନିର ବିଶେଷ ଭୂମିକା ରହିଥାଏ । ପାଟି ଦୁର୍ଗନ୍ଧ ହେଉଥିଲେ କିମ୍ବା ଦାନ୍ତ ଦରଜ ଥିଲେ ଡାଲଚିନିକୁ ଧୀରେ ଧୀରେ ଚୋବାଇ ଖାଇଲେ ସାମାନ୍ୟ ଉପଶମ ମିଳିଥାଏ ।

## ବାଲିରଥ... ଚତୁର୍ଥ ପୃଷ୍ଠାର ଅବଶିଷ୍ଟାଂଶ

'ସମଗ୍ର ବିଶ୍ୱ ଯାହାର ଆଜ୍ଞାରେ ପରିଚାଳିତ, କମଳା ଯାହାଙ୍କର ପରିଚାରୀ, ଧାତା ଯାହାର ଆଜ୍ଞାକାରୀ, ଦେବଇନ୍ଦ୍ର, ସୁରା ସୁର, ଯକ୍ଷ, ଗନ୍ଧର୍ବ, ନାଗ, ନୃପତି, କ୍ଷିତି ଆକାଶ ଯାହାର ଆଜ୍ଞାରେ ଆତଯାତ । ଯୋଗୀ ମୁନୀ ଯାହାଙ୍କ ଚରଣକୁ ଧ୍ୟାନରେ ଚିନ୍ତା କରନ୍ତି ମୁଁ ଛାର ମାତର ମୋ ଡାକରେ ମୋ ପାଇଁ ଧାଇଁ ଆସିଲେ ଅନ୍ତର୍ଯ୍ୟାମୀ । ଅନ୍ତର ବେଦନା ଜାଣି ପାରିଲେ । ଧନ୍ୟ ପ୍ରଭୁ ତୁମ ଭକ୍ତ ପ୍ରେମ । ଅଯଥା ନ ଜାଣି ମୁଁ କେତେ କଥା ଏ ପାପୀ ତୁଣ୍ଡରେ ଧରିଛି । ମୋତେ କ୍ଷମାକର ।

ପ୍ରଭୁ କହିଲେ- 'ମୁଁ ଯେ ସର୍ବଦା ଅପରାଧୀ, ତୁମ୍ଭେ ଯେ କରୁଣା ବାରିଧି ।' ମୋ ଡାକରେ ଅଶେଷ ସୁଖ ଭୋଗ ଛାଡି ଚାଲି ଆସିଲ ପ୍ରଭୁ ମୁଁ କ'ଣ ଭୁଞ୍ଜିବାକୁ ଦେଇ ପାରିବି ଗୋ ସାଇଁ । ପୁଣି କହିଲେ- 'ମୁଁ ମୂଢ଼ ମନ୍ଦ କାର୍ଯ୍ୟ କଲି । ପ୍ରଭୁଙ୍କୁ ଏ କଷ୍ଟ ବିହିଲି ।' ତା' ଶୁଣି ପ୍ରଭୁ ଭାବଗ୍ରାହୀ ଦାସଙ୍କୁ କୋଳରେ ବସାଇ କହିଲେ- 'ଉତ୍ସବ ମୋର କିସ ହେବ । ମୂଳ ମୋ ଭକତର ଭାବ । ମୋ ପାଇଁ ମୋ ଭକ୍ତ ବଡ଼ । ଭକ୍ତ ବିନା ମୋର ସବୁ ଅସାର । ଉତ୍ସବ ଠାରୁ ଭକ୍ତ ହିଁ ବଡ଼ । ଏକଥା ଶୁଣି ଦାସେ ହୃଦୟ ମଧ୍ୟେ ଚକାସନେ ପ୍ରଭୁଙ୍କୁ ବସାଇ ଆପରାର ଧୈର୍ଯ୍ୟେ ସ୍ତମ୍ଭରେ ମନ ପୁଟ ଡୋରରେ ବାନ୍ଧି ଆନନ୍ଦ ଦାଣ୍ଡରେ ରଥରେ ଚଢ଼ି କଳ୍ପନାର ଦଉଡି ଲଗାଇ, ପ୍ରକୃତି ପଠିଅଷ୍ଟ ଦ୍ୱାରା ରଥ ଟଣାଇଲେ । ସୁବୁଦ୍ଧି ବେତ୍ର ହସ୍ତରେ, ହିଂସା ଦୁର୍ବୁଦ୍ଧି ଦୂରକରି ମହତ ଘଣ୍ଟା ବଜାଇଲେ । ଶବଦ, ଶଙ୍ଖ, ଧ୍ୱନି କଲେ । ପଞ୍ଚ ପରାଣ ବିପ୍ରଗଣ, ସୁବୁଦ୍ଧି ପଣ୍ଡାଙ୍କୁ ଘେନି ପ୍ରଭୁଙ୍କୁ ପୂଜାରେ ବସିଲେ । ଅଶେଷ ଭୋଗ ମନାସିଲେ । ଚଉଦ ବ୍ରହ୍ମାଣ୍ଡ ଯାକର ଯେତେ ସବୁ ଅପୂର୍ବ ଦ୍ରବ୍ୟମାନ ଶ୍ରୀଛାମୁଙ୍କ ପାଖରେ ଠୁଳକରି କଳ୍ପନାର ପୂଜା କଲେ । କ୍ରୋଧ- କୁଟ- କପଟ- ମିଥ୍ୟା- ଲୋଭ- ମଦ- ମତ୍ସର ଏ ସମସ୍ତ ସ୍ୱଭାବକୁ ଦୂର କରି ଶ୍ରୀମୁଖକୁ ଧ୍ୟାନ କରି ସଂସାର ଲୋଭ ପରିତ୍ୟାଗ କରି ଦିବାରାତ୍ରି ଭୋକ ଉପାସ ନ ଜାଣି କେବଳ ଏକାଗ୍ର ଚିତ୍ତରେ ଭବସାଗରରେ ବୁଡି ଦାରୁବ୍ରହ୍ମଙ୍କୁ ଭଜିଲେ ।

ଏମନ୍ତ ଭାବ ଦେଖି । ସେ ଭାବେ ବନ୍ଧନ ଶ୍ରୀ ହରି ।



ଏ ଭଳି ଭକ୍ତ ଭାବରେ ବାନ୍ଧି ହୋଇ ଠାକୁର ବନ୍ଧନ ଫିଟାଇ ପାରିଲେ ନାହିଁ । ଦାସଙ୍କ ଭାବ ବନ୍ଧନରେ ବାନ୍ଧି ହୋଇ ଆଉ ଯାଇ ପାରିଲେ ନାହିଁ ବଡ଼ ଠାକୁର ବଡ ରଥକୁ ।

ଶ୍ରୀକ୍ଷେତ୍ର ବଡ଼ଦାଣ୍ଡରେ ରଥ ଆଉ ଚଳିଲା ନାହିଁ । ଯିଏ ଯେତେ ଚେଷ୍ଟା କଲେ ରଥ ଘୁଞ୍ଚିଲା ନାହିଁ । ଏହା ଦେଖି ନୃପତିଙ୍କ ଭାଳେଣି ପଡିଲା । ଶେଷରେ ଶହ ଶହ ମତ୍ତଗଜ ହାତୀ ମଧ୍ୟ ରଥକୁ ହଲାଇ ପାରିଲେ ନାହିଁ । ଏଣେ ପ୍ରତାପ ରୁଦ୍ର ରାଜା ନାନା ମତେ ପୂଜା କରି ନିଜେ ଦଉଡି ଧରିଲେ । ହେଲେବି ରଥ ଟିକିଏ ବି ହଲଚଲ ହେଲା ନାହିଁ । ଏପରି ହେବାର କାରଣ ଖୋଜି ବସିଲେ ରାଜା । ଶେଷରେ ନିରୁପାୟ ହୋଇ ଅବସାଦ ମନରେ କୁଶାସନରେ ପ୍ରଭୁଙ୍କୁ ସ୍ମରଣ କରି ଶୟନ କଲେ । ତତକ୍ଷଣେ ଜାଣି ପାରିଲେ ଅନ୍ତର୍ଯ୍ୟାମୀ । ସେ ସ୍ୱପ୍ନରେ ରାଜାଙ୍କୁ କହିଲେ- 'ହେ ପ୍ରିୟ ରାଜନ ମୁଁ ଯାହା କହୁଛି ମନ ଦେଇ ଶୁଣ । ମୁଁ ସର୍ବଦା ମୋର ଭକ୍ତଙ୍କ ଅଧୀନ । ଯେଉଁ ଜନ ମୋ ନାମ ଶ୍ରଦ୍ଧାରେ ନିର୍ବିକାର ଭାବେ ଗାନ କରେ ସେ କେବେ ଅଶୁଚି ନୁହେଁ । ସେ ସର୍ବଦା ଶୁଚିମନ୍ତ । ଅପବିତ୍ର ନୁହେଁ ତା ଶରୀର ପବିତ୍ର । ମୋ ଭକ୍ତ ବଳରାମ ହରଷେ ମୋ ପାଖକୁ ଆସିଥିଲା । କିନ୍ତୁ ଅଶଉଚ କହି ନାନା କଟୁ ଭାଷାରେ ତିରସ୍କାର କରି, ଗାଳି ମାଡ ଦେଇ ମୋ ସମ୍ମୁଖରୁ ତାକୁ ଧକ୍କା ଦେଇ ବିଦା କରିଦେଲ । ସେ ଅଭିମାନ କରି ଅତ୍ୟନ୍ତ ଦୁଃଖୀ ମନରେ ମୋତେ ଚିନ୍ତାତୀର୍ଥେ ଯାଇ ଚିନ୍ତା କଲା । ଦୁଃଖୀ ଜଣାଇଲା । ତାହା ଜାଣି ଆମ୍ଭେ ଯାଇ ଭକତ ପାଶରେ ଉଭାହେଲୁ । ସେ ଯେଉଁ ପ୍ରକାରେ ମୋତେ ପୂଜା କଲା ଯେଉଁ ପ୍ରକାରେ ଯାତ୍ରା କଲା, ତାହା ଦେଖି ଅଗୋଚର । ତୁମେ ତାର ଭାବ କାହୁଁ ଜାଣିବ । ତେଣୁ ତାର ଭାବରେ ବାନ୍ଧି ହୋଇ ମୁଁ ଏଇଠାରେ ଅଛି । ତୁମେ ତ ଜାଣ- 'ଭକତ ମୋର ଭିନ୍ନ ଭିନ୍ନ । କେବେ ହେଁ ନୁହେଁ ହେ ରାଜନ । ଭକତ ରକ୍ଷଣ ନିମନ୍ତେ । ଚକ୍ର ମୁଁ ଧରି ଅଛି ହସ୍ତେ । ଏଣୁ ହେ ରାଜନ ମୁଁ ଭକତର ଭକ୍ତି ଡୋରୀରେ ବନ୍ଧା । ମୋର ଏହି ନିଷ୍ପାପ, ସରଳ ଭକ୍ତ ମୋ ହୃଦୟକୁ ବଶୀଭୂତ କରିଛି । ତାକୁ ଉପେକ୍ଷା କରି ମୁଁ ଯାଇ ପାରିବିନି । ଯେବେ ମୋତେ ନନ୍ଦିଘୋଷ ରଥରେ ବସାଇ ମୋର ଯାତ୍ରା କରିବୁ ତେବେ ତୁ ମୋ ନିର୍ଦ୍ଦେଶରେ କାମ କର । ଯେଉଁମାନେ ମୋ ଭକ୍ତକୁ ଅକାରଣରେ ଦଣ୍ଡ ଦେଇଛନ୍ତି ସେଇମାନଙ୍କୁ ଡକାଇ କ୍ଷମା ମଗାଇବୁ । ତାପରେ ସସମ୍ମାନେ ତାକୁ କୋଳରେ ବସାଇ ପାଟ ଶାଢ଼ୀ ମଥାରେ ପିନ୍ଧାଇ ନନ୍ଦିଘୋଷ ରଥେ ବସାଇ ଯାତ୍ରା କରିବୁ ତେବେ ମୋ ରଥ ଆଗକୁ ଯିବ । ଭକ୍ତର ଭାବ ବନ୍ଧନରୁ ମୁକୁଳିବି । ମୁଁ ପରା ସର୍ବଦା ଭକ୍ତର ଅଧୀନ । ଭକ୍ତ ଯେଉଁପରି ଯେଉଁଭାବେ, ଯେଉଁଠିକୁ ଡାକେ ମୁଁ ସେହିପରି ସେହିଭାବେ ପହଞ୍ଚି ଯାଏ । 'ଭକତ ଯିବ ମୋର ଯେଣେ । ମୁହିଁ ନିଶ୍ଚୟ ଯିବି ତେଣେ ।

ଏ କଥା ସତ୍ୟ ମହୀପାଳ । କହି ଚଳିଲେ ଆଦିମୂଳ ।

ଏମନ୍ତ ଆଜ୍ଞା ପାଇ ନିର୍ଦ୍ଦେଶକ୍ରମେ ରାଜା ଆଉ କ୍ଷଣେବି ରହି ପାରିଲେ ନାହିଁ । ତତକ୍ଷଣାତ ସେବକ ମାନଙ୍କୁ ଡକାଇ ଅପରାଧୀଙ୍କୁ ବାନ୍ଧି ଧକ୍କା ଦେଇ ନେଇ ଗଲେ ବଳରାମ ଦାସ ନିକଟକୁ । ଛାମୁକୁ ଭେଟି ତାଙ୍କ ଚରଣରେ ଲୋଟିଗଲେ । ନିଜ ନିଜର ଦୋଷ ସ୍ୱୀକାର କରି ଅପ୍ରାଧ କ୍ରମେ ଶାସ୍ତି ପାଇଲେ । ଦାସଙ୍କୁ ଧନ୍ୟ ଧନ୍ୟ କହି ମଧୁର ବଚନେ କୋଳରେ ବସାଇଲେ । ଧନ, ବସନ ଦେଇ ଅଶ୍ୱ ପିଠିରେ ବସାଇ ଅନେକ ଉତ୍ସବ କରି ପାଛୋଟି ନେଇ ନନ୍ଦିଘୋଷ ରଥରେ ପ୍ରଭୁଙ୍କ ନିର୍ଦ୍ଦେଶ କ୍ରମେ ବସାଇଲେ । ଏସବୁ ଦେଖି ସମସ୍ତ ଦୁଃଖ କଷ୍ଟ ମାନ ଅଭିମାନ ଗାଳି ମାଡ ନିମିଷକେ ଉଭେଇ ଗଲା ବଳରାମ ଦାସଙ୍କର । ଗଦ ଗଦ କଣ୍ଠରେ ଭାବ ବିହ୍ୱଳ ହୋଇ ପ୍ରଭୁଙ୍କୁ ସ୍ମରଣ କରି କହିଲେ- 'ଏବେ ମୁଁ କହୁଅଛି ତୋତେ । ଭୋ ପ୍ରଭୁ ବିଜେ କର ରଥେ । ତ୍ୱରିତେ ରଥ ଚଳି ଯାଉ । ପ୍ରଭୁ ମହିମା ରହି ଯାଉ । ଏତିକି କହି ଦଉଡି ଝିଙ୍କିବାକୁ ନିର୍ଦ୍ଦେଶିଲେ । ରଥ ଦଉଡି ଓଟାରି ସମସ୍ତେ ଜୟ ଜୟ କରି ବାଦ୍ୟ ବଜାଇ ନନ୍ଦିଘୋଷ ଟାଣି ଗୁଣ୍ଡିଚା ନଗରକୁ ଗଲେ । ସମସ୍ତେ ଦାସଙ୍କୁ କୋଳା ଗ୍ରତ କରି ଧନ୍ୟ ଧନ୍ୟ କଲେ ।

'ବୋଇଲେ ଧନ୍ୟ ତୋ ଜୀବନ । ବଶତୁ କଲୁ ନାରାୟଣ । ପୁଣି ଏବେ ଜାଣିଲୁ- 'ଯେ ସାଧୁ ଜନଙ୍କୁ ଭଜଇ । ସେ ନିଷ୍ଟେ ହରିକୁ ଲଭଇ । ଯେବା ସାଧୁର ଦ୍ରୋହିକରି । ସେ ନିଷ୍ଟେ ଶ୍ରୀ ହରି ବଇରି ।

ଅବସରପ୍ରାପ୍ତ ଶିକ୍ଷକ,
ଭଦ୍ରିମଣ୍ଡପ, ବୁର୍ଲା
ସମ୍ବଲପୁର, ମୋ:
୯୪୩୮୫୯୨୭୬୭

## ଇଚ୍ଛାଶକ୍ତି ଥିଲେ ସଫଳତା.... (ପ୍ରଥମ ପୃଷ୍ଠାର ଅବଶିଷ୍ଟାଂଶ)

କରୋନା କଟକଣା ଏବଂ ତାଲା ବନ୍ଦ ସମୟରେ କୌଣସି ରୋଜଗାର ନ ପାଇ ଇଶାକ ଚିନ୍ତାରେ ଥିବା ବେଳେ ଝାଡ଼ଖଣ୍ଡର ଜନୈକ ୟୁଟ୍ୟୁବର ମନୋଜ ଦେଓଙ୍କ ଭିଡିଓ ତାଙ୍କ ପାଖରେ ଥିବା ଏକ ଛୋଟ ଜିଓ ମୋବାଇଲରେ ଦେଖିଥିଲେ । ଏଥିରୁ ସେ ୟୁଟ୍ୟୁବରୁ ଆୟ କରିବାର ପ୍ରେରଣା ପାଇଥିଲେ । ପରବର୍ତ୍ତୀ ସମୟରେ ସେ ସଞ୍ଚୟ କରିଥିବା କିଛି ଅର୍ଥ ମିଶାଇ ଏକ ଆଣ୍ଡ୍ରଏଡ ମୋବାଇଲ କିଣି ୨୦୨୦ ମାର୍ଚ୍ଚ ୨୬ରେ ସେକିଭଳି ଓ କ'ଣ ଖାଆନ୍ତି ତାହାର ଭିଡିଓ ଅପଲୋଡ କରିଥିଲେ । 'ରାଇସ ଆଣ୍ଡ ଇଣ୍ଡିଆନ୍ ସମ୍ବର ଫାଷ୍ଟ ଇଟିଙ୍ଗ' ନାମରେ ଭିଡିଓ ପୋଷ୍ଟ କରିଥିଲେ । ତାଙ୍କର ଏହି ପ୍ରଥମ ଭିଡିଓକୁ ୪ ଲକ୍ଷ ୯୭ ହଜାର ଲୋକ ଦେଖିଥିଲେ । ଏହାପରେ ଭାତ, ଡାଲି, ଶାଗ କଞ୍ଚା ବିଲାତି ଓ ଲଙ୍କା ଖାଇବାର ଭିଡିଓ ପୋଷ୍ଟ କରିଥିଲେ । ଯାହାକି ଦେଶ ତଥା ଦେଶ ବାହାର ଲୋକଙ୍କୁ ବେଶ ଆକୃଷ୍ଟ କରିଥିଲା । ଫଳରେ ତାଙ୍କର ଏହି ୟୁଟ୍ୟୁବ ଚ୍ୟାନେଲର ଲୋକପ୍ରିୟତା ବଢ଼ିବରେ ଚାଲିଛି । ମାତ୍ର ୧୫ ମାସରେ '୭୨୮'କେ' (୭ ଲକ୍ଷ ୨୮ ହଜାର) ସବସ୍କ୍ରାଇବର ହୋଇଛନ୍ତି । ଏଥିରେ ଆଦିବାସୀ ସମ୍ପ୍ରଦାୟର ପରମ୍ପରା, ଖାଦ୍ୟପେୟ, ଚାଲିଚଳନ, ଚିକେନ, ଜଙ୍ଗଲି ଛତୁ, ବାଉଁଶ କରଡ଼ି ଓ ବିଭିନ୍ନ ପ୍ରକାରର ଶାଗ ପ୍ରସ୍ତୁତି କରି ଖାଇବା ଭିଡିଓ ପୋଷ୍ଟ କରିଛନ୍ତି । ଫଳରେ ତାଙ୍କ ଆକାଉଣ୍ଟକୁ ଲକ୍ଷ ଲକ୍ଷ ଟଙ୍କା ଆସୁଛି । ଆକାଶବାଣୀ ଓ ଦୂରଦର୍ଶନ ସହିତ ବିଭିନ୍ନ ଚ୍ୟାନେଲରେ ପ୍ରଧାନମନ୍ତ୍ରୀଙ୍କ ଦ୍ୱାରା ଇସାକଙ୍କୁ ପ୍ରଶଂସା ସମ୍ପର୍କୀତ ପ୍ରସାରଣ ପରେ ତାଙ୍କ ନିକଟକୁ ବିଭିନ୍ନ ମହଲରୁ ଶୁଭେଚ୍ଛାର ସୁଅ ଛୁଟୁଛି ।

ସୂଚନାଯୋଗ୍ୟ ଝାଙ୍କରପାଲି ପଞ୍ଚାୟତ ବାବୁପାଲି ଗ୍ରାମର ଇସାକ୍ ମୁଣ୍ଡା (୩୫) କୁଲିମଜୁରୀ କରି ପେଟ ପୋଷୁଥିଲେ । ପତ୍ନୀ, ୩ ଝିଅ ଓ ଜଣେ ପୁଅକୁ ନେଇ ତାଙ୍କ ସଂସାର । କୁଲିମଜୁରୀ କରି ଯାହା ରୋଜଗାର କରୁଥିଲେ ସେଥିରେ ୬ ପ୍ରାଣୀ କୁଟୁମ୍ବଙ୍କ ପେଟ ପୁରୁ ନ ଥିଲା । ତେଣୁ ଭଙ୍ଗା ଦଦରା ଘରେ ଏମାନେ ରହି ଆସୁଥିଲେ । କରୋନା ମହାମାରୀ ସମୟରେ କାମଧନ୍ଦା ବନ୍ଦ ଯୋଗୁଁ ସେ ରୋଜଗାର ହରାଇଥିଲେ । କାମଧନ୍ଦା ନପାଇ ମାସମାସ ଧରି ଘରେ ବସି ରହିଥିଲେ । କିଭଳି ପରିବାର ପ୍ରତିପୋଷଣ କରିବେ ସ୍ତ୍ରୀ ସଙ୍ଗୀତା ଓରାମଙ୍କ ସହ ଆଲୋଚନା କରିଥିଲେ । ଘରେ ଥିବା ଛୋଟ ମୋବାଇଲ ଦେଖି ସମୟ ଅତିବାହିତ କରୁଥିଲେ । ଏହି ସମୟରେ ୟୁଟ୍ୟୁବ ଆକାଉଣ୍ଟ ଖୋଲିବା ସମ୍ପର୍କରେ ଜାଣିବାକୁ ପାଇଥିଲେ । ସେଠାରେ ଭିଡିଓ ଅପଲୋଡ କଲେ ରୋଜଗାର ହୋଇ ପାରିବ ବୋଲି ଜାଣିବା ପରେ ତାଙ୍କ ମନରେ ଏକ ନୂତନ ଆଶା ଉଦ୍ରେକ ହୋଇଥିଲା । ସେଥିରେ ସେ ପଖାଳ ଖାଉଥିବାର ଏକ ଭିଡିଓ ପୋଷ୍ଟ କରିଥିଲେ । ଏହା ରାତାରାତି ଭାଇରାଲ ହୋଇଯାଇଥିଲା । ତା ପରଠାରୁ ଆଉ ଇଶାକ୍ ପଛକୁ ଚାହିଁ ନାହାନ୍ତି । ତାଙ୍କ ଚାରି ସନ୍ତାନ ଏବଂ ସ୍ତ୍ରୀ ମଧ ତାଙ୍କର ଭିଡିଓରେ ଆସିଥାନ୍ତି । ଜୁଲାଇ ମାସରେ ୟୁଟ୍ୟୁବରୁ ସେ ପ୍ରଥମ ଆୟ ୩୮ ହଜାର ଏବଂ ଅଗଷ୍ଟ ମାସରେ ୫ ଲକ୍ଷ ଟଙ୍କା ପାଇଥିଲେ । ସେ କହୁଥିବା ସମ୍ବଲପୁରୀ ଭାଷାରେ ଭିଡିଓ ଯୋଗୁଁ ଏହା କମ୍ ଲୋକଙ୍କ ପାଖରେ ପହଞ୍ଚି ପାରୁଛି । ଏହାକୁ ଅଧିକରୁ ଅଧିକ ଲୋକଙ୍କ ପାଖରେ ପହଞ୍ଚାଇବା ଲକ୍ଷ୍ୟରେ ସେ ଖଣ୍ଡି ହିନ୍ଦିରେ ତାଙ୍କ ଭିଡିଓରେ କଥାବାର୍ତ୍ତା କରିଥାନ୍ତି । ଏବେ ତାଙ୍କର ଜୀବନଶୈଳୀ ବଦଳି ସାରିଛି । ତେବେ ଇଚ୍ଛାଶକ୍ତି ଥିଲେ କିଭଳି ସଫଳତା ମିଳେ ତାର ଏକ ସଫଳ ଉଦାହରଣ ହେଉଛନ୍ତି ଇଶାକ୍ ମୁଣ୍ଡା ।

ରାଜ୍ୟପାଳ ଗଣେଶୀ ଲାଲ ଟ୍ୱିଟରରେ ଇଶାକ୍ ମୁଣ୍ଡାଙ୍କୁ ପ୍ରଶଂସା କରିଛନ୍ତି । ରାଜ୍ୟପାଳ ଉଲ୍ଲେଖ କରିଛନ୍ତି ଯେ ଈଶାକ ତାଙ୍କ ଚ୍ୟାନେଲରେ ଆଦିବାସୀ ଜନଜାତିଙ୍କ ଖାଦ୍ୟ ଶୈଳୀ ଏବଂ ସଂସ୍କୃତି ସମ୍ପର୍କରେ ଭିଡିଓ ଅପଲୋଡ୍ କରି ପରିଚିତ ହୋଇ ପାରିଛନ୍ତି । ଦିନେ ଦିନମଜୁରିଆ ଥିବା ଈଶାକ ଏବେ ଇଣ୍ଟରନେଟ ସେନସେସନ ପାଲଟି ଯାଇଛନ୍ତି । ଏହି ଅବସରରେ ରାଜ୍ୟପାଳ ଈଶାକଙ୍କୁ ଶୁଭେଚ୍ଛା ଜଣାଇଛନ୍ତି ।

## ଭିଜିଲାନ୍ସ କର୍ମଚାରୀ କହି ଚୁନ ଲଗାଇଲେ

ସୁବର୍ଣ୍ଣପୁର: ଜିଲ୍ଲା ଚିକିତ୍ସା ଅଧିକାରୀ ଠକାମିର ଶିକାର ହୋଇଛନ୍ତି । ଜିଲ୍ଲା ଚିକିତ୍ସା ଅଧିକାରୀ ଦିଲ୍ଲୀପ କୁମାର ପଣ୍ଡାଙ୍କୁ ବିରାମହାରାଜପୁର ଥାନା ମେଣ୍ଡାମାଲ ଗାଁର ଗଣେଶ ପ୍ରସାଦ ନନ୍ଦ ନାମକ ଯୁବକ ଭିଜିଲାନ୍ସ ଅଧିକାରୀ କହି ଟଙ୍କା ଧାର ମାଗିଥଲେ । ତାଙ୍କ କଥାରେ ପଡି ଜିଲ୍ଲା ଚିକିତ୍ସା ଅଧିକାରୀ ୧ ଲକ୍ଷ ୭୦ ହଜାର ଟଙ୍କା ବିଭିନ୍ନ ସମୟରେ ଦେଇଥିଲେ । କିନ୍ତୁ ଜିଲ୍ଲା ଚିକିତ୍ସା ଅଧିକାରୀ ସେ ମିଛ ଭିଜିଲାନ୍ସ ଅଧିକାରୀ ଜାଣିବା ପରେ ସୋନପୁର ଟାଉନ ଥାନାରେ ସଂପୃକ୍ତ ଯୁବକଙ୍କ ନା ରେ ଲିଖିତ ଅଭିଯୋଗ କରିଛନ୍ତି । ସୋନପୁର ପୋଲିସ ସଂପୃକ୍ତ ଯୁବକକୁ ଥାନାରେ ଆଣି ତଦନ୍ତ କରିଥିଲା । ପରେ ୧ ଲକ୍ଷ ୪୦ ହଜାର ଟଙ୍କା ସି ଡି ଏମ ଓ ଫେରସ୍ତ ପାଇଛନ୍ତି । ଏନେଇ ସୋନପୁର ଥାନାରେ ଏକ ମାମଲା ରୁଜ୍ଜୁ ହୋଇଛି ।

## ଆଶୀର୍ବାଦ ଯୋଜନାର ଅଭିମୁଖୀ କରଣ ବୈଠକ

ସୁବର୍ଣ୍ଣପୁର: ଜିଲ୍ଲା ଶିଶୁ ସୁରକ୍ଷା କମିଟି, ଜିଲ୍ଲା ସ୍ତରୀୟ ଟାକ୍ସଫୋର୍ସ (ବାଲ୍ୟ ବିବାହ) ତଥା ଆଶୀର୍ବାଦ ଯୋଜନା ଆଭିମୁଖୀ କରଣ ବୈଠକ ଜିଲ୍ଲପାଳ ଶ୍ରୀମତୀ ଅବୋଲୀ ସୁନିଲ ନରୱଣେଙ୍କ ଅଧକ୍ଷତାରେ ଅନୁଷ୍ଠିତ ହୋଇଯାଇଛି । ଜିଲ୍ଲାର ଶିଶୁ ମାନଙ୍କ ସୁରକ୍ଷା ଦିଗରେ ଆବଶ୍ୟକ ଯତ୍ନବାନ ହୋଇ ଦଳଗତ ଭାବେ କାର୍ଯ୍ୟ କରିବା ସହିତ ଶିଶୁଙ୍କ ନିମନ୍ତେ ଉଦ୍ଦିଷ୍ଟ ସରକାରଙ୍କ ବିଭିନ୍ନ ଯୋଜନାରେ ଯୋଗ୍ୟ ଶିଶୁଙ୍କୁ ନିଶ୍ଚିତ ସାମିଲ କରିବାକୁ ଜିଲ୍ଲପାଳ ଶ୍ରୀମତୀ ନରୱଣେ ସମ୍ପୃକ୍ତ ଅଧିକାରୀଙ୍କୁ ପରାମର୍ଶ ଦେଇଛନ୍ତି । ସେହିପରି ଜିଲ୍ଲାରେ ବାଲ୍ୟ ବିବାହ ଯେପରି ନ ହେବ ସେଥିପ୍ରତି ଆବଶ୍ୟକ ପଦକ୍ଷେପ ନେବାକୁ ପରାମର୍ଶ ପ୍ରଦାନ କରି ତୃଣମୂଳ ସ୍ତରରେ ବ୍ୟାପକ ସଚେତନତା ସୃଷ୍ଟି କରିବା ସହ ପଞ୍ଚାୟତିରାଜ ପ୍ରତିନିଧିଙ୍କୁ ସାମିଲ କରିବାକୁ ଗୁରୁତ୍ୱାରାପ କରିଛନ୍ତି । ପୁନଶ୍ଚ ବୈଠକରେ ଶିଶୁ ସୁରକ୍ଷା ନିମନ୍ତେ ନୂତନ ଭାବେ କାର୍ଯ୍ୟକାରୀ ହେଉଥିବା ରାଜ୍ୟ ସରକାରଙ୍କ ଆଶୀର୍ବାଦ ଯୋଜନାର ସଠିକ ଓ ସୁନିଶ୍ଚିତ କାର୍ଯ୍ୟକାରିତା ଯେପରି ସମସ୍ତଙ୍କ ଯୋଗ୍ୟ ହିତାଧିକାରୀଙ୍କ ପାଖରେ ପହଂଚି ପାରିବ ସେଥି ପ୍ରତି ବିଶେଷ ଯତ୍ନବାନ ହେବାକୁ ସମ୍ପୃକ୍ତ ଅଧିକାରୀଙ୍କୁ ପରାମର୍ଶ ଦେଇଛନ୍ତି । ଉଲ୍ଲେଖ ଯୋଗ୍ୟ ଯେ, ଜିଲ୍ଲାରେ ଏପର୍ଯ୍ୟନ୍ତ ୨୭ ଜଣ ଅନାଥ ଶିଶୁ ଓ ୭୫୯ଜଣ ଯେଉଁମାନେ ପରିବାରର ମୁଖ୍ୟ ରୋଜଗାରକ୍ଷମ ବ୍ୟକ୍ତିଙ୍କୁ ହରାଇଛନ୍ତି । ସର୍ବମୋଟ ୭୮୬ ଜଣ ଶିଶୁ ପ୍ରଥମ ପର୍ଯ୍ୟାୟ ସମାପ୍ତ ପରେ ଆଶୀର୍ବାଦ ଯୋଜନା ନିମନ୍ତେ ଚିହ୍ନଟ ହୋଇଥିବା ବେଳେ ୭୨ଟି ଦରଖାସ୍ତ ଏହି ଯୋଜନା ନିମନ୍ତେ ବିଭାଗ ଦ୍ୱାରା ଗ୍ରହଣ କରାଯାଇଥିବା ଡ଼ି ସି ପି ଓ ସୂଚନା ପ୍ରଦାନ କରିଛନ୍ତି । ବୈଠକରେ ଜିଲ୍ଲା ଶିଶୁ ସୁରକ୍ଷା ଅଧିକାରୀ ଚତୁର୍ଭୁଜ ଦାସ ପ୍ରାରମ୍ଭିକ ସୂଚନା ଦେବା ସହ ଆଶୀର୍ବାଦ ଯୋଜନାର ରୂପରେଖ ତଥା ବିସ୍ତୃତ ତଥ୍ୟ ଉପସ୍ଥାପନା କରିଥିଲେ । ଏକ୍ସନଏଡ଼ ଜିଲ୍ଲା ସଂଯୋଜକ (ପରାମର୍ଶଦାତା) ବାଲ୍ୟ ବିବାହ ଶ୍ରୀ ରାକେଶ ପ୍ରଧାନ ପି.ପି.ପି ଜରିଆରେ ଜିଲ୍ଲାରେ ବାଲ୍ୟ ବିବାହ ସମ୍ବନ୍ଧରେ ବିସ୍ତୃତ ଆଲୋଚନା କରିଥିଲେ । ଚାଇଲଡ ଲାଇନ ନିର୍ଦ୍ଦେଶକ ଶ୍ରୀ ଅନଙ୍ଗ କୁମାର ନେଗୀ ଚାଇଲଡ ଲାଇନ ସମ୍ବନ୍ଧରେ ବୈଠକରେ ବିଭିନ୍ନ କାର୍ୟକ୍ରମର ସୂଚନା ଦେଇଥିଲେ । ଏହି କାର୍ଯ୍ୟକ୍ରମରେ ପିଡ଼ିଡ଼ିଆରଡ଼ିଏ ଶ୍ରୀ ଡୋଳାମଣି ପଟେଲ, ଅତିରିକ୍ତ ଜିଲ୍ଲାପାଳ ନିଶିପୁନମ ମିଞ୍ଜ, ଅତିରିକ୍ତ ଆରକ୍ଷୀ ଅଧିକ୍ଷକ ଜେ.ଜେ ପଟେଲ, ଯୋଗ ଦେଇ ନିଜ ନିଜର ମତାମତ ପ୍ରଦାନ କରିଥିଲେ । ଶ୍ରୀ ବିଜୟ ବିଶ୍ୱାଳ ଧନ୍ୟବାଦ ଅର୍ପଣ କରିଥିଲେ । ବୈଠକରେ ଜିଲ୍ଲା ସ୍ତରୀୟ ଅଧିକାରୀ, ଡ଼ି ଏସ ଡବ୍ଲୁ ଓ ଅନିତା ଗୁରୁ, ଶିଶୁ ମଙ୍ଗଳ କମିଟି ଅଧକ୍ଷ୍ୟ ଶ୍ରୀ ହିମାଂଶୁ ଭୂଷଣ ନାୟକ, ସାମାଜିକ ସୁରକ୍ଷା ଅଧିକାରୀ ଗୋବିନ୍ଦ ବଲ୍ଲଭ ଷଡ଼ଙ୍ଗୀ, ସି.ଏସ ଓ ପବିତ୍ର କୁମାର ସାହୁ, ଡ଼ି.ପି.ଓ ଇପ୍ସିତା ମିଶ୍ର, ଅତିରିକ୍ତ ଶିକ୍ଷା ଅଧିକାରୀ ରାଧାକାନ୍ତ ଗଡ଼ତ୍ୟା, ପ୍ରିନସିପାଲ ପାଲିଟେକନିକ ଗୌର ହରି ସାହୁ, ତଥା ସମସ୍ତ ସି ଡି ପି ଓ ପ୍ରମୁଖ ଙ୍କ ସହ ଜିଲ୍ଲା ଚାଇଲଡ ଲାଇନର କର୍ମକର୍ତ୍ତା ଓ ଶିଶୁ ସୁରକ୍ଷା ବିଭାଗର କର୍ମକର୍ତ୍ତା ପ୍ରମୁଖ ଯୋଗ ଦେଇଥିଲେ ।

## ବିପର୍ଯ୍ୟୟ ପରିଚାଳନା ପାଠ୍ୟକ୍ରମ ଉଦଘାଟିତ

ସମ୍ବଲପୁର : ଓଡ଼ିଶା ରାଜ୍ୟ ମୁକ୍ତ ବିଶ୍ୱବିଦ୍ୟାଳୟ ଓ ରାଷ୍ଟ୍ରୀୟ ବିପର୍ଯ୍ୟୟ ପ୍ରଶମନ ପ୍ରାଧିକରଣର ମିଳିତ ସହଯୋଗରେ ବିପର୍ଯ୍ୟୟ ପରିଚାଳନା ସମ୍ବନ୍ଧୀୟ ଦୁଇଟି ଅନଲାଇନ ପାଠ୍ୟକ୍ରମ ଉଦଘାଟିତ ହୋଇଯାଇଛି । ଓଡ଼ିଶା ରାଜ୍ୟ ମୁକ୍ତ ବିଶ୍ୱବିଦ୍ୟାଳୟ କୁଳପତି ପ୍ରଫେସର ଡକ୍ଟର ଅର୍କ କୁମାର ଦାସ ମହାପାତ୍ରଙ୍କ ଅଧକ୍ଷତାରେ ଆୟୋଜିତ ଉତ୍ସବରେ ଡେଭଲପମେଣ୍ଟ କମିଶନର ଏବଂ ଅତିରିକ୍ତ ମୁଖ୍ୟ ଶାସନ ସଚିବ ପ୍ରଦୀପ କୁମାର ଜେନା ମୁଖ୍ୟ ଅତିଥି ଓ ବିହାର ରାଜ୍ୟ ବିପର୍ଯ୍ୟୟ ପରିଚାଳନା ପ୍ରାଧିକରଣର ପୂର୍ବତନ ଉପାଧକ୍ଷ ଅନିଲ କୁମାର ସିହ୍ନା ସମ୍ମାନିତ ଅତିଥି ଭାବରେ ଯୋଗ ଦେଇଥିଲେ । ବିଶ୍ୱବିଦ୍ୟାଳୟର ଶୈକ୍ଷିକ ପରାମର୍ଶଦାତା ତଥା ପାଠ୍ୟକ୍ରମର ସଂଯୋଜକ ଡକ୍ଟର ସୟଦ୍ ତୈଫୁଲ୍ଲର ରେହମାନ୍ ଡିପ୍ଲୋମା ଇନ୍ ଡିଜାଷ୍ଟର ମ୍ୟାନେଜମେଣ୍ଟ ଫର ଡିଜାଷ୍ଟର ଭିକ୍ଟିମ୍ ପାଠ୍ୟକ୍ରମ ବିଷୟରେ ସୂଚନା ପ୍ରଦାନ କରିଥିଲେ । ଓଡ଼ିଶା ରାଜ୍ୟ ମୁକ୍ତ ବିଶ୍ୱବିଦ୍ୟାଳୟ ଓ ଓଡ଼ିଶା ରାଜ୍ୟ ବିପର୍ଯ୍ୟୟ ପରିଚାଳନା କର୍ତ୍ତୃପକ୍ଷର ମିଳିତ ଉଦ୍ୟମରେ ଭବିଷ୍ୟତରେ ବିପର୍ଯ୍ୟୟ ପରିଚାଳନା ସମ୍ପର୍କୀତ କାର୍ଯ୍ୟକ୍ରମ କରାଯିବା ଏହି ଡିପ୍ଲୋମା ପାଠ୍ୟକ୍ରମ ଗୋଟିଏ ବର୍ଷର ହୋଇଥିବା ବେଳେ ସାର୍ଟିଫିକେଟ ପାଠ୍ୟକ୍ରମ ତିନିମାସର ବୋଲି ଜଣାପଡିଛି । ଶେଷରେ ବିଶ୍ୱବିଦ୍ୟାଳୟ କୁଳସଚିବ ଡକ୍ଟର ମାନସ ରଞ୍ଜନ ପୂଜାରୀ ଧନ୍ୟବାଦ ଅର୍ପଣ କରିଥିଲେ ।

## ବିଶ୍ୱ ହେପାଟାଇଟିସ୍ ଦିବସ ପାଳିତ

ସମ୍ବଲପୁର: ଚନ୍ଦନନଗର ଠାରେ ଗ୍ରାମ ବିକାଶ ସଂଗଠନ ପରିଚାଳିତ ସହରାଞ୍ଚଳ ଭ୍ରାମ୍ୟମାଣ ସ୍ୱାସ୍ଥ୍ୟ ସେବା ୟୁନିଟ ପକ୍ଷରୁ ବିଶ୍ୱ ହେପାଟାଇଟିସ୍ ଦିବସରେ ବ୍ୟାପକ ସଚେତନତା କରାଯାଇ ଥିଲା । ଡାକ୍ତର ରାଜାରାମ ଷଡଙ୍ଗୀ ଲୋକଙ୍କୁ ସଚେତନ କରାଇଥିଲେ । ଏଏନଏମ ଚଳେଶ୍ୱରୀ ନାଏକ ପ୍ରାରମ୍ଭିକ ସୂଚନା ଦେଇଥିବା ବେଳେ ଫାର୍ମାସିଷ୍ଟ ସଞ୍ଜିବ କୁମାର ପ୍ରଧାନ ପ୍ରମୁଖ ଏଥିରେ ଯୋଗ ଦେଇଥିଲେ ।

### ଗ୍ରାହକମାନଙ୍କ ପାଇଁ ବିଶେଷ ସୂଚନା

ସାପ୍ତାହିକ 'ସ୍ୱୀକାର' ନେବା ପାଇଁ ଆଗ୍ରହୀ ଗ୍ରାହକମାନେ ତାଙ୍କର ଦେୟ କାନାରା ବ୍ୟାଙ୍କ ସମ୍ବଲପୁର ଶାଖାର ଏକାଉଣ୍ଟ ନମ୍ବର ୦୧୮୫୨୦୧୦୨୧୫୩୮, ଆଇଏଫସି କୋଡ- ସିଏନ୍ଆର୍ବି ୦୦୦୦୧୮୫ ରେ ଏନଇଏଫଟି, ଆରଟିଜିଏସ୍ ମାଧ୍ୟମରେ ଜମା କରି ପାରିବେ ।

### Subscription Rate of The Sweekar

| | | |
|---|---|---|
| Life Member | - | Rs.5000.00 |
| Annual | - | Rs. 500.00 |
| Half-yearly | - | Rs. 250.00 |
| Quarterly | - | Rs. 120.00 |

### Advertisement Tariff of The Sweekar

| | | |
|---|---|---|
| Full Page | - | Rs. 2,00,000.00 |
| Half Page | - | Rs. 1,00,000.00 |
| Quarter Page | - | Rs. 50,000.00 |

Colour Advertisement - 100% Extra

# 'ନବୀନ'ର ୯୨ ତମ ପ୍ରତିଷ୍ଠା ଦିବସ ପାଳିତ




ବ୍ରହ୍ମପୁର : ସାପ୍ତାହିକ 'ନବୀନ' ସମ୍ବାଦପତ୍ରର ୯ ୨ ତମ ସ୍ୱନକ୍ଷତ୍ର ଦିବସ ପାଳନ ଅବସରରେ ଏକ ସ୍ୱତନ୍ତ୍ର ସଂଖ୍ୟା ଉନ୍ମୋଚିତ ହୋଇଯାଇଛି । 'ନବୀନ'ର ସମ୍ପାଦକ ରବି ରଥଙ୍କ ଅଧ୍ୟକ୍ଷତାରେ ଅନୁଷ୍ଠିତ ଏହି ନିରାଡ଼ମ୍ବର କାର୍ଯ୍ୟକ୍ରମରେ ବରିଷ୍ଠ ଭେଷଜବିତ ପ୍ରଫେସର ଡାକ୍ତର ପି.ସି. ସାହୁ ମୁଖ୍ୟ ଅତିଥି, ପ୍ରାକ୍ତନ ଅଧ୍ୟକ୍ଷ ତଥା ନାଟ୍ୟକାର ମେଜର ରମାରମଣ ପାଢ଼ୀ ମୁଖ୍ୟବକ୍ତା, ବର୍ଷିୟାନ କବି କୃଷ୍ଣଚନ୍ଦ୍ର ତ୍ରିପାଠୀ ଓ ବରିଷ୍ଠ ଜଳବାୟୁ ବୈଜ୍ଞାନିକ ଡକ୍ଟର ଡମ୍ବରୁଧର ସାହୁ ସମ୍ମାନିତ ଅତିଥି ଭାବେ ଯୋଗଦେଇଥିଲେ । ଏହି ଅବସରରେ ବରିଷ୍ଠ ସମାଜସେବୀ ତଥା ଭଗବତ୍ ଚାରିଟେବୁଲ ଟ୍ରଷ୍ଟର ପ୍ରତିଷ୍ଠାତା ସଭାପତି ଏସ୍. ପ୍ରକାଶ ଚନ୍ଦ୍ର ପାତ୍ର, କରମ୍ବା କମାଣ୍ଡୋ ସ୍ୱେଚ୍ଛାସେବୀ ଅନୁଷ୍ଠାନର ପ୍ରତିଷ୍ଠାତା ରାମକୃଷ୍ଣ ପାତ୍ର ଓ ଖୋର୍ଦ୍ଧାର ବରିଷ୍ଠ ସାମ୍ବାଦିକ ତଥା ସ୍ତମ୍ଭକାର ଉମା ଶଙ୍କର ପ୍ରସାଦଙ୍କୁ 'ନବୀନ'ର ପ୍ରତିଷ୍ଠାତା କୃପାସିନ୍ଧୁ ନରେନ୍ଦ୍ର ଦେବଙ୍କ ଉଦ୍ଦେଶ୍ୟରେ ସ୍ମୃତି ସମ୍ମାନ ପ୍ରଦାନ କରାଯାଇଥିଲା । ନବୀନର ସହ ସମ୍ପାଦକ ସୁଶାନ୍ତ କର କାର୍ଯ୍ୟକ୍ରମ ସଂଯୋଜନା କରିଥିବା ବେଳେ କପିଳ ଚନ୍ଦ୍ର ମହାନ୍ତି ସ୍ୱାଗତ ଭାଷଣ ଦେଇଥିଲେ । ସାମ୍ବାଦିକ ରଞ୍ଜନ କୁମାର ସାହୁ, ପବିତ୍ର କୁମାର ଚୌଧୁରୀ, ବନ୍ଦନା ମହାପାତ୍ର, ସରିତା ପଣ୍ଡା, ବସନ୍ତ କୁମାର ଅଧିକାରୀ, ରୋଟାରୀ କ୍ଲବର ସଭାପତି କାମରାଜୁ ମହାରଣା, ମାନସ ରଞ୍ଜନ ତ୍ରିପାଠୀ, ଶିକ୍ଷାବିତ ରାଜେନ୍ଦ୍ର ପ୍ରସାଦ ପାଣିଗ୍ରାହୀ ପ୍ରମୁଖ ଆଲୋଚନାରେ ଅଂଶ ଗ୍ରହଣ କରିଥିଲେ । ଶେଷରେ ବନ୍ଦନା ମହାପାତ୍ର ଧନ୍ୟବାଦ ଅର୍ପଣ କରିଥିଲେ ।

# ନକଲି ହେଲ୍‌ମେଟ୍ ସଚେତନତା କାର୍ଯ୍ୟକ୍ରମ



ସମ୍ବଲପୁର : ଫୋରମ୍ ଫର ପ୍ରିଭେନସନ୍ ଅଫ୍ ରୋଡ୍ ଆକ୍ସିଡେଣ୍ଟ ଅନୁଷ୍ଠାନ ପକ୍ଷରୁ ନକଲି ହେଲମେଟ ସଚେତନତା କାର୍ଯ୍ୟକ୍ରମ ଅନୁଷ୍ଠିତ ହୋଇ ଯାଇଛି । ଏହି କାର୍ଯ୍ୟକ୍ରମରେ ସମ୍ବଲପୁର ଏସ୍.ପି ବି ଗଙ୍ଗାଧର ମୁଖ୍ୟ ଅତିଥି ଭାବେ ଯୋଗ ଦେଇଥିଲେ । ହେଲ୍‌ମେଟର ଗୁରୁତ୍ୱ ବହୁତ ରହୁଥିବାରୁ ଏହାକୁ ରାସ୍ତା କଡ଼ରୁ ନକଲି ହେଲମେଟ୍ ନ କିଣି ସୋ' ରୁମରୁ ହେଲମେଟ୍ କିଣିବା ପାଇଁ ଏସ୍.ପି ଲୋକମାନଙ୍କୁ ନିବେଦନ କରିଥିଲେ । ଏସ୍.ପି ଏକ ନକଲି ହେଲମେଟକୁ ହାତୁଡିରେ ଭାଙ୍ଗି ଲୋକଙ୍କୁ ସଚେତନ କରିଥିଲେ । ଯେଉଁଠାରୁ ହେଲମେଟ କିଣିଲେ ବି ନିଶ୍ଚିତ ଭାବେ ବିଲ୍ ଆଣିବାକୁ ସେ ଜନସାଧାରଣଙ୍କୁ ପରାମର୍ଶ ମଧ ଦେଇଥିଲେ । ଏହି କାର୍ଯ୍ୟକ୍ରମରେ ଟ୍ରାଫିକ୍ ଡିଏସପିଙ୍କ ସମେତ ଅନ୍ୟ ପୁଲିସ ଅଧିକାରୀମାନେ ଉପସ୍ଥିତ ଥିଲେ ।

# ୫୩ତମ ସଂସ୍କୃତି ଚର୍ଚ୍ଚା ସମାରୋହ



ଭୁବନେଶ୍ୱର : ଓଡ଼ିଶା ରାଜ୍ୟ ଅଭିଲେଖାଗାରରେ ୫୩ ତମ ସଂସ୍କୃତି ଚର୍ଚ୍ଚା ସମ୍ମାନ ଇଣ୍ଟରନେଟର ଦୃଶ୍ୟଶ୍ରାବ୍ୟ ମାଧମରେ ଅନୁଷ୍ଠିତ ହୋଇ ଯାଇଛି । ଏହି ଉତ୍ସବରେ ଓଡ଼ିଆ ଭାଷା ସାହିତ୍ୟ ଓ ସଂସ୍କୃତି ବିଭାଗର କମିଶନର ତଥା ଶାସନ ସଚିବ ଡକ୍ଟର ସୁରେଶ କୁମାର ଦଳେଇ ମୁଖ୍ୟ ଅତିଥି ଓ ବିଶିଷ୍ଟ ସୁନାମଧନ୍ୟ ସାରସ୍ୱତ ସାଧକ ଡାକ୍ତର କୃଷ୍ଣକେଶବ ଷଡ଼ଙ୍ଗୀ ମୁଖ୍ୟ ବକ୍ତା ଭାବରେ ଯୋଗଦେଇ ଥିଲେ । ନିର୍ଦ୍ଦେଶକ ତଥା ଅତିରିକ୍ତ ଶାସନ ସଚିବ ରଞ୍ଜନ କୁମାର ଦାସଙ୍କ ଅଧ୍ୟକ୍ଷତାରେ ଆୟୋଜିତ ସମ୍ମାନରେ ଓଡ଼ିଶା ରାଜ୍ୟ ଅଭିଲେଖାଗରର ଅଧୀକ୍ଷକ ଡକ୍ଟର ଶେଖ୍ ସୋଲେମାନ ଅଲ୍ଲୀ ସ୍ୱାଗତ ଭାଷଣ ଏବଂ ଅଭିଲେଖାଗାରର ଉପେନ୍ଦ୍ର କୁମାର ଧନ୍ୟବାଦ ଅର୍ପଣ କରିଥିଲେ ।

# ଆଗାମୀ ଦିନରେ ଝାରସୁଗୁଡ଼ା ଏକ ହେଲ୍‌ଥ ହବ ହେବ: ସ୍ୱାସ୍ଥ୍ୟମନ୍ତ୍ରୀ


ଝାରସୁଗୁଡ଼ା : ଆଗାମୀ ଦିନରେ ଝାରସୁଗୁଡ଼ା ଏକ ହେଲଥ୍ ହବ୍ ହେବ ବୋଲି ସ୍ୱାସ୍ଥ୍ୟମନ୍ତ୍ରୀ ନବ କିଶୋର ଦାସ କହିଛନ୍ତି । ସହରର କାଳୀବାଡ଼ିଠାରେ ଏକ ଟିକାକରଣ କ୍ୟାମ୍ପକୁ ଉଦ୍‌ଘାଟନ କରିବା ଅବସରରେ ମୁଖ୍ୟ ଅତିଥି ଶ୍ରୀ ଦାସ କହିଥିଲେ ଯେ, ଝାରସୁଗୁଡ଼ା ଭଳି ଜିଲ୍ଲାରେ କରୋନାଜନିତ ବାଧା ଓ ପ୍ରତିବନ୍ଧକ ସତ୍ତ୍ୱେ କାର୍ଡିଆକ୍ କେୟାର୍ ଡାକ୍ତରଖାନାର କାମ ଶୀଘ୍ର ଶେଷ ହେବ ଏବଂ ମୁଖ୍ୟମନ୍ତ୍ରୀଙ୍କ ଦ୍ୱାରା ଏହା ଉଦଘାଟିତ ହେବ । ଏଥିସହ କ୍ୟାନସର୍ ଡାକ୍ତରଖାନା କାର୍ଯ୍ୟ ମଧ ଆଗେଇ ଚାଲିଛି । ଏହି ଅବସରରେ ଦୁଇ ଶତାଧିକ ଲୋକ ଟିକା ନେଇଥିଲେ । କୋଭିଡ୍ ମୁକାବିଲା କ୍ଷେତ୍ରରେ ଉଲ୍ଲେଖନୀୟ ଭୂମିକା ଓ ସେବା ପାଇଁ




ସିଡିଏମ୍ଓ ଡାକ୍ତର ଲାଲମୋହନ ରାୟଗୁରୁ, ଏଡିଏମ୍ଓ ଡାକ୍ତର ସୁପ୍ରଭା ବାରିକ, ଏପିଏମ୍ ଶୁଭ୍ରକାନ୍ତ ପଣ୍ଡାଙ୍କ ସମେତ ସ୍ୱାସ୍ଥ୍ୟ ବିଭାଗର କର୍ମଚାରୀଙ୍କୁ ସମ୍ବର୍ଦ୍ଧିତ କରାଯାଇଥିଲା । 'ହମ୍', କାଳୀବାଡ଼ି ଦୁର୍ଗାପୂଜା କମିଟି, ବଙ୍ଗାଳି ସମିତି, ବିବେକାନନ୍ଦ ସେବା ସଂସଦ, ସଂଗିନୀ ଲେଡିଜ ଫୋରମ ଏବଂ ଜିଲ୍ଲା ସ୍ୱାସ୍ଥ୍ୟ ବିଭାଗ ଆନୁକୂଲ୍ୟରେ ଆୟୋଜିତ ଆଜିର କାର୍ଯ୍ୟକ୍ରମରେ ତାପସରାୟ ଚୌଧୁରୀ ସଂଯୋଜନା କରିଥିବା ବେଳେ ସନ୍ଦୀପ ଅଗ୍ନିହୋତ୍ରୀ, ଏସ୍‌କେ ଚକ୍ରବର୍ତ୍ତୀ, ସରିତା ଅଗ୍ରୱାଲ ପ୍ରମୁଖ ଉଦବୋଧନ ଦେଇଥିଲେ । ଆୟୋଜକଙ୍କ ପକ୍ଷରୁ ସ୍ୱାସ୍ଥ୍ୟମନ୍ତ୍ରୀଙ୍କୁ ସମ୍ବର୍ଦ୍ଧିତ କରାଯାଇଥିଲା ।

# ଏମ୍‌ସିଏଲ୍‌କୁ ୨ ଟି ପିଏସ୍‌ୟୁ ଆୱାର୍ଡ





ବୁର୍ଲା : ଅଷ୍ଟମ ପିଏସ୍‌ୟୁ ପୁରସ୍କାର ଉତ୍ସବରେ ମହାନଦୀ କୋଲଫିଲ୍ଡ ଲିମିଟେଡକୁ ୨ ଟି ପୁରସ୍କାର ମିଳିଛି । ଏମସିଏଲର ଅଧ୍ୟକ୍ଷ ତଥା ପରିଚାଳନା ନିର୍ଦ୍ଦେଶକ ପି.କେ. ସିହ୍ନା 'ସିଏମଡି ଲିଡରସିପ୍ ଆୱାର୍ଡ' ଲାଭ କରିଛନ୍ତି । ସେହିପରି ଏମସିଏଲକୁ 'ସିଏସଆର ଲିଡର ଅଫ୍ ଦି ୟର' ପୁରସ୍କାର ମିଳିଛି । ପୁଦୁଚେରିରୁ ପୂର୍ବତନ ରାଜ୍ୟପାଳ କିରଣ ବେଦୀ ଅତିଥି ଭାବରେ ଯୋଗ ଦେଇ ଶ୍ରୀ ସିହ୍ନାଙ୍କୁ ପୁରସ୍କୃତ କରିଥିଲେ । ଏମ୍.ସି.ଏଲ୍‌ର ନିର୍ଦ୍ଦେଶକ ଓ.ପି ସିଂହ ଶ୍ରୀ ସିହ୍ନାଙ୍କ ତରଫରୁ ଏହି ପୁରସ୍କାର ଗ୍ରହଣ କରିଥିଲେ । ସେହିପରି କାର୍ମିକ ନିର୍ଦ୍ଦେଶକ କେଶବ ରାଓ ସି.ଏସ୍.ଆର୍ ନେତୃତ୍ୱ ପୁରସ୍କାର ଗ୍ରହଣ କରିଥିଲେ ।

# ପୋର୍ଟ ବ୍ଲେଆର ଆନ୍ତର୍ଜାତୀୟ ଚଳଚ୍ଚିତ୍ର ମହୋତ୍ସବରେ 'ଦ ଡିଭାଇନ ଡକ୍ଟର'

ସମ୍ବଲପୁର : ଗୀତାଞ୍ଜଳି ଫିଲ୍ମ ବେନରରେ ନିର୍ମିତ ଗୌତମ ମିଶ୍ରଙ୍କ ଦ୍ୱିତୀୟ ପ୍ରାମାଣିକ ଚଳଚ୍ଚିତ୍ର 'ଦ ଡିଭାଇନ ଡକ୍ଟର' ପୋର୍ଟ ବ୍ଲେଆର ଆନ୍ତର୍ଜାତୀୟ ଚଳଚ୍ଚିତ୍ର ମହୋତ୍ସବରେ ପ୍ରଦର୍ଶିତ ପାଇଁ ମନୋନୀତ ହୋଇଛି । ଉକ୍ତ ଚଳଚ୍ଚିତ୍ର ପୂର୍ବରୁ ଜୟପୁର ଆନ୍ତର୍ଜାତୀୟ ଚଳଚ୍ଚିତ୍ର ମହୋତ୍ସବ, ମହାରାଷ୍ଟ୍ର ଆନ୍ତର୍ଜାତୀୟ ଚଳଚ୍ଚିତ୍ର ମହୋତ୍ସବ ଏବଂ ରୋମ ପ୍ରିସ୍ମା ଆୱାର୍ଡ (ଇଟାଲୀ) ରେ ମନୋନୀତ ହୋଇସାରିଛି ।



ସୂଚନାଯୋଗ୍ୟ ଯୁବ ନିର୍ଦେଶକ ତଥା ପ୍ରଯୋଜକ ଶ୍ରୀ ମିଶ୍ରଙ୍କ ପ୍ରଥମ କ୍ଷୁଦ୍ର ଚଳଚ୍ଚିତ୍ର 'ଖଡ଼ିଛୁଆ' ଦେଶର ବିଭିନ୍ନ ଚଳଚ୍ଚିତ୍ର ମହୋତ୍ସବରେ ପ୍ରଦର୍ଶିତ ହୋଇ ପୁରସ୍କୃତ ହୋଇଛି । ଦ୍ୱିତୀୟ ଚଳଚ୍ଚିତ୍ର 'ଦ ଡିଭାଇନ ଡକ୍ଟର' ମଧ ତାର ଯାତ୍ରା ସଫଳତାର ସହିତ ଆରମ୍ଭ କରିଛି । ଏହି ଚଳଚ୍ଚିତ୍ର ସତ୍ୟ ଘଟଣା ଉପରେ ଆଧାରିତ । କୀଟନାଶକ ଜନିତ ଆତ୍ମହତ୍ୟା ସମଗ୍ର ବିଶ୍ୱପାଇଁ ଏକ ଜଟିଳ ସାମାଜିକ ସମସ୍ୟା ଆଟେ । ସମଗ୍ର ବିଶ୍ୱରେ ପ୍ରତି ବର୍ଷ ଲକ୍ଷ ଲକ୍ଷ ଲୋକ କୀଟନାଶକ ପିଇ ପ୍ରାଣ ହରାଉଛନ୍ତି । ସେମାନଙ୍କ ମଧରୁ ଅଧିକାଂଶ ଚାଷ ସହିତ ସଂପୃକ୍ତ । ଏହି ଆତ୍ମହତ୍ୟା ଗୁଡିକ ରୋକାଯାଇ ପାରେ କି ? ଏହି ବିଷୟବସ୍ତୁ ନେଇ ଦ ଡିଭାଇନ ଡକ୍ଟର ନିର୍ମିତ ।




# ବଲାଙ୍ଗୀରରେ ବିଶ୍ୱାତ୍ମ ଚେତନା ପରିଷଦର ଗୁରୁପୂର୍ଣ୍ଣିମା ଉତ୍ସବ

ବଲାଙ୍ଗୀର : ବିଶ୍ୱାତ୍ମ ଚେତନା ପରିଷଦ ପକ୍ଷରୁ ଦୁଇଦିନ ଧରି ଗୁରୁପୂର୍ଣ୍ଣିମା ଉତ୍ସବ ପରମହଂସ ସ୍ୱାମୀ ସତ୍ୟପ୍ରଜ୍ଞାନନ୍ଦ ସରସ୍ୱତୀଙ୍କ ଉପସ୍ଥିତିରେ ପାଳିତ ହୋଇଯାଇଛି । ପ୍ରଥମ ଦିନ ପରିଷଦର ସାଧାରଣ ସମ୍ପାଦକ ସ୍ୱାମୀ ସତ୍ୟବେଦାନନ୍ଦ ସରସ୍ୱତୀଙ୍କ ତତ୍ତ୍ୱାବଧାନରେ ଭଜନ ଓ ସତସଂଗ କାର୍ଯ୍ୟକ୍ରମ ଅନୁଷ୍ଠିତ ହୋଇଥିଲା । ଗୁରୁପୂର୍ଣ୍ଣିମା ଦିନ ଗୁରୁଶିଷ୍ୟ ପରମ୍ପରା ଅନୁସାରେ ଆଶ୍ରମର ସନ୍ୟାସୀ ଶିଷ୍ୟମାନଙ୍କ ଦ୍ୱାରା ଗୁରୁପୂଜନ ସମ୍ପନ୍ନ ହୋଇଥିଲା । ପ୍ରତିବର୍ଷ ପରି ଚଳିତ ବର୍ଷ ପରିଷଦ ପକ୍ଷରୁ ଛତିଶଗଡ଼ ସ୍ଥିତ ରାୟଗଡ଼ର ସୁନୀଲ ବଂସଲଙ୍କୁ 'ବିଶ୍ୱାତ୍ମ ଚେତନା ସମ୍ମାନ', ସୁରେଶ ଶର୍ମାଙ୍କୁ 'କର୍ମଯୋଗୀ ସମ୍ମାନ', ବଲାଙ୍ଗୀରର ଦିନେଶ ପ୍ରସାଦ ଗୁପ୍ତାଙ୍କୁ 'ବିଶିଷ୍ଟ କର୍ମଯୋଗୀ ସମ୍ମାନ' ଓ କଳାହାଣ୍ଡି ଜିଲ୍ଲାର ବାନେରର ଶ୍ରୀମତୀ ପଦ୍ମାଳୟା ପାଢ଼ୀଙ୍କୁ 'ପ୍ରଜ୍ଞାଶକ୍ତି ସମ୍ମାନ' ପ୍ରଦାନ କରାଯାଇଥିଲା । ସମଗ୍ର କାର୍ଯ୍ୟକ୍ରମ କୋଭିଡ ନିୟମ ପୂର୍ବକ ପାଳନ କରାଯାଇଥିଲା ।




Printed, Published and Owned by Hemanta Kumar Mahapatra, Printed at Impressions Press, Sambalpur, Office Phone: 0663-2400945
e-mail: hemantamahapatra@yahoo.com Editor : Hemanta Kumar Mahapatra